

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୮ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 FEBRUARY 2023

Vol.No. 34 ■ No. 37 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଭୂକମ୍ପରେ ପୁଣି ଦୋହଲିଲା ତୁର୍କୀ : ଗଲାଣି ୫ ହଜାରରୁ ଅଧିକ ଲୋକଙ୍କ ଜୀବନ



ନୂଆଦିଲ୍ଲୀ,୦୭/୦୨ : ତୁହା କୁ ତୁହା ଆସୁଛି ଭୂମିକମ୍ପ। ଦୋହଲିବାରେ ଲାଗିଛି ତୁର୍କୀ। ଗତ ୨୪ ଘଣ୍ଟା ମଧ୍ୟରେ ୪ ଥର ଭୂମିକମ୍ପର ଝଟ୍‌କା ଅନୁଭୂତ ହେଲାଣି। ମଙ୍ଗଳବାର ଆସିଥିବା ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୬ ରେକର୍ଡ କରାଯାଇଛି। ତେବେ ଏଥିରେ ବିଲ୍ଡିଂ ଓ ଅନ୍ୟ କୋଠା ଘର ଗୁଡିକ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ରୟଟର୍ସ ସୂଚନା ଦେଇଛି। ସୋମବାର ତୁର୍କୀ ଓ ସିରିୟାରେ ଆସିଥିବା ଶକ୍ତିଶାଳୀ ଭୂମିକମ୍ପ ପ୍ରଳୟ ରଚିଛି। ପ୍ରଥମେ ଭୋର ୪ଟାରେ ୭.୮ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏହାପରେ ୭.୫ ଓ ପରେ ୬ ତୀବ୍ରତାର ଭୂମିକମ୍ପରେ ଦୋହଲିଥିଲା ତୁର୍କୀ। ଫଳରେ ତୁର୍କୀରେ ଗତ ୨୪ ଘଣ୍ଟା ମଧ୍ୟରେ ୨୯୦୦ ଲୋକ ପ୍ରାଣ ହରାଇ ସାରିଲେଣି। ତୁର୍କୀ ଓ ସିରିୟାରେ ବର୍ତ୍ତମାନ ସୁଦ୍ଧା ୪୩୬୦ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏଥିସହ ହଜାର ହଜାର ଲୋକ ଏବେ ବି ନିଖୋଜ ଅଛନ୍ତି। ସେହିପରି ସହସ୍ର ସଂଖ୍ୟାରେ ଲୋକ ଆହତ ହୋଇଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ତେବେ ବାରମ୍ବାର ଆସୁଥିବା ଭୂମିକମ୍ପ ଯୋଗୁ ଏହା ପ୍ରଭାବିତ ହେବାରେ ଲାଗିଛି। ସେପଟେ ତୁହା କୁ ତୁହା ଆସୁଥିବା ଭୂମିକମ୍ପ ଯୋଗୁ ମୃତ୍ୟୁ ସଂଖ୍ୟା ୮ ଗୁଣା ବଢ଼ିପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛି। ତୁର୍କୀରେ ଭୟଙ୍କର ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୫ ହଜାର ପାର୍ କଲା, ସହାୟତା ପଠାଇଲା ଭାରତ ଭୂକମ୍ପ ଯୋଗୁ ତୁର୍କୀ ଓ ସିରିୟାରେ ହଜାର ହଜାର ଲୋକ ବାସହରା ହୋଇପଡିଛନ୍ତି। ଖୋଲା ଆକାଶ ତଳେ ସେମାନଙ୍କ ରାତି କଟୁଛି। ଗୋଟିଏ ପଟେ ଭୂମିକମ୍ପ ଆଉ ଗୋଟିଏ ପଟେ ପ୍ରବଳ ଥଣ୍ଡା ଯୋଗୁଁ ଲୋକଙ୍କ କଷ୍ଟ ଅସହ୍ୟ ହୋଇପଡିଛି। ବାସହରା ହୋଇଥିବା ଲୋକମାନେ ସପିଂ ମଲ୍, ଷ୍ଟାଡିୟମ, ମସ୍‌ଜିଦ ଓ ସାମୁଦାୟିକ କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। ଏଭଳି ଏକ ବିପର୍ଯ୍ୟୟ ସମୟରେ ତୁର୍କୀକୁ ସହାୟତାର ହାତ ବଢ଼ାଇଛି ଭାରତ। ପ୍ରଧାନମନ୍ତ୍ରୀଙ୍କ ଅଫିସ ତରଫରୁ ଭୂମିକମ୍ପ ଦ୍ୱାରା କ୍ଷତିଗ୍ରସ୍ତ ତୁର୍କୀକୁ ସହାୟତା ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯିବା ପରେ ଭାରତୀୟ ବାୟୁସେନା ପକ୍ଷରୁ ଏକ ଏୟାରକ୍ରାଫ୍ଟ ତୁର୍କୀ ଅଭିମୁଖେ ପଠାଯାଇଛି। ଏହି ବିମାନରେ ଏନଡିଆରଏଫ୍ ଟିମ୍, ଡଗ୍ ସ୍କ୍ୱାର୍ଡ, ମେଡିସିନ, ରିଲିଫ ସାମଗ୍ରୀ ଡ୍ରିଲ୍ ସାମଗ୍ରୀ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ଯନ୍ତ୍ରପାତି ପଠାଯାଇଛି। ଏହାବାଦ ଜର୍ମାନୀ, ଇସ୍ରାଏଲ, ଆମେରିକା, ବ୍ରିଟେନ ପ୍ରମୁଖ ରାଷ୍ଟ୍ର ତୁର୍କୀକୁ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଛନ୍ତି।

## ହାତରେ ବନ୍ଧୁକ ଧରି କ୍ରାଇମ୍ ସ୍ପଟରେ ଡେମୋ ଦେଖାଇଲା ଗୋପାଳ



ଭୁବନେଶ୍ୱର,୦୭/୦୨ (ନି.ପ୍ର): ସେହି ଛାତିଥରା ଅପରାଧର ଡେମୋ, ଯାହା କେବଳ ଓଡ଼ିଶା ନୁହେଁ ସାରା ଦେଶକୁ ଚହଲାଇ ଦେଇଥିଲା । ଜାନୁଆରୀ ୨୯ ତାରିଖ ଦିନ କଣ ଘଟିଥିଲା, କେମିତି ମନ୍ତ୍ରୀ ନବ ଦାସଙ୍କ ଛାତିକୁ ଅତି ପାଖରୁ ଗୁଳି ମାରି କିପରି ଏପଟ ସେପଟ ପାର୍ କରି ଦେଇଥିଲା, ଡେମୋ କରି ପୂରା ଘଟଣାକ୍ରମକୁ ଦେଖାଇଛି ଅଭିଯୁକ୍ତ ଗୋପାଳ ଦାସ । ଅପରାଧର ଏହି କାହାଣୀ ରାଜ୍ୟ ରାଜନୀତିରେ ଯେମିତି ବିରଳ ଥିଲା, ସିନ୍ ରିକ୍ରିଏସନ୍ ମଧ୍ୟ ପୁଲିସ ଇତିହାସରେ ଥିଲା ସେମିତି ରୋମାଂଚକର । କାରଣ ଏପରି ସିନ୍ ରିକ୍ରିଏସନ୍ର ଟିକିନିକି ଲାଇଭ୍ ଫୁଟେଜ୍ ପୂର୍ବରୁ କ୍ୱଚିତ ଦେଖିବାକୁ ମିଳିଛି । ସେଦିନର ଘଟଣାକୁ ସଂପୂର୍ଣ୍ଣ ଭାବେ ଚତ୍ରଣ କରିବାକୁ ପ୍ରୟାସ କରିଥିଲା କ୍ରାଇମ୍ବ୍ରାଂଚ । ନଜର ପକାଇବା ପୂରା ଘଟଣାକ୍ରମ ଉପରେ । ମନ୍ତ୍ରୀ ନବ ଦାସଙ୍କ ଗାଡ଼ି ଅଟକିଲା । ପୂରା ଘଟଣାକୁ ଅବିକଳ ଉତାରିବାକୁ ଉଦ୍ୟମ କରିଥିଲା କ୍ରାଇମବ୍ରାଂଚ । ପ୍ରଥମ ଦୃଶ୍ୟରେ ନବ ଦାସଙ୍କ ଗାଡ଼ି ଘଟଣା ସ୍ଥଳରେ ଅଟକିଥିଲା । ଦୁଇଟି ଗାଡ଼ି ଆଗପଛ ହୋଇ ଅଟକି ଥିଲା । ଲୋକଙ୍କ ଗହଳିଠାରୁ ପୂରା ପରିବେଶକୁ ସମାନ ରଖିବାକୁ ଚେଷ୍ଟା କରାଯାଇଥିଲା । କଡ଼ା ସୁରକ୍ଷା ବଳୟ ଭିତରେ ଅଭିଯୁକ୍ତ ଗୋପାଳ ଦାସଙ୍କୁ ଘଟଣା ସ୍ଥଳକୁ ଆଣିଥିଲା ପୁଲିସ । ଗୋପାଳ ମୁଣ୍ଡରେ ଗାମୁଛା ଗୁଡାଇଥିଲା । କ୍ରାଇମବ୍ରାଂଚ ଅଧିକାରୀଙ୍କୁ ପୂରା ଘଟଣା ବର୍ଣ୍ଣନା କରିଥିଲା ଅଭିଯୁକ୍ତ । କ୍ରାଇମ୍ ସିନ୍ ପାଇଁ ଗୋପାଳକୁ ପ୍ରସ୍ତୁତ କରିବା ପରେ ଆରମ୍ଭ ହୋଇଥିଲା ସିନ୍ ରିକ୍ରିଏସନ୍ । ବନ୍ଧୁକ ଧରି ସୁଯୋଗକୁ ଅପେକ୍ଷା କଲା ଗୋପାଳ । ଗାଡ଼ିର ଡୋର ଖୋଲିଲା ଗୋଟିଏ ଡେମୋ, ଅନ୍ୟଟି ସେଦିନ ଯାହା ସତରେ ଘଟିଥିଲା । ମନ୍ତ୍ରୀ ଘଟଣା ସ୍ଥଳରେ ପହଁଚିବା ପରେ ଗାଡ଼ି ଡୋର ଖୋଲିଲା । ସିନ୍ ରିକ୍ରିଏସନ୍ ବେଳେ ମନ୍ତ୍ରୀ ନବ ଦାସଙ୍କ ଭୂମିକାରେ ଥିଲେ ଜଣେ ପୁଲିସ ଅଧିକାରୀ । ମନ୍ତ୍ରୀଙ୍କୁ ଫୁଲମାଳ, ଗୋପାଳ ମାରିଲା ଗୁଳି ଏହିଠାରେ ଘଟିଥିଲା ସାଂଘାତିକ ଅପରାଧ । ସମର୍ଥକ ଫୁଲମାଳ ପିନ୍ଧାଉଥିବା ବେଳେ ଗୁଳିମାଡ଼ରେ ଟଳି ପଡିଥିଲେ ମନ୍ତ୍ରୀ ନବ ଦାସ । କିପରି ଭିଡ଼ ଆଡ଼େଇ ମନ୍ତ୍ରୀଙ୍କ ପାଖରେ ପହଁଚି ଗୁଳିମାଡ଼ କଲା, ପୂରା ଘଟଣାକୁ ▶▶ପୃଷ୍ଠା ୭

## ରାଜ୍ୟରେ କମିବ ଶୀତ, ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୦୭/୦୨ (ନି.ପ୍ର): ରାଜ୍ୟରେ ତାପମାତ୍ରା ବଢ଼ିବା ସହ ଶୀତର ପ୍ରକୋପ କମିବ। ଆଗକୁ ସର୍ବନିମ୍ନ ତାପମାତ୍ରା ୨ ଡିଗ୍ରୀ ବଢ଼ିବାକୁ ଥିବାବେଳେ ଶୀତ ଆହୁରି କମିବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିକେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍ .ଆର୍. ବିଶ୍ୱାସଙ୍କ ସୂଚନା ଅନୁସାରେ, ରାଜ୍ୟରେ ଆଗକୁ ଶୀତ କମିବ, ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨ ଡିଗ୍ରୀ ବୃଦ୍ଧି ପାଇବ। ଏହାସହ ପାଗ ସୁଖିଲା ରହିବ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପାଗ ସୁଖିଲା ରହିବାର ସମ୍ଭବନା ରହିଛି ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଗତ କିଛିଦିନ ହେବ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିଛି। ରାଜ୍ୟରେ ସକାଳ ଏବଂ ରାତିରେ ଅପେକ୍ଷାକୃତ ଶୀତ ଅନୁଭବ ହେଉଥିବା ବେଳେ ମଧ୍ୟାହ୍ନରେ ତାତି ଅନୁଭବ ହେଉଛି। ଗତ ଚାରି ପାଞ୍ଚଦିନ ହେବ ଶୀତ ଲେଉଟି ଥିଲେ ବି ସୋମବାର ଠାରୁ ମଧ୍ୟାହ୍ନରେ ଗ୍ରୀଷ୍ମ ଅନୁଭୂତ ହୋଇଛି। ଆଗକୁ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବାକୁ ଥିବାବେଳେ ଶୀତ ଆହୁରି କମିବାର ସମ୍ଭାବନା ରହିଛି।

## ମହାରାଷ୍ଟ୍ର କଂଗ୍ରେସକୁ ବଡ ଝଟକା, ଦଳର ସମସ୍ତ ପଦରୁ ଇସ୍ତଫା ଦେଲେ ବାଲାସାହେବ ଥୋରାତ



ନୂଆଦିଲ୍ଲୀ,୦୭/୦୨ : ମହାରାଷ୍ଟ୍ର କଂଗ୍ରେସର ପୂର୍ବତନ ଅଧକ୍ଷ ତଥା ଏବେର କଂଗ୍ରେସ ବିଧାୟକ ଦଳର ନେତା ବାଲାସାହେବ ଥୋରାତ ଆଜି ଦଳର ସମସ୍ତ ପଦରୁ ଇସ୍ତଫା ଦେଇଛନ୍ତି । ବାଲାସାହେବ ଥୋରାତ ସ୍ପଷ୍ଟ ଭାବେ ଦଳର ରାଜ୍ୟ ଅଧକ୍ଷ ନାନା ପଟୋଲେଙ୍କ ସହ କାମ କରିବାକୁ ମନା କରିଦେଇଛନ୍ତି । ଥୋରାତଙ୍କ ଇସ୍ତଫା ପରେ ଏବେ ମହାରାଷ୍ଟ୍ର କଂଗ୍ରେସର ଦଳୀୟ କନ୍ଦଳ ଚରମସୀମାରେ ପହଂଚିଛି । ଏହି କ୍ରମରେ କିଛି କଂଗ୍ରେସ ନେତା ନାନା ପଟୋଲେଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି । ଏହା ପୂର୍ବରୁ ବାଲାସାହେବ ଥୋରାତ ଦଳର ହାଇକମାଣ୍ଡଙ୍କୁ ଚିଠି ଲେଖି ନାନା ପଟୋଲେଙ୍କ ବିରୋଧରେ ଅଭିଯୋଗ କରିଥିଲେ । ସେ ତାଙ୍କ ଚିଠିରେ ଲେଖିଥିଲେ କି, ଏବେ ଦଳ ଭିତରେ ନାନା ପଟୋଲେଙ୍କ ସହ କାମ କରିବା କଷ୍ଟକର ହୋଇପଡିଛି । ସୂଚନା ଥାଉକି ମହାରାଷ୍ଟ୍ର ଏମଏଲସି ନିର୍ବାଚନ ସମୟରୁ ଏହି ବିବାଦ ଦେଖିବାକୁ ମିଳିଥିଲା । ବାଲାସାହେବ ଥୋରାତଙ୍କ ଭିଣୋଇ ତଥା ନାସିକର ପୂର୍ବତନ ଏମଏଲସି ସୁଧୀର ତାମ୍ବେ କଂଗ୍ରେସ ତରଫରୁ ପ୍ରାର୍ଥୀ ହେବାକୁ ମନା କରିଥିଲେ ଓ ତାଙ୍କ ପୁଅକୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢାଇଥିଲେ । ଫେବୃଆରୀ ୨ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା । ଏଥିରେ ସୁଧୀର ତାମ୍ବେଙ୍କ ପୁଅ ସତ୍ୟଜିତ୍ ତାମ୍ବେ ନିର୍ଦ୍ଦଳୀୟ ଭାବେ ନିର୍ବାଚନରେ ବିଜୟୀ ହୋଇଥିଲେ । ଏସବୁ ଭିତରେ ମହାରାଷ୍ଟ୍ର କଂଗ୍ରେସର ବିଧାୟକଦଳ ନେତା ବାଲାସାହେବ ଥୋରାତଙ୍କ ସମର୍ଥନ ତାଙ୍କ ଭିଣୋଇଙ୍କ ପ୍ରତି ରହିଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ଦଳ ପ୍ରଥମେ ସୁଧୀର ତାମ୍ବେ ଓ ତାଙ୍କ ପୁଅ ସତ୍ୟଜିତ ତାମ୍ବେଙ୍କୁ ନିଲମ୍ବିତ କରିଥିଲା ।

## ଦୁର୍ନୀତି ମାମଲାରେ ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜେଲ୍

ଭୁବନେଶ୍ୱର,୦୭/୦୨ (ନି.ପ୍ର): ବେଆଇନ ଭାବେ ଜୁନିଅର କିରାଣି, ଅମିନ ନିଯୁକ୍ତି ମାମଲାରେ ଗଜପତି ଜିଲ୍ଲା ରାୟଗଡ଼ ଜଳସେଚନ ସର୍କଲ ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜେଲ୍ ଦଣ୍ଡାଦେଶ ହୋଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଗଜପତି ଜିଲ୍ଲା ରାୟଗଡ଼ ଜଳସେଚନ ସର୍କଲ ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦାଶଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ୨ ବର୍ଷ ଜେଲ୍ ଦଣ୍ଡାଦେଶ, ସହ ୫ ହଜାର ଜରିମାନା ଆଦେଶ ଦେଇଛନ୍ତି ।

## ଗୋପରେ ତେଲ ଓ ପ୍ରାକୃତିକ ଗ୍ୟାସର ସନ୍ଧାନ



ଭୁବନେଶ୍ୱର,୦୭/୦୨ (ନି.ପ୍ର): ପୁରୀ ଜିଲ୍ଲା ଗୋପରେ ତେଲ ଓ ପ୍ରାକୃତିକ ଗ୍ୟାସ ସନ୍ଧାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ ରିଗ୍ ମେସିନ୍ ଲଗାଯିବା ସହ ପ୍ରାଥମିକ ପର୍ଯ୍ୟାୟରେ ୧୦ ହଜାର ଫୁଟ ତଳକୁ ଖୋଳିବା କାମ ଆରମ୍ଭ ହୋଇଛି । ଖନନ ପରେ ଅଶୋଧିତ ପଦାର୍ଥକୁ ବାହାର କରାଯିବ । ପରେ ଏହାକୁ ପାରାଦୀପ ତୈଳ ବିଶୋଧନଗାରକୁ ପଠାଯିବ । ଏହି ପ୍ରକ୍ରିୟା ସରିବା ପରେ ଜଣାପଡ଼ିବ ଏଠାରେ କେତେ ପରିମାଣର ତୈଳ ଓ ପ୍ରାକୃତିକ ଗ୍ୟାସ ବାହାରିବ । ଯେଉଁ ସମ୍ଭାବନା ନେଇ ପୁରୀ ଗୋପ ଅଂଚଳରେ ଖନନ ଆରମ୍ଭ ହୋଇଛି, ତାହା ଯଦି ଆଶା ଅନୁସାରେ ସଫଳ ହୁଏ, ତେବେ ହୁଏତ ବଦଳିଯିବ ପୁରା ଅଂଚଳର ଆର୍ଥିକ ଭାଗ୍ୟ ରେଖା । ଗୋପ, କୁଶୁପୁର'ର ୮ ଏକର ପରିମିତ ଅଂଚଳରେ ତେଲ ଓ ପ୍ରାକୃତିକ ଗ୍ୟାସ ସନ୍ଧାନ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରାଥମିକ ପର୍ଯ୍ୟାୟରେ ୧୪୦ ଫୁଟ ଉଚ୍ଚର ରିଗ୍ ମେସିନ୍ ଲାଗିଛି । ରିଗ୍ ମେସିନ୍ ଇଂଷ୍ଟଲ ହେବା ପରେ ୧୦ ହଜାର ଫୁଟ ପର୍ଯ୍ୟନ୍ତ ୧୭ ଇଂଚ ଓସାର'ର ବୋଲୱେଲ ଖନନ ହେବ । ତୈଳ ସନ୍ଧାନ ପାଇଁ ଲାଗିବ ୨୧ ଫୁଟର ପାଇପ୍ । ୩ମାସର ଖନନ ପରେ ଜଣାପଡ଼ିବ କେତେ ପରିମାଣର ତୈଳ ରହିଛି । ଖନନ ସମୟରେ ବାହାରୁଥିବା କାଦୁଅକୁ ୩ଟି ୱେଷ୍ଟ ପଣ୍ଡରେ ରଖାଯିବ । ସେଥିରୁ ବର୍ଜ୍ୟପଦାର୍ଥ ଅଲଗା କରାଯାଇ କଂଟେନରେ ରଖାଯିବ । ଆଉ ଅଶୋଧିତ ତୈଳ ଯାଂଚ ପାଇଁ ପାରାଦ୍ୱୀପ ବିଶୋଧନାଗାରକୁ ପଠାଯିବ । ▶▶ପୃଷ୍ଠା ୭

## ଚିକିତ୍ସା ପାଇଁ ଦିଲ୍ଲୀ ଗଲେ ଓଡ଼ିଆ ଅଭିନେତା ପିଣ୍ଟୁ ନନ୍ଦ



ଭୁବନେଶ୍ୱର,୦୭/୦୨ (ନି.ପ୍ର): ଓଡିଆ ଫିଲ୍ମ ଅଭିନେତା ଉନ୍ନତ ଚିକିତ୍ସା ପାଇଁ ଆଜି ଦିଲ୍ଲୀ ଯାଇଛନ୍ତି। ଆଜି ସକାଳୁ ଭୁବନେଶ୍ୱର ବିମାନବନ୍ଦରରେ ପହଂଚି ସେ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେଠାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯିବ ବୋଲି ପରିବାର ପକ୍ଷରୁ କୁହା ଯାଇଛି । ସେଠାରେ ପିଂଟୁ ନନ୍ଦଙ୍କ ଲିଭର୍ ଟ୍ରାନ୍ସପ୍ଲାଂଟ କରାଯିବ ବୋଲି ସୂଚନା ମିଳିଛି । ଉଲ୍ଲେଖନୀୟ ଯେ ଲିଭର୍ ସିରୋସିସ୍‌ରେ ପୀଡ଼ିତ ହେବା ପରେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲରେ ପିଂଟୁ ଚିକିତ୍ସିତ ହେଉଥିଲେ। ତେବେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀ ନେଇଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେଣୁ ସେ ଆଜି ଦିଲ୍ଲୀ ଗସ୍ତ କରିଛନ୍ତି।

## ରୂପ୍‌ସା ମହୋତ୍ସବ ଉଦ୍‌ଘାଟିତ



ବସ୍ତା,୦୭/୦୨ (ନି.ପ୍ର): ବାଲେଶ୍ୱର ଜିଲା ରୂପସା ଥାନା ଅନ୍ତର୍ଗତ ପୋଡାଡିହା ଷ୍ଟାର କ୍ଲବ ଓ ମହୋତ୍ସବ କମିଟି ଆନୁକୂଲ୍ୟରେ ୧୧ ତମ ବାର୍ଷିକ ରୂପସା ମହୋତ୍ସବ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଏସପି ସାଗରିକା ନାଥ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରି ମହୋତ୍ସବ ଐତିହ୍ୟ, ସଂସ୍କୃତି, ପରମ୍ପରାର ସଂଯୋଗ ସ୍ଥଳୀ ବୋଲି କହିଥିଲେ । ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟ ସଦସ୍ୟ କବି କାଳିପଦ ପଣ୍ଡା, ସମ୍ମାନୀତ ଅତିଥି ବିଶିଷ୍ଟ ଔପନ୍ୟାସିକ ତଥା ସାଗରିକା ଓ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା ଯୋଗ ଦେଇ ଉତ୍ସବ ହେଉଛି ପବିତ୍ର ମିଳନ ସ୍ଥଳ ବୋଲି ବକ୍ତବ୍ୟ ରେ କହିଥିଲେ । କମିଟି ସଭାପତି ଅଧାପକ ରବୀନ୍ଦ୍ର ପଣ୍ଡା ଏହି ଉତ୍ସବରେ ଅଧକ୍ଷତା କରିଥିଲେ। ମୁଖ୍ୟ ଉପଦେଷ୍ଟା ଜଗଦୀଶ ଚନ୍ଦ୍ର ପଟ୍ଟନାୟକ ଅତିଥି ପରିଚୟ ଓ ଷ୍ଟାର କ୍ଲବ ସମ୍ପାଦକ ଚନ୍ଦନ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବୀଣାପାଣି ଶିଶୁ ମନ୍ଦିର ଛାତ୍ରୀ ମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦ ପାଠ କରିଥିଲେ। ଉପଦେଷ୍ଟା ବାଞ୍ଛାନିଧି ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଛଅ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବ ରେ ଚକ୍ରୀ, ଦୋଳି, ମୀନାବଜାର ସାଙ୍ଗକୁ ବିଭିନ୍ନ ଆକର୍ଷଣୀୟ ଷ୍ଟଲ ଦେଖିବାକୁ ପ୍ରବଳ ଭିଡ଼ ଜମିଥିଲା । ଶେଷରେ ଆଞ୍ଚଳିକ ସଙ୍ଗୀତଜ୍ଞ ଓ କଣ୍ଠ ଶିଳ୍ପୀଙ୍କ ଦ୍ୱାରା ଭଜନ ସମାରୋହ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତରଞ୍ଜନ ଦଳାଇ, ଉପସଭାପତି ବିଜୟ କୁମାର ବେହେରା, କୋଷାଧକ୍ଷ ଦୀପକ ସାମଲ, ହେମନ୍ତ ସେନାପତି, ସୁନୀଲ ଦାସ, ମୁନା ଜେନା, ପ୍ରମୋଦ ଗିରିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ ।

## ପଦୋନ୍ନତି ଅଦାଲତର ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୦୭/୦୨ (ନି.ପ୍ର): ସରକାରୀ କର୍ମଚାରୀଙ୍କୁ ସମୟୋଚିତ ପଦୋନ୍ନତି ଦେବା ନିମନ୍ତେ ଚଳିତ ମାସ ପହିଲାରୁ ତିନି ଦିନ ଧରି ପଦୋନ୍ନତି ଅଦାଲତ ଅନୁଷ୍ଠିତ ହୋଇଥିଲା । ଶୁଣାଣି ବେଳେ ମିଳିଥିବା ଆପତି ଅଭିଯୋଗ ସଂପର୍କିତ ବିଭିନ୍ନ ତଥ୍ୟକୁ ଭିତି କରି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ପଦୋନ୍ନତି ନିମନ୍ତେ ଥିବା ନୀୟମର ସରଳିକରଣ, କ୍ୟାଡର ନୀୟମରେ ଯଥାର୍ଥତା ଅବଲମ୍ବନ ଏବଂ ଗୋପନୀୟ ପଞ୍ଜିକାର ସଠିକ ବିବେଚନା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ଏଥି ସହ ପଦୋନ୍ନତି ନିମନ୍ତେ ଅଧିକାରୀଙ୍କ ବିରୁଦ୍ଧରେ ଥିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନର ଫଳାଫଳ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି । ସୂଚନା ଯୋଗ୍ୟ, ନିକଟରେ ଅନୁଷ୍ଠିତ ପଦୋନ୍ନତି ଅଦାଲତରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଠାରୁ ୧୨୪୧ ଆବେଦନପତ୍ର ଗ୍ରହଣ କରାଯାଇଥିବା ▶▶ପୃଷ୍ଠା ୭

# ପ୍ରି-ମାଟ୍ରିକ୍ ବକେୟା ୩୧ ଲକ୍ଷ ବୃତ୍ତି ଅନୁମୋଦିତ

ଭୁବନେଶ୍ୱର , ୭/୦୨ (ନି.ପ୍ର): ରାଜ୍ୟର ୩୪୬ଟି ସ୍କୁଲର ୩୧ ଲକ୍ଷ ୭୦ ହଜାର ୭୦ ଅନୁସୂଚିତ ଜାତି ବିଦ୍ୟାର୍ଥୀଙ୍କ ପାଇଁ ୨୦୨୧ ମସିହାର ପ୍ରି-ମାଟ୍ରିକ ସ୍କଲାରସିପ୍ ବାବଦରେ ୩୧ ଲକ୍ଷ ୭୦ ହଜାର ୭୦ ଟଙ୍କାର ବକେୟା ରାଶି ଅନୁମୋଦିତ ହୋଇଛି । ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ବିକାଶ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏଥିରେ ଅନୁଗୁଳ ଜିଲ୍ଲାର ୪ ସ୍କୁଲକୁ ୧୮ ହଜାର ୮୪୦, ବାଲେଶ୍ୱରର ୫ ଜିଲ୍ଲାକୁ ୩୪ ହଜାର ୯୮୦, ବରଗଡ଼ ଜିଲ୍ଲାର ୧୭ ସ୍କୁଲକୁ ୫୧ ହଜାର ୦୬୦, ଭଦ୍ରକ ଜିଲ୍ଲାର ୮ ସ୍କୁଲକୁ ୪୬ ହଜାର ୯୨୦, ବଲାଙ୍ଗୀର ଜିଲ୍ଲାର ୬୯ ସ୍କୁଲକୁ ୨ ଲକ୍ଷ ୮୩ ହଜାର ୭୪୦, ବୌଦ୍ଧ ଜିଲ୍ଲାର ୨ ସ୍କୁଲକୁ ୨୦ ହଜାର ୮୨୦, କଟକର ୯ ସ୍କୁଲକୁ ୩୬ ହଜାର ୭୮୦, ଦେବଗଡ଼ର ୪ ସ୍କୁଲକୁ ୧ ଲକ୍ଷ ୮୫୦୦, ଢେଙ୍କାନାଳର ୬୩ ସ୍କୁଲକୁ ୨ ଲକ୍ଷ ୨୮ ହଜାର ୪୨୦, ଗଜପତିର ୨୦ ସ୍କୁଲକୁ ୪୩ ହଜାର ୩୧୦, ଗଞ୍ଜାମର ୯୫ ସ୍କୁଲକୁ ୬ ଲକ୍ଷ ୧୬ ହଜାର ୮୫୦, ଜଗତସିଂହପୁରର ୫ ସ୍କୁଲର ୨୬ ହଜାର ୬୪୦, ଯାଜପୁରର ୧୧ ସ୍କୁଲକୁ ୬୧ ହଜାର ୩୮୦, ଝାରସୁଗୁଡ଼ାର ୭ ସ୍କୁଲକୁ ୧୯ ହଜାର ୫୬୦, କଳାହାଣ୍ଡିର ୩୩ ସ୍କୁଲକୁ ୧ ଲକ୍ଷ ୧୧ ହଜାର ୪୨୦, କନ୍ଧମାଳର ୫ ସ୍କୁଲକୁ ୨୦ ହଜାର ୯୪୦, କେନ୍ଦ୍ରାପଡ଼ାର ୧୯ ସ୍କୁଲକୁ ୬୩ ହଜାର, କେନ୍ଦୁଝରର ୭୪ ସ୍କୁଲକୁ ୧ ଲକ୍ଷ ୮୩ ହଜାର ୧୬୦, ଖୋର୍ଦ୍ଧାର ୯ ସ୍କୁଲକୁ ୬୧୮୦, କୋରାପୁଟର ୬ ସ୍କୁଲକୁ ୪୧ ହଜାର ୬୮୦, ମାଲକାନଗିରିର ୪ ଲକ୍ଷ ୪୭ ହଜାର ୯୬୦, ମୟୂରଭଞ୍ଜର ୭ ସ୍କୁଲକୁ ୭୧୬୦, ନବରଙ୍ଗପୁରର ୧୦ ସ୍କୁଲକୁ ୪୮ ହଜାର ୮୨୦, ନୟାଗଡ଼ର ୧୨ ସ୍କୁଲକୁ ୮୭୬୦, ନୂଆପଡ଼ାର ୭୧ ସ୍କୁଲକୁ ୨ ଲକ୍ଷ ୩୬ ହଜାର ୦୬୦, ପୁରୀର ୫୦ ସ୍କୁଲକୁ ୧ ଲକ୍ଷ ୯୭ ହଜାର ୬୪୦, ରାୟଗଡ଼ାର ୧୯ ସ୍କୁଲକୁ ୫୦ ହଜାର ୮୨୦, ସମ୍ବଲପୁରର ୧୫ ସ୍କୁଲକୁ ୫୦ ହଜାର ୦୯୦, ସୁବର୍ଣ୍ଣପୁରର ୩ ସ୍କୁଲକୁ ୧୫ ହଜାର ୯୬୦, ସୁନ୍ଦରଗଡ଼ର ୧୩ ସ୍କୁଲକୁ ୮୨ ହଜାର ୬୨୦ ଟଙ୍କା ଦିଆଯାଇଛି ।

# ଫାଇଲେରିଆ ମୁକ୍ତ କନ୍ଧମାଳ ପାଇଁ ଦ୍ୱିତୀୟ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ, ୭/୦୨ (ନି.ପ୍ର): ଫାଇଲେରିଆ ମୁକ୍ତ କନ୍ଧମାଳ ପାଇଁ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କ ନିର୍ଦ୍ଦେଶରେ ଆଜି ଦ୍ୱିତୀୟ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଲୋଚନାରୁ ଜଣାପଡ଼ିଛିଯେ, ଗୋଡ଼, ହାତ, ପାଦ ଫୁଲି ଗୋଦର ହେଲେ ଆମେ ସାଧାରଣତଃ ଫାଇଲେରିଆ ହୋଇଛି ବୋଲି କହିଥାଉ । ମାତ୍ର ଗୋଦର ହେବାର ୮ରୁ ୧୦ ବର୍ଷ ଆଗରୁ ଫାଇଲେରିଆ ରୋଗ ସଂକ୍ରମଣ ହୋଇଥାଏ । ପ୍ରାରମ୍ଭିକ ଅବସ୍ଥାରେ କିଛି ଲୋକଙ୍କୁ ବାତ ଜ୍ୱର ହୋଇଥାଏ । କେତେକ ମଶା କାମୁଡ଼ିବା ଦ୍ୱାରା ମାଇକ୍ରୋଫାଇଲେରିଆ ପରଜୀବୀ କୀଟାଣୁ ଜଣେ ରୋଗୀ ଦେହରୁ ଅନ୍ୟ ଜଣେ ସୁସ୍ଥ ଲୋକର ଦେହକୁ ଫାଇଲେରିଆ ରୋଗ ସଂକ୍ରମିତ ହୋଇଥାଏ । ଏହି କୀଟାଣୁଗୁଡ଼ିକ ସୁସ୍ଥଲୋକ ଦେହରେ ବୃଦ୍ଧି ପାଇ ପୂର୍ଣ୍ଣାଙ୍ଗ ମାଈ ବା ଅଣ୍ଡିରା କୃମିରେ ପରିଣତ ହୁଅନ୍ତି । ଗୋଟିଏ ମାଈ କୃମି ପ୍ରାୟ ୫୦ ହଜାର ମାଇକ୍ରୋଫାଇଲେରିଆ କୀଟାଣୁ ଜନ୍ମ ଦେଇଥାଏ । ରୋଗ ପୁରୁଣା ହେଲେ ଗୋଡ଼, ହାତ, ପାଦ,ଫୁଲି ଗୋଦର ହୋଇଯାଏ । ମହିଳାମାନଙ୍କର ସ୍ତନ ଫୁଲି ଦରଜ ହୁଏ । ପ୍ରଥମ ଅବସ୍ଥାରୁ ଉପଯୁକ୍ତ ଯତ୍ନ ନ ନେଲେ, ଫୁଲା କମେ ନାହିଁ । ପୁରୁଷ ଓ ମହିଳାମାନଙ୍କ ଅଙ୍ଗ ବିକଳାଙ୍ଗ ହୋଇଯାଏ । ଏହି ରୋଗର ପ୍ରତିରୋଧ ତଥା ନିରାକରଣ ପାଇଁ ସରକାରଙ୍କ ତରଫରୁ ଦ'ଜାତୀୟ ବାତ ଜ୍ୱର ନିରାକରଣ କାର୍ଯ୍ୟକ୍ରମ ଜାରି ରହିଛି । ଗୋଷ୍ଠିରେ ସମସ୍ତଙ୍କ ଦେହରୁ ଫାଇଲେରିଆ ବା ବାତଜ୍ୱର କୀଟାଣୁ ନଷ୍ଟ କରିବା ପାଇଁ ଲଗାତର ୫ ରୁ ୬ ବର୍ଷ ପର୍ଯ୍ୟନ୍ତ ସେହି ଗୋଷ୍ଠିର ଶତକଡ଼ା ୮୫ ଭାଗରୁ ଅଧିକ ଲୋକ ବର୍ଷର ଗୋଟିଏ ଦିନ ବାତଜ୍ୱର ନିରାକରଣ ପାଇଁ ଦିଆଯାଉଥିବା ଡି.ଇ.ସି. ଓ ଆଲବେଣ୍ଡାଜଲ ବଟିକା ସେବନ କରିବା ନିହାତି ଆବଶ୍ୟକ । କେବଳ ଦୁଇ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଅନେକ ଦିନ ଧରି ରୋଗରେ ପିଡ଼ିତ ଥିବା ଲୋକମାନଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଏହି ଔଷଧ ସେବନ କରିପାରିବେ । ବୟସ ଅନୁଶାରେ ଡି.ଇ.ସି. ବଟିକା ଓ ଆଲବେଣ୍ଡାଜଲ ବଟିକା ଦିଆଯାଇଥାଏ । ୨ ରୁ ୫ ବର୍ଷ ବୟସର ଶିଶୁ ଡି.ଇ.ସି. ବଟିକାରୁ ୧ଟି ଓ ଆଲବେଣ୍ଡାଜଲ ବଟିକାରୁ ୧ଟି ପେଟପୁରା ଖାଇ ସାରିବା ପରେ ପରେ ଖାଇବେ । ସେହିପରି ୬ ରୁ ୧୪ ବର୍ଷ ବୟସର ପିଲା ଡି.ଇ.ସି.ବଟିକାରୁ ୨ଟି ଓ ଆଲବେଣ୍ଡାଜଲ ବଟିକାରୁ ୧ଟି ପେଟପୁରା ଖାଇ ସାରିବା ପରେ ପରେ ଖାଇବେ ଏବଂ ୧୫ବର୍ଷ ବା ତାଦ' ଠାରୁ ଅଧିକ ବୟସର ଲୋକ ଡି.ଇ.ସି.ବଟିକାରୁ ୩ଟି ଓ ଆଲବେଣ୍ଡାଜଲ ବଟିକାରୁ ୧ଟି ପେଟପୁରା ଖାଇ ସାରିବା ପରେ ପରେ ଖାଇବେ । ଖାଲି ପେଟରେ ଏହି ବଟିକା ଖାଇବାକୁ ମନାକରାଯାଇଛି । ଯେଉଁମାନଙ୍କ ଦେହରେ ଅଧିକ ପରିମାଣର ବାତଜ୍ୱର କୀଟାଣୁ ଥାଆନ୍ତି , କେବଳ ସେମାନଙ୍କ ଠାରେ କେତେକ ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇପାରେ । ବାତଜ୍ୱର କୀଟାଣୁ ମରିବା ଯୋଗୁଁ ଏପରି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇଥାଏ । ବାତଜ୍ୱରର କୌଣସି ଲକ୍ଷଣ ଦେଖାନଗଲେ ମଧ ଶରୀରରେ ବାତଜ୍ୱରର ପରଜୀବୀ କୀଟାଣୁ ଥାଇପାରନ୍ତି । ତେଣୁ କେବଳ ଦୁଇ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଅନେକ ଦିନ ଧରି ରୋଗରେ ପିଡ଼ିତ ଥିବା ଲୋକମାନଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଏହି ଔଷଧ ଖାଇବା ନିହାତି ଆବଶ୍ୟକ । ଥରେ ଗୋଦର ହୋଇଗଲେ, ଏହାର ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ କୌଣସି ଚିକିତ୍ସା ନାହିଁ । କନ୍ଧମାଳ ଜିଲ୍ଲାରେ ୧୦ ରୁ ୧୯ ଫେବୃଆରୀ ୨୦୨୩ ପର୍ଯ୍ୟନ୍ତ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ରହିଛି । ସମସ୍ତେ ମିଶି ଆମ ଜିଲ୍ଲା କନ୍ଧମାଳକୁ ବାତଜ୍ୱର ମୁକ୍ତ କରିବାକୁ କନ୍ଧମାଳ ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ।

## ସ୍ମାରକୀ ପୁରସ୍କାର ଟ୍ରଷ୍ଟର ବାର୍ଷିକ ଉତ୍ସବ

ପୁରୀ, ୭/୦୨ (ନି.ପ୍ର): ନିଷ୍ଠା, କଠୋର ପରିଶ୍ରମ ଓ ସମୟାନୁବର୍ତ୍ତିତା ସଫଳତାର ମାର୍ଗକୁ ଛୁଇଁଥାଏ ବୋଲି ବକ୍ତା ମାନେ ଆହ୍ୱାନ ଦେଇଛନ୍ତି । ଆଜି ଅପରାହ୍ନରେ ମାର୍କଣ୍ଡେଶ୍ୱର ସାହି ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ମାରକୀ ପୁରସ୍କାର ଟ୍ରଷ୍ଟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ରଘୁନାଥ ମହାପାତ୍ର ସଭାପତିତ୍ୱ କରିବା ସହ ଜୀବନରେ ସଫଳତା ପାଇଁ କଠୋର ଅଧ୍ୟବସାୟ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ନିଜ ପ୍ରତିଭାର ଉନ୍ମେଷ ଓ ଆଗ୍ରହ ଥିବା ବିଷୟକୁ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ । ପିଲାଟି ମଧରେ କଣ ରହିଛି ପିତାମାତାଙ୍କ ଅପେକ୍ଷା ଗୁରୁଜୀ ମାନେ ଅଧିକ ଜାଣନ୍ତି । ତେଣୁ ନିଜ ଦକ୍ଷତାର ଉପଯୋଗ କରିବାକୁ ସେ ଅନୁରୋଧ କରିଥିଲେ । ଅନ୍ୟତମ ଅତିଥି ପୂର୍ବତନ କାଉନସିଲର ଭକ୍ତ ଚରଣ ଦାସ ଶିକ୍ଷା ଓ ସଂସ୍କାର ଉପରେ ଗୁରୁତ୍ୱ ଦେଇଥିଲେ ।

## ବିଜେପି ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ମାଲକାନଗିରି, ୭/୦୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଭାରତୀୟ ଜନତା ପାର୍ଟି ତରଫରୁ ଜିଲ୍ଲାର ଚିତ୍ରକୋଣ୍ଡା ଓ ମାଲକାନଗିରି ବିଧାନସଭା ଅନ୍ତର୍ଗତ ୧୭ଟି ସ୍ଥାନରେ ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ମାଲାଭରମ ମଣ୍ଡଳରେ ପ୍ରଧାନ କାର୍ଯ୍ୟକର୍ତ୍ତା ରୂପେ ଶୁଭ୍ରାଂଶୁ ସାହୁ ଯୋଗ ଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିବା ବେଳେ କାଲିମେଲା ମଣ୍ଡଳରେ ସମୀର ମିସ୍ତ୍ରୀ,ଗମ୍ପାକୋଣ୍ଡା ମଣ୍ଡଳରେ ଜିଲ୍ଲା ସଭାପତି ନିମାଇଁ ଚନ୍ଦ୍ର ପାଲ, ପଡିଆ ମଣ୍ଡଳରେ ସପନ ରାୟ, ଶିଖପାଲୀ ମଣ୍ଡଳରେ ସୁବାଷ ପଡିଆମି, ପଦ୍ମଗିରି ମଣ୍ଡଳରେ ପୂର୍ଣ୍ଣିମା ସାହା, ପାଣ୍ଡ୍ରପାଣି ମଣ୍ଡଳରେ ଗଙ୍ଗା ସୋଡି, ମାଲକାନଗିରି ପୌର ପରିଷଦ ଅଧିନରେ ଶ୍ୟାମଳ ସୁନାନୀ, କୋରକୋଣ୍ଡା-୧ ମଣ୍ଡଳରେ ଅକ୍ଷୟ ବିଶ୍ୱାଳ, କୋରକୋଣ୍ଡା-୨ ମଣ୍ଡଳରେ ସଂଜୟ ସରକାର, ବାଲିମେଲା ଏନଏସିରେ ଅଶୋକ ପରିଡା,ଚିତ୍ରକୋଣ୍ଡା -୧ ମଣ୍ଡଳରେ ପଦୁ ମାଝି,ବଡପଡା ମଣ୍ଡଳରେ ଜଳନ୍ଧର ନାୟକ,ଖଇରପୁଟ ମଣ୍ଡଳରେ ପ୍ରଦୀପ ନାୟକ, ମାଥିଲି ମଣ୍ଡଳରେ ମାଣିକ ଚକ୍ରବର୍ତ୍ତୀ, ପାଙ୍ଗାମ ମଣ୍ଡଳରେ ଦଶରଥ ପଡିଆମି, ଏବଂ କିଆଙ୍ଗ ମଣ୍ଡଳରେ ପ୍ରଧାନ କାର୍ଯ୍ୟକର୍ତ୍ତା ଭାବେ ନବଘନ ଲୋକେଇ ଯୋଗ ଦେଇ ଆଗାମୀ ସାଧାରଣ ନିର୍ବାଚନକୁ ଆଖିରେ ରଖି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ବିଶେଷକରି ତୃଣମୂଳସ୍ତରରେ ଯେପରି କେନ୍ଦ୍ର ସରକାରଙ୍କର ସମସ୍ତ ଯୋଜନା ଲୋକଙ୍କ ପାଖରେ ପହଂଚିବ ଏବଂ ବିଜେପିର ହାତ ମୁଠାକୁ କିପରି ଟାଣ କରାଯିବ ସେନେଇ ବ୍ଲୁପ୍ରିଂଟ ପ୍ରସ୍ତୁତ ହୋଇଥିଲା ।

ବିଜେପି ଆଗାମୀ ନିର୍ବାଚନରେ ମାଲକାନଗିରି ଏବଂ ଚିତ୍ରକୋଣ୍ଡା ଦୁଇଟି ଯାକ ଆସନକୁ ଅକ୍ତିଆର କରିବା ପାଇଁ ଏବେ ଠାରୁ ଅଂଟା ଭିଡିବା ଆରମ୍ଭ କରିଦେଲାଣି । ନିଜର କାର୍ଯ୍ୟକର୍ତ୍ତାମାନେ ଏବେଠାରୁ ଲୋକଙ୍କ ପାଖରେ ପହଂଚି ଲୋକଙ୍କ ସମସ୍ୟା ବୁଝି ସମାଧାନ କରିବାକୁ କୁହାଯାଉଛି । ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ବିଜେପିର ସ୍ଥିତି ଠିକ ରହିଥିବା ବେଳେ ଏହା ଯେପରି ଆସନ୍ତା ନିର୍ବାଚନ ରେ ବଳବତର ରହିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣୀରେ ଭିନ୍ନକ୍ଷମଙ୍କୁ ତ୍ୱରିତ ସହାୟତା

କେନ୍ଦ୍ରାପଡ଼ା, ୭/୦୨ (ନି.ପ୍ର): କେନ୍ଦ୍ରାପଡ଼ା ମୁନିସପାଲିଟି ହଲରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଜଣେ ଭିନ୍ନକ୍ଷମ ଲକ୍ଷ୍ମୀପ୍ରିୟା ରାଉତ, ପିତା- ଅଲେଖ, ଗ୍ରାମ- ବାଲିସୁଆ, ବ୍ଲକ- ମହାକାଳପଡ଼ା ଯୋଗଦେଇ ତିନି ମାସ ଧରି ଭତା ପାଉନଥିବା ଜିଲ୍ଲାପାଳଙ୍କୁ ଜଣାଇଥିଲେ । ଏହାକୁ ତଦନ୍ତ କରିବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ପରାମର୍ଶ ଦେଇଥିଲେ । ମୌଖିକ ତଦନ୍ତରୁ ଜଣାଗଲା କି ତାଙ୍କର ଆଧାର କାର୍ଡ଼ ନେଇ ପାରିବା ଯୋଗୁ ତାଙ୍କର ପ୍ରମାଣ ପତ୍ର ହୋଇପାରୁ ନାହିଁ । ରାଜ୍ୟ ସରକାର ପ୍ରମାଣ ପତ୍ର ନଥିଲେ କାହାରୀକୁ ନୂତନ ଭତା ପ୍ରଦାନ କରିବା ସମ୍ଭବ ହେଉ ନଥିବାରୁ ଜାନୁଆରୀ-୨୦୨୩ ମସିହାରୁ ତାଙ୍କର ଭତା ଦିଆଯାଉ ନଥିଲା । ଜିଲ୍ଲାର ଯୋଗାଯୋଗ କରି କେନ୍ଦ୍ରାପଡ଼ା ମୁନିସ୍‌ପାଲିଟି ପରିସରରେ ଚାଲୁଥିବା ଆଧାର କେନ୍ଦ୍ରରେ ନୂଆକରି ତାଙ୍କର ଆଧାର କାର୍ଡ଼ କରାଗଲା । ଏହାପରେ ଉପଜିଲ୍ଲାପାଳଙ୍କ ସ୍ୱାକ୍ଷରରେ ବନ୍ଦଥିବା ଭତା ଜାନୁଆରୀ ଠାରୁ ପୁନଃ ମଞ୍ଜୁର କରାଯାଇ ତୁରନ୍ତ ଉକ୍ତ ଭିନ୍ନକ୍ଷମଙ୍କୁ ଭତା ଦିଆଯିବା ପାଇଁ ବିଡିଓ ମହାକାଳପଡ଼ାଙ୍କୁ ନିର୍ଦ୍ଦେଶ ଦିଆଗଲା, ତା' ସହିତ ଡେରାବିଶ ବ୍ଲକରୁ ଆସିଥିବା ଭିନ୍ନକ୍ଷମ(ସମ୍ପୂର୍ଣ୍ଣ ଦୃଷ୍ଟି ବାଧିତ) ଦୁର୍ଯ୍ୟୋଧନ ମଲିକ, ପିତା- ବାସୁଦେବ ମଲିକ, ଗ୍ରାମ- ନୂଆଗାଁ, ଗ୍ରାପ- କୁଶିଆପାଳ, ଭତା ପାଇବାରୁ ବଂଚିତ ହୋଇଥିଲେ କିନ୍ତୁ ସେ ସେପ୍ଟେମ୍ବର-୨୦୨୨ର ବ୍ଲକରେ ହୋଇଥିବା ଭୀମଭୋଇ ଭିନ୍ନକ୍ଷମ ଶିବିରେର ଯୋଗ ଦେଇଥିବା ପ୍ରକାଶ କରିବାରୁ ତାଙ୍କ ଆଧାର ନମ୍ବର ସହ ଖୋଜାଖୋଜି କରି ତାଙ୍କର ପ୍ରମାଣପତ୍ର ତାଙ୍କୁ ଯୋଗାଇ ଦେବା ସହ ସମସ୍ତ ବେକୟା ଭତା ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉଭୟ ଭିନ୍ନକ୍ଷମଙ୍କୁ ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ସଂବିତ ସମ୍ପଦ ମେନ୍ଦକର ତାଙ୍କୁ ଉକ୍ତ ପ୍ରମାଣପତ୍ର ହସ୍ତାନ୍ତର କରିଥିଲେ ଯାହା ସମସ୍ତଙ୍କ ପାଇଁ ଏକ ପ୍ରେରଣାତ୍ମକ କାମ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମେର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଜିଲ୍ଲା ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଉପଜିଲ୍ଲାପାଳ, କେନ୍ଦ୍ରାପଡା ଓ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ପ୍ରଭାସ ଚନ୍ଦ୍ର ଦାସ ପରିଚାଳନା କରିଥିଲେ ।

## ବାଲ୍ମିକୀ ସମାଜର ଜିଲ୍ଲାସ୍ତରୀୟ ବୈଠକ

ମାଲକାନଗିରି, ୭/୦୨ (ନି.ପ୍ର): ବାଲ୍ମିକୀ ସମାଜର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାରେ ବସବାସ କରୁଥିବା ତେଲୁଗୁ ଭାଷାର ବ୍ୟକ୍ତିବିଶେଷ ମାନେ ଏକତ୍ରିତ ହୋଇଥିଲେ । ତେଲୁଗୁ ଭାଷା ରେ ଡମ୍ବ ନାମରେ କୌଣସି ଜାତି କିମ୍ବା ଉପଜାତି ନଥିବାବେଳେ ଜିଲ୍ଲାରେ ଅନେକ ବ୍ୟକ୍ତିଙ୍କ ପଟ୍ଟା ରେ ଡ଼ମ୍ବ ଶବ୍ଦର ଉପଯୋଗ ହୋଇଛି । ଏହା ସେମାନଙ୍କ ସମ୍ମାନରେ ବହୁତ ଆଘାତ ଦେଉଛି । ସେମାନେ ପିଢ଼ି ପିଢ଼ି ଧରି ମାଲକାନଗିରି ଜିଲ୍ଲାରେ ବସବାସ କରୁଥିଲେ ମଧ ୨୦୧୨ ଜଙ୍ଗଲ ଜମି ଅଧିକାର ଆଇନ ରେ ଅଣ ଆଦିବାସୀ (ପାରମ୍ପରିକ ବନବାସୀ) ମାନଙ୍କୁ ଜମିପ୍ରଦାନ ନିମନ୍ତେ ଯେଉଁ ବ୍ୟବସ୍ଥା ରହିଛି ସେଥିରୁ ସେମାନେ ବଂଚିତ ରହିଥିବା ବିଷୟରେ ବିଶେଷ ଆଲୋଚନା ହୋଇଥିଲା । ଜିଲ୍ଲା ପ୍ରଶାସନ ୨୦୧୬ ରେ ନିର୍ଦ୍ଦେଶ ସତ୍ୱେ ଜମି ପ୍ରଦାନ କରା ନ ହୋଇଥିବା ଦୁଃଖ ର ବିଷୟ ବୋଲି କୁର୍ଶୁଓ୍ୱାଡ଼ା ଗ୍ରାମର ଦୁର୍ଗା ରାଓ କହିଥିଲେ ।

# ପୂଜ୍ୟପୂଜା ସେବା ସଂଗଠନ ତରଫରୁ ସଦ୍‌ଭାବନା ପଦଯାତ୍ରା

ବଲାଙ୍ଗୀର, ୭/୦୨ (ନି.ପ୍ର): ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୂଜ୍ୟପୂଜା ସେବା ସଂଗଠନ ତରଫରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କର ୧୨୬ତମ ଜୟନ୍ତୀ ଅବସରରେ ଏକ ଦିବସୀୟ ସାମାଜିକ ସଦ୍‌ଭାବନା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଉପଦେଷ୍ଟା ଡା. ଜ୍ୟୋସ୍ନାମୟୀ ମହାପାତ୍ର ସମଲେଇ ମନ୍ଦିର ସାମନାରେ ସବୁଜ ପତାକା ଦେଖାଇ ପଦଯାତ୍ରକୁ ଉଦ୍‌ଘାଟନ କରିଥିଲେ । ସକାଳ ୯ ଘଂଟାରେ ପଦଯାତ୍ରୀମାନେ ବାହାରି କଚେରୀ ଛକ, ଭାଗିରଥି ଛକ, ପୂଜା ମଣ୍ଡପ(ଟିକ୍ରାପଡ଼ା) ଛକ, ସାଲେପାଲି, ଖୁଜେନପାଲି, ଦାପକାନି, ଅଏଁଲାଚୁଆଁ, କୁରୁଲ, ପୁଡ଼ାପାଲି, ଖଲିଆପାଲି ଓ ବିଷ୍ଣୁମୁଣ୍ଡା ଦେଇ ୨୨ କିଲୋମିଟର ଅତିକ୍ରମ କରି ଟିକ୍ରାପଡ଼ା ରାମ ମନ୍ଦିର ଠାରେ ସନ୍ଧ୍ୟା ଘ.୬ ପହଂଚିଥିଲେ । ଏହି ପଦଯାତ୍ରାରେ ଜଗଦାନନ୍ଦ ଛୁରିଆ, ସତ୍ୟବନ୍ତ ବେଦବାକ, ଗିରିଜା ଶଙ୍କର ରଥ, ଜୟରାମ ମିଶ୍ର, କପିଳ ପତି, ବଳିଷ୍ଠ ପଧାନ, ହୃଷିକେଶ ପୁରୋହିତ, ବିବେକାନନ୍ଦ ମିଶ୍ର, କେଶବ ମିଶ୍ର, ଗୋପାଳ ଚନ୍ଦ୍ର ହୋତା, ସୁନାଧର ବନଛୋର, ଦୁର୍ଗା ସାହୁ, ଚୁଡ଼େନ୍ଦ୍ର ବେହେରା, ଧିରେନ୍ଦ୍ର ନାରାୟଣ ସିଂହଦେଓ, ଅରୁଣ ଖୁଆସ, କସ୍ତୁରୀ ରଥ, ମଦନ ମୋହନ ରଥ, ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟ ସିନଖମନର ୧୦ ଜଣ ଛାତ୍ର, ଆଦ୍ୟାଶକ୍ତି ନାରୀ ସଂଗଠନର କର୍ମକର୍ତ୍ତାଙ୍କ ସହିତ ପ୍ରାୟ ୪୦ ଜଣ ପଦଯାତ୍ରୀ କରିଥିଲେ । କୁରୁଲ ଗ୍ରାମରେ ଏକ ସାଧାରଣ ସଭା ତଥା ଅନ୍ୟାନ୍ୟ ଗ୍ରାମମାନଙ୍କରେ ପଦଯାତ୍ରୀମାନେ ପଥପ୍ରାନ୍ତ ସଭା କରି ଲିଫ୍‌ଲେଟ ବଂଟନ, ନିଶା ନିବାରଣ, ବାଲ୍ୟ ବିବାହ, ନାରୀ ନିର୍ଯାତନା, ପରିବେଶ ସୁରକ୍ଷା ଓ ଶିଶୁ ସୁରକ୍ଷା ପରେ ଜନ ସାଧାରଣଙ୍କୁ ସଚେତନ କରିଥିଲେ । ସାଂପ୍ରତିକ ପରିସ୍ଥିତିରେ ମଧ ଜନ ସାଧାରଣଙ୍କ ସଚେତନତା ତଥା ସାମାଜିକ ସଂସ୍କାର ପାଇଁ ସଦ୍‌ଭାବନା ପଦଯାତ୍ରାର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନର ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା, ୭/୦୨ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଜଳ, ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱଶାନ୍ତି ଶୀର୍ଷକ ଏକ ଜାତୀୟ ଆଲୋଚନା ଚକ୍ର ତା ୦୬.୦୨.୨୦୨୩ରିଖରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ଡିନ୍ ତଥା ଭାରତୀୟ ଜଳବାୟୁ ପରିବର୍ତ୍ତନ କଂଗ୍ରେସର ପ୍ରତିଷ୍ଠାତା ସଭାପତି ପ୍ରଫେସର୍ ଡ଼ଃ ସଞ୍ଜୟ କୁମାର ସାମନ୍ତରାୟ ମୁଖ୍ୟ ଆଲୋଚକ ଭାବେ ଅଂଶ ଗ୍ରହଣ କରିଥିଲେ । ପ୍ରଫେସର୍ ସାମନ୍ତରାୟ ପ୍ରସଙ୍ଗର ବିଭିନ୍ନ ଦିଗ ଉପର ଆଲୋକପାତ କରିବା ସହିତ ଜଳ ସଂରକ୍ଷଣ, ମୃତିକା ସଂରକ୍ଷଣ ଉପର ଜନେସଚତନା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଅଧକ୍ଷା ଡ଼ଃ ପ୍ରମିଳାରାଣୀ ବେହେରା ପୌରୋହିତ୍ୟ କରି ସ୍ୱାଗତ ଭାଷଣ ଦେଇଥିବାବେଳେ ଆଇ.କ୍ୟୁ.ଏସିର ସେଂଯାଜକ ଡ଼ଃ ମଥୁରୀ ଚରଣ ନାୟକ ଆଲୋଚନା ଚକ୍ରର ଉେଦ୍ଦଶ୍ୟ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥେିଲ । ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟା ରୋଜଶ୍ୱରୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥେିଲ ଓ ଅଧାପିକା ଶୁଭସ୍ମିତା ଦାସ ଧନ୍ୟବାଦ ଅପର୍ଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରେଫସର୍ ରଞ୍ଜିତ୍ ରଞ୍ଜନ ସାହୁ, ପ୍ରାଧାପିକା ଜ୍ୟୋସ୍ନାମୟୀ ପତି, ଅଧାପିକା ପ୍ରଜ୍ଞା ମହାନ୍ତି, ସୁଜାତା ଭତା ସୁରିତା ମିଶ୍ର, ଅଧାପକ ସଭାଚନ୍ଦ୍ର ବିଶ୍ୱାଳ, ବାଗ୍ମୀ ସାମଲ, ସୋନି ନମ୍ରତାମୟୀ ମହାପାତ୍ର, ରାଜୀବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥେିଲ । ଏହି ଆଲୋଚନା ଚେକ୍ରର ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ଜବର ଦଖଲ ହଟାଇବା ପାଇଁ ପୌରସଂସ୍ଥାର ନୋଟିସ୍

କେନ୍ଦ୍ରାପଡ଼ା, ୭/୦୨ (ନି.ପ୍ର): କେନ୍ଦ୍ରାପଡ଼ା ସହରର ପୁରୁଣା ବସଷ୍ଟାଣ୍ଡର ସୌନ୍ଦର୍ଯ୍ୟକରଣ ଏବଂ ବସଷ୍ଟାଣ୍ଡର ଯାତାୟତ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଜବରଦଖଲ କରିଥିବା ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ପୌରସଂସ୍ଥା ତରଫରୁ ନୋଟିସ୍ ଦିଆଯାଇଛି । ରାସ୍ତାକୁ ଅବରୋଧ କରି କିମ୍ବା ନିଜ ଜାଗା ଠାରୁ ଅଧିକ ମଡ଼ାଇ ବ୍ୟବସାୟ କରୁଥିବା ଦୋକାନୀମାନେ ଯଥାଶୀଘ୍ର ଆସନ୍ତା ୮.୦୨.୨୩ ସୁଦ୍ଧା ସରକାରୀ ରାସ୍ତା ଜବର ଦଖଲ ଛାଡିଦେବା ପାଇଁ ପୌରସଂସ୍ଥା ତରଫରୁ ନିବାର୍ହୀ ଅଧିକାରୀ ଦେବ ପ୍ରସାଦ ବଳ ଦେକାନୀମାନଙ୍କୁ ନୋଟିସ୍ ଜାରି କରିଛନ୍ତି । ଦୁଇଦିନ ଭିତରେ ଉଚ୍ଛେଦ ନକଲ ପୌରସଂସ୍ଥା ତରଫରୁ ଉଚ୍ଛେଦ କରାଯିବା ସହିତ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବଗତ କରାଯାଇଛି ।

# ମହାସମାଧାନ ଶିବିର

ଝାରସୁଗୁଡ଼ା, ୭/୦୨ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ମହାସମାଧାନ ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ପରମାର ସ୍ମିତ ପରଷୋତ୍ତମଦାସ, ଡି ଏଫ୍ ଓ ଲଳିତ ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ , ପ୍ରବନ୍ଧକ ନିର୍ଦ୍ଦେଶକ(ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ ,ଡେପୁଟି କଲେକ୍ଟର ଗିତିକା ନାଏକ, ପି ବି ବାଗେ, ପ୍ରତିମା ପିଙ୍ଗ, ଡାକ୍ତର ରାଧାରମଣ ବିର୍ତିଆ, ସହକାରୀ ଜିଲ୍ଲାପାଳ କିଶୋର ସାହୁଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଶିବିରରେ ମୋଟ ୬୦ଟି ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା । ସେଥି ମଧ୍ୟରୁ ୧୧ଟି ସାମୁହିକ ଓ ୪୯ଟି ବ୍ୟକ୍ତିଗତ । ଚିକିତ୍ସା ସହାୟତା ବାବଦକୁ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ଦୁଇଜଣଙ୍କୁ ୧୫ହଜାର ଟଙ୍କା ପ୍ରଦାନ କରାଯାଇଛି । ଶିବିରରେ ପୁରୁଣାବସ୍ତି କଟା ଓ ଝାରସୁଗୁଡ଼ା ବସ ଷ୍ଟାଣ୍ଡରୁ ଝାଡେଶ୍ୱର ମନ୍ଦିର ପର୍ଯ୍ୟନ୍ତ ନାଳ ନିର୍ମାଣ, ବବୁଆ ବଗିଚା ନାଳ ଅବରୋଧ, ଦେବାଡିହିରେ ପୋଖରୀ ପୁନରୁଦ୍ଧାର, ସାରସମାଲରେ ଭୂମିହୀନଙ୍କୁ ଥଇଥାନ,ରେଙ୍ଗୁଲି ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ଗଭୀର ନଳକୂପ ଖନନ,ଭୁମେର ଢିପାରେ ନାଳ ଉପରେ ବେଆଇନ ପୋଲ ଓ ରାସ୍ତା ନିର୍ମାଣ, ଏନ୍ ଏଲ୍ ସି କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଓ ହୀରାକୁଦ ବିସ୍ଥାପିତଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ ଓ ଚୌକିପଡ଼ା ବସ୍ତିରେ ଥଇଥାନ କାର୍ଯ୍ୟକୁ ନେଇ ବିବାଦ ସମ୍ବନ୍ଧୀୟ ସାମୁହିକ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା । ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ସ୍କୁଲ ଶିକ୍ଷକଙ୍କ ବକେୟା ପ୍ରାପ୍ୟ, ଜମିଜମା ବିବାଦ, ଏନ୍ ଏଲ୍ ସି କମ୍ପାନୀର ବ୍ଲାଷ୍ଟିଂ ଯୋଗୁ ଘର କାନ୍ଥ ଫାଟିବା ଓ ପ୍ରଦୂଷଣ, ସରବେର୍ଣ୍ଣାରେ ଇଡକୋ ଗୋଚର ଜମିରେ ପାଉଁଶ ଗୁଣ୍ଡ ଜନିତ ପ୍ରଦୂଷଣ , ଧାନ ବିକ୍ରୟ ଓ ବେଆଇନ ଭାବେ ବି ଟି ଏମ୍ କ୍ୱାଟର୍ସ ଅବରୋଧ ସମ୍ପର୍କିତ ଆଦି ବ୍ୟକ୍ତିଗତ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା ।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ: ଅଭିଯୁକ୍ତ ଗିରଫ

ଜୟପୁର, ୭/୦୨ (ନି.ପ୍ର): ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରିଥିବା ଅଭିଯୋଗରେ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ମହିଳା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଡଙ୍ଗାଗୁଡାର ମଙ୍ଗୁଲୁ ନାୟକ (୨୨) । ପୋଲିସ ସୁଚନା ଅନୁଯାଇ ଜଣେ (୧୬)ର ନାବାଳିକାକୁ ବିବାହିତା ଯୁବକ ମଙ୍ଗୁଲୁ ନାୟକ ଅପହରଣ କରି ଦୁଷ୍କର୍ମ କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ଅଭିଯୁକ୍ତକୁ ଗିରଫ ସହ ଡାକ୍ତରୀମାଇନା କରି କୋର୍ଟ ଚାଲାଣ କରିଥିବା ମହିଳା ଥାନା ଅଧିକାରି ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

# ଧାନବିକା ପ୍ରାପ୍ୟ ୨୪ ଘଣ୍ଟା ନୁହେଁ: ୨୪ ଦିନ ହେଲା ମିଳିନି

ବ୍ରହ୍ମପୁର, ୭/୦୨ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଧାନକ୍ରୟ ପ୍ରକ୍ରିୟା ସ୍ୱାଭାବିକ ଢଙ୍ଗରେ ଚାଲିଛି ବୋଲି ପ୍ରଶାସନ ତରଫରୁ କୁହାଯାଇଛି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୮୨ହଜାର ଚାଷୀ ସରକାରୀ ମଣ୍ଡି ଜରିଆରେ ଧାନ ବିକ୍ରି କରିଛନ୍ତି । କିନ୍ତୁ ବହୁ ଚାଷୀଙ୍କ ନିକଟକୁ ଏ ପର୍ଯ୍ୟନ୍ତ ସେମାନଙ୍କର ପ୍ରାପ୍ୟ ଆସି ନାହିଁ । ଯାହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପରିଲକ୍ଷିତ ହୋଇଛି । ସେପଟେ ଖୁବଶୀଘ୍ର ଚାଷୀଙ୍କ ଆକାଉଣ୍ଟ୍ ?କୁ ତାଙ୍କର ପ୍ରାପ୍ୟ ଆସିଯିବ ବୋଲି ପ୍ରଶାସନ ତରଫରୁ କୁହାଯାଇଛି । କିନ୍ତୁ ଚାଷୀ ଏ ପର୍ଯ୍ୟନ୍ତ ତାଙ୍କର ମୂଲ୍ୟ ପାଇପାରି ନାହାନ୍ତି । ଜିଲ୍ଲାରେ ଆହୁରି ପ୍ରାୟ ୪୮ହଜାର ଚାଷୀ ଧାନ ବିକ୍ରି କରିବାକୁ ଅପେକ୍ଷା କରି ରହିଛନ୍ତି । ଗଞ୍ଜାମ ଜିଲ୍ଲା ପାଇଁ ୬୦ଲକ୍ଷ କ୍ୱିଣ୍ଟାଲ୍ ଟାର୍ଗେଟ ଆବଶ୍ୟକ ରହିଥିବା ସେ କହିଛନ୍ତି । ଧାନ ବିକ୍ରି କରିବାର ୨୪ଘଣ୍ଟା ମଧରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ୍‌କୁ ଟଙ୍କା ଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । କିନ୍ତୁ ତାହା ପାଳନ କରାଯାଉ ନାହିଁ । ଧାନ ବିକି ଚାଷୀମାନେ ୨୪ ଦିନ ହେଲାଣି ପ୍ରାପ୍ୟ ନପାଇ ଅପେକ୍ଷା କରି ରହିଛନ୍ତି । ବହୁ ଗରିବ ଚାଷୀ ଋଣ ପରିଶୋଧ ଚିନ୍ତାରେ ରହିଥିବା ବେଳେ ଆଉ କିଏ ଅନ୍ୟାନ୍ୟ କାମ ପାଇଁ ଜଗି ରହିଛି । ହେଲେ ଚାଷୀଙ୍କ ପାଖକୁ ଟଙ୍କା ଆସିପାରୁ ନାହିଁ । ଗତ ୧୩ତାରିଖରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ବେଳେ ପ୍ରାୟ ୧୭ହଜାର ଚାଷୀ ତାଙ୍କର ପ୍ରାପ୍ୟ ପାଇପାରି ନଥିବା ଶ୍ରୀ ନାହାକ କହିଛନ୍ତି । ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ଚାଷୀଙ୍କ ଆକାଉଣ୍ଟ୍‌କୁ ଟଙ୍କା ପଠାଇବାକୁ ସେ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପି. ମୁଣ୍ଡା କହନ୍ତି, ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ୍‌କୁ ପର୍ଯ୍ୟାୟ କ୍ରମେ ଟଙ୍କା ଯାଉଛି । ନିକଟରେ ରାଜ୍ୟ ସରକାର ୩ହଜାର କୋଟି ଟଙ୍କାର ଫଣ୍ଡ ରିଲିଜ୍ କରିଛନ୍ତି । ଏଣୁ ସମସ୍ତ ଚାଷୀ ଖୁବଶୀଘ୍ର ତାଙ୍କର ପ୍ରାପ୍ୟ ପାଇବେ ବୋଲି ସେ କହିଛନ୍ତି । ଗଞ୍ଜାମ ଜିଲ୍ଲାରେ ଚଳିତ ଖରିଫ୍ ଧାନକ୍ରୟ ପ୍ରକ୍ରିୟାରେ ସାମିଲ ହେବା ପାଇଁ ମୋଟ ୧ଲକ୍ଷ ୩୧ହଜାର ୨୩୭ଜଣ ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି । ତନ୍ମଧ୍ୟରୁ ୮୨ହଜାର ୨୫୨ଜଣ ଚାଷୀ ଧାନ ବିକ୍ରି କରି ସାରିଲେଣି । ଜିଲ୍ଲାରୁ ୪୩ଲକ୍ଷ ୧୩ହଜାର କ୍ୱିଣ୍ଟାଲ୍ ଧାନ କ୍ରୟ କରିବାକୁ ଟାର୍ଗେଟ ଆସିଛି । ତନ୍ମଧ୍ୟରୁ ୩୬ଲକ୍ଷ ୮୭ହଜାର କ୍ୱିଣ୍ଟାଲ୍ ଧାନ କ୍ରୟ ହୋଇ ସାରିଲାଣି । ଆଉ ପ୍ରାୟ ୬ଲକ୍ଷ କ୍ୱିଣ୍ଟାଲ୍ ଧାନ କ୍ରୟ କରାଯିବ । ସେପଟେ ଧାନ ବିକ୍ରି କରିବା ପାଇଁ ୪୮ହଜାରରୁ ଅଧିକ ଚାଷୀ ଅପେକ୍ଷା କରି ରହିଛନ୍ତି । ଧାନକ୍ରୟ ପ୍ରକ୍ରିୟା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଚାଲିବ । ଏଣୁ ଟାର୍ଗେଟ ବୃଦ୍ଧି କରି ସମସ୍ତ ଚାଷୀଙ୍କ ଧାନ କ୍ରୟ କରିବାକୁ ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଦାବି କରିଛନ୍ତି । ପ୍ରକାଶ ଥାଉ କି ଗତ ଡିସେମ୍ବର ୧୬ତାରିଖରୁ ଗଞ୍ଜାମ ଜିଲ୍ଲାରେ ଧାନକ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ଧରାକୋଟ, ଦିଗପହଣ୍ଡି, ଜଗନ୍ନାଥପ୍ରସାଦ, ସାନଖେମୁଣ୍ଡି ଓ ସୋରଡ଼ା ବ୍ଲକ୍‌ରୁ ୯୦ରୁ ୯୫ ପ୍ରତିଶତ ଧାନ ସଂଗ୍ରହ ସରିଲାଣି । ତଥାପି ଏହି ବ୍ଲକ୍‌ରେ ଆହୁରି ବହୁ ଚାଷୀ ଧାନ ଧରି ଅପେକ୍ଷା କରିଛନ୍ତି । ଦିଗପହଣ୍ଡି ବ୍ଲକ୍‌ରେ ୮ହଜାର ୪୦୩ଜଣ ଚାଷୀଙ୍କ ମଧ୍ୟରୁ ୫ହଜାର ୩୬୧ଜଣ ଚାଷୀ ଧାନ ବିକ୍ରି କରି ସାରିଲେଣି । ବ୍ଲକ୍‌କୁ ମିଳିଥିବା ଟାର୍ଗେଟରୁ ୯୮ ପ୍ରତିଶତ ଧାନ କିଣା ସରିଛି । କିନ୍ତୁ ୬୩ ପ୍ରତିଶତ ଚାଷୀ ଧାନ ବିକ୍ରି କରିଛନ୍ତି । ଏଣୁ ଟାର୍ଗେଟ ବୃଦ୍ଧି କରିବାକୁ ଚାଷୀ ମହଲରେ ଦାବି ହୋଇଛି ।

## ଏହି ସବୁ ପରିବା ହୃଦ୍‌ରୋଗୀଙ୍କ ପାଇଁ ଖୁବ୍ ଭଲ: ଦୈନନ୍ଦିନ ଖାଦ୍ୟରେ ଏସବୁକୁ ସାମିଲ କରନ୍ତୁ



ହୃଦ୍‌ରୋଗ ଆଜିକାଲିକା ସମୟ ପାଇଁ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । କେବଳ ବୟସ୍କ ନହଁନ୍ତି, ବରଂ ଯୁବ ବ୍ୟକ୍ତିଙ୍କ ଭିତରେ ବି ଏବେ ଏହି ରୋଗ ଦେଖିବାକୁ ମିଳୁଛି । ଦୂଷିତ ପରିବେଶ ଓ ବିଷାକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ । ଆମେ ସୁସ୍ଥକର ଖାଦ୍ୟ ଖାଇଲେ ଏହି ସମସ୍ୟାକୁ ଏଡ଼େଇ ଦେଇ ପାରିବା । ତେବେ, ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ ଆମେ ହୃଦ୍ ରୋଗରୁ ମୁକ୍ତି ପାଇପାରିବା । ଗାଜର ଖାଇବା ହୃତ୍‌ପିଣ୍ଡ ପାଇଁ ଖୁବ୍ ଭଲ ହୋଇଥାଏ । ଏଥିରେ ପ୍ରଚୁର ପରିମାଣର କ୍ୟାରୋଟିନଏଡ୍‌ସ୍ ଥାଏ । ଏଥିରେ ଥିବା ଶକ୍ତିଶାଳୀ ଆଣ୍ଟି ଅକ୍ସିଡାଣ୍ଟ୍ ହୃଦ୍ ରୋଗୀଙ୍କ ପାଇଁ ଖୁବ୍ ଭଲ ହୋଇଥାଏ । ବିଲାତି ବାଇଗଣ ଖାଇବା ମଧ୍ୟ ଖୁବ୍ ଉପକାରୀ । ଏଥିରେ ଥିବା ଲାଇକୋଫିନ୍ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ । ବ୍ରୋକୋଲି ଏକ ଖୁବ୍ ଭଲ ପରିବା । ଏଥିରେ ଥିବା ଭିଟାମିନ୍ ସି ହୃଦ୍‌ରୋଗ ଦମନ କରିବା ପାଇଁ ଯଥେଷ୍ଟ । ଯେତେ ପାରୁଛନ୍ତି ବିଭିନ୍ନ ପ୍ରକାରର ଶାଗ ଖାଆନ୍ତୁ । ଏହା କେବଳ ହୃଦ୍‌ରୋଗ ନୁହେଁ, ଆହୁରି ଅନେକ ପ୍ରକାର ରୋଗକୁ ଭଲ କରିଥାଏ । ପିଆଜ ଓ ରସୁଣ ବି ହୃଦ୍‌ରୋଗୀଙ୍କ ପାଇଁ ଭଲ ହୋଇଥାଏ । ଆପଣଙ୍କ ହୃଦ୍ ସମସ୍ୟା ଥିଲେ ଏହାକୁ ଭକ୍ଷଣ କରିପାରିବେ । ଆଳୁରେ ପ୍ରଚୁର ପରିମାଣର ପଟାସିୟମ ଅଛି । ତେଣୁ ଆଳୁ ଖାଇବା ଦ୍ୱାରା ହୃଦ୍‌ରୋଗ ସହ ରକ୍ତ ଚାପ ବି ନିୟନ୍ତ୍ରଣରେ ରହିଥାଏ ।

## ସ୍ୱାଦିଷ୍ଟ ଓ ସୁସ୍ଥକର; ନିତିଦିନ ଏହାକୁ ଖାଇଲେ ଓଜନ ବି ନିୟନ୍ତ୍ରଣରେ ରହେ

ମିଠା ଓ ଖଟାର ଫଳ ହେଉଛି ତେନ୍ତୁଳି । ବିଶ୍ୱ ସାରା ଲୋକେ ଏହାକୁ ବିଭିନ୍ନ ପ୍ରକାର ଖାଦ୍ୟରେ ବ୍ୟବହାର କରିଥାନ୍ତି । କେବଳ ସ୍ୱାଦ ଦୃଷ୍ଟିରୁ ନୁହେଁ, ତେନ୍ତୁଳିର ଅନେକ ଉପକାରୀ ଗୁଣ ମଧ୍ୟ ରହିଛି । ଏହା ସ୍ୱାଦିଷ୍ଟ ହେବା ସହ ସୁସ୍ଥକର ମଧ୍ୟ । ଆପଣ ଏହାକୁ ତରକାରୀ, ଚଟଣିରେ ପକାଇ ଖାଆନ୍ତୁ କିମ୍ବା ସିଧାସଳଖ ଖାଇପାରନ୍ତି । ଏହାର ଅନେକ ଉପକାରୀ ଗୁଣ ରହିଛି । ତେନ୍ତୁଳି ଖାଇବା ଦ୍ୱାରା ଅତ୍ୟଧିକ ଚର୍ବି କମ୍ ହୋଇଥାଏ । ଓଜନ ହ୍ରାସ କରିବାକୁ ଚାହୁଁଥିଲେ ଏହାକୁ ଆପଣ ନିଜ ଖାଦ୍ୟରେ ସାମିଲ୍ କରିପାରିବେ । ନିତିଦିନ କିଛି କିଛି ତେନ୍ତୁଳି ଖାଇବା ଦ୍ୱାରା ଓଜନକୁ ଆୟ ରେ ରଖାଯାଇ ପାରେ ।



- ଦୈନନ୍ଦିନ ତେନ୍ତୁଳି ଖାଇବା ଦ୍ୱାରା ରକ୍ତରେ ଶର୍କରା ଭାଗକୁ ନିୟନ୍ତ୍ରଣ କରାଯାଇପାରେ । ମଧୁମେହ ରୋଗୀଙ୍କ ପାଇଁ ତେନ୍ତୁଳି ଖାଇବା ଖୁବ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ।
- ତେନ୍ତୁଳି ଖାଇବା ଦ୍ୱାରା ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । କୋଷ୍ଠକାଠିନ୍ୟ ଓ ଡାଇରିଆ ଆଦି ସମସ୍ୟା ପାଇଁ ମଧ୍ୟ ଏହା ଔଷଧ ପରି କାମ କରିଥାଏ ।
- ତେନ୍ତୁଳି ଖାଇଲେ ହୃତ୍‌ପିଣ୍ଡ ଭଲ ରହିଥାଏ । ହୃଦ୍‌ରୋଗୀମାନେ ଏହାକୁ ଖାଇଲେ ଭଲ । ଏହା ଶରୀରରେ କୋଲେଷ୍ଟ୍ରଲ୍ ସ୍ତରକୁ ନିୟନ୍ତ୍ରଣରେ ରଖେ ।
- ତେନ୍ତୁଳି ଯକୃତ ପାଇଁ ମଧ୍ୟ ଭଲ ହୋଇଥାଏ । ଏହାକୁ ଖାଇଲେ ଯକୃତ ସଂପର୍କିତ ରୋଗ ହେବାର ସମ୍ଭାବନା ଖୁବ୍ କମ୍ ।
- ବିଭିନ୍ନ ପ୍ରକାରର ଆଲର୍ଜିରୁ ଏହା ରକ୍ଷା କରେ । ଦୈନନ୍ଦିନ ତେନ୍ତୁଳି ଖାଉଥିବା ବ୍ୟକ୍ତିଙ୍କ ମଧ୍ୟରେ ଆଲର୍ଜି ସମସ୍ୟା ପ୍ରାୟତଃ ନଥାଏ ।
- ଆପଣ ତେନ୍ତୁଳି ରସକୁ ମଧ୍ୟ ପିଇପାରନ୍ତି । ଏହାର ବି ଖୁବ୍ ଭଲ ଗୁଣ ରହିଛି ।

## ପୂଜାରେ ଧୂପ କାଠି ଜଳାଇବା ସମୟରେ କରନ୍ତୁନି ଏହି ଭୁଲ: ନଚେତ୍ ଅଟକିଯିବ ବଂଶବୃଦ୍ଧି

*ଘର କିମ୍ବା ମନ୍ଦିରରେ ପୂଜା କରୁଥିବା ବେଳେ ଆମେ ସମସ୍ତେ ଧୂପ କିମ୍ବା କର୍ପୂର ପରି ଜିନିଷ ଜାଳିଥାଉ । ଆମେ ଏହା କିଛି ପରମ୍ପରା ଅନୁଯାୟୀ କରିଥାଉ କିମ୍ବା ସନାତନ ଧର୍ମରେ ଏ ବିଷୟରେ କୌଣସି ନିୟମ ଦିଆଯାଇଛି । ଆପଣ କେବେ ଭାବିଛନ୍ତି କି ଧୂପକାଠି ଜାଳିବାର ପ୍ରକୃତ କାରଣ କ'ଣ ହୋଇପାରେ ? ଅଗରବତୀକୁ ବାସ୍ତୁ ଶାସ୍ତ୍ରରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଆଜି ଆମେ ଆପଣଙ୍କୁ ଏହି ବିଷୟରେ ସୂଚନା ଦେଉଛୁ ।*

**ଧୂପ କାଠି ଜଳାଇବାର ଫାଇଦା :**
ଜ୍ୟୋତିଷଙ୍କ ଅନୁଯାୟୀ କୌଣସି ଦେବତାଙ୍କ ପୂଜା ସମୟରେ ଧୂପକାଠି ଜାଳିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ । ଧୂପ କାଠିର ସୁଗନ୍ଧ ସହିତ ପୁରା ଘର ଭଲ ଗନ୍ଧ କରିଥାଏ, ଯେଉଁ କାରଣରୁ ଘରେ ସକରାତ୍ମକ ଶକ୍ତି ପ୍ରବାହିତ ହୁଏ । ଭଗବାନ ଓ ଦେବୀମାନେ ମଧ୍ୟ ଏହି ସୁଗନ୍ଧରେ ସନ୍ତୁଷ୍ଟ ଏବଂ ସେମାନେ ଆଗକୁ ବଢ଼ିବାକୁ ପରିବାରକୁ ଆଶୀର୍ବାଦ କରନ୍ତି । ଘରେ ଉପସ୍ଥିତ ଥିବା ମନ୍ଦ ଶକ୍ତି ଧୂପକାଠିର ସୁଗନ୍ଧରୁ ଦୂରେଇ ଯାଆନ୍ତି ।



**ବାୟୁରେ ଥିବା ଜୀବାଣୁ ନଷ୍ଟ ହୋଇଯାଏ :**
ଅଗରବତୀ ପାଇଁ ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଯଦି ଆମେ ଘରର ଦକ୍ଷିଣ ଦିଗରେ ଧୂପକାଠି ଜାଳେ, ତେବେ ଏହାର ପ୍ରଭାବ ଅଧିକା ଏହା ଘରେ ଉପସ୍ଥିତ ଥିବା ନକାରାତ୍ମକତାକୁ ଦୂର କରିଥାଏ । କେବଳ ଏତିକି ନୁହେଁ, ଧୂପକାଠିରୁ ବାହାରୁଥିବା ଧୂଆଁ ଦ୍ୱାରା ବାୟୁରେ ଉପସ୍ଥିତ ଥିବା ବିପଜ୍ଜନକ ଜୀବାଣୁ ନଷ୍ଟ ହୋଇଯାଆନ୍ତି । ଯେଉଁଥିପାଇଁ ଘରର ପରିବେଶ ଶୁଦ୍ଧ ହୋଇ ପରିବାର ସଦସ୍ୟଙ୍କୁ ରୋଗରୁ ରକ୍ଷା କରାଯାଇଥାଏ ।

**ଭୁଲରେ ମଧ୍ୟ ବାଉଁଶ ଧୂପ କାଠି ଜାଳନ୍ତୁ ନାହିଁ :**
ସନାତନ ଧର୍ମରେ ବାଉଁଶ ଗଛ ଶୁଭ ବୋଲି ବିବେଚନା କରାଯାଏ । ବିବାହ ପରି ଶୁଭ ଦିନରେ ମଣ୍ଡପ ତିଆରି କରିବା ପାଇଁ ବାଉଁଶ କାଠ ବ୍ୟବହୃତ ହୁଏ, କିନ୍ତୁ ଭୁଲରେ ମଧ୍ୟ ଆପଣ ବାଉଁଶ କାଠ ଧୂପ କାଠି ବ୍ୟବହାର କରିବା ଉଚିତ୍ ନୁହେଁ । ଏହା କରିବା ଅସମ୍ଭବ ବୋଲି ବିବେଚନା କରାଯାଏ ଏବଂ ପରିବାରକୁ ଏହାର ଖରାପ ପରିଣାମ ସହିବାକୁ ପଡିବ । ଏହା କରିବା ଦ୍ୱାରା, ବଂଶର ବୃଦ୍ଧି ବନ୍ଦ ହୋଇଯାଏ ଏବଂ ଘରେ ପିତୃ ଦୋଷ ଉତ୍ପନ୍ନ ହୁଏ ।

## ବିମାନ ଦୁର୍ଘଟଣା ପରେ କାହିଁକି ଖୋଜାଯାଏ ବ୍ଲାକ୍ ବକ୍ସ: ଜାଣନ୍ତୁ ଏହା ପଛରେ ଥିବା ପ୍ରକୃତ କାରଣ

ବେଳେବେଳେ କୌଣସି କାରଣ ବସତଃ ଆକାଶରେ ଉଡୁଥିବା ବିମାନ ହଠାତ ଦୁର୍ଘଟଣାର ଶିକାର ହୁଏ । ମଝି ଆକାଶରୁ ତଳକୁ ଖସି ପଡ଼େ କି ସେହି ମଝି ଆକାଶରେ ନିଆଁ ଲାଗି ବିସ୍ଫୋରଣ ହୋଇଯାଏ । ଯାହାଫଳରେ ବିମାନରେ ଥିବା ହଜାର ହଜାର ଲୋକଙ୍କ ଜୀବନ ମଧ୍ୟ ଚାଲିଯାଏ । ତେବେ ଏହି ବିସ୍ଫୋରଣ ପରେ ତଦନ୍ତକାରୀ ସଂସ୍ଥା ଉକ୍ତ ବିମାନର ବ୍ଲାକ ବକ୍ସକୁ ଖୋଜିବାକୁ ଲାଗନ୍ତି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟକର କଥା ସେହି ବ୍ଲାକ ବକ୍ସ ବିସ୍ଫୋରଣ ପରେ ମଧ୍ୟ ନଷ୍ଟ ହୋଇ ନଥାଏ । ତେବେ ତଦନ୍ତକାରୀ ଟିମ୍ ପ୍ରକୃତରେ କାହିଁକି ସେହି ବକ୍ସକୁ ଖୋଜେ ସେଥିରେ ଏମିତି କଣ ରହିଥାଏ । ଯିଏକି ଦୁର୍ଘଟଣାର ସବୁ ରହସ୍ୟକୁ ଖୋଲିଦିଏ । ଆଉ ଏହି ରହସ୍ୟ ଖୋଲୁଥିବା ବକ୍ସକୁ ବ୍ଲାକ ବକ୍ସ କଣ ପାଇଁ କୁହାଯାଏ । ତେବେ ଆମେ ଆଜି ଆପଣଙ୍କୁ ଏହି ବ୍ଲାକ ବକ୍ସ କଣ ଏବଂ ଏହାର ରହସ୍ୟ କଣ ଏହି ସମ୍ବନ୍ଧରେ ଜଣାଇବୁ । ବାସ୍ତବରେ ବ୍ଲାକ ବକ୍ସ ହେଉଛି ବିମାନ ମଧ୍ୟରେ ଥିବା ସବୁଠାରୁ ଗୁରୁତ୍ୱପୂଣ୍ଡ ଉପକରଣ । ବ୍ଲାକ୍ ବକ୍ସ ସବୁ ବିମାନରେ ରହିଥାଏ । ସେ ଯାତ୍ରୀ ବିମାନ ହେଉ କି ଯୁଦ୍ଧ ବିମାନ କି ବ୍ୟବସାୟୀକ ବିମାନ । ଏହି ଯନ୍ତ୍ର ବିମାନ ଉଡ଼ାଣର ସବୁ ଗତି ବିଧିକୁ ନିଜ ମଧ୍ୟରେ ରେକର୍ଡ କରି ରଖିଥାଏ । ଏହାକୁ ଫ୍ଲାଇଟ ଡାଟା ରେକର୍ଡ ମଧ୍ୟ କୁହାଯାଏ । ତେବେ ଏହି ବକ୍ସକୁ ସୁରକ୍ଷା ଦୃଷ୍ଟିରୁ ବିମାନର ଶେଷ ଭାଗରେ ରଖାଯାଇଥାଏ । କାରଣ ବିମାନଟି ଦୁର୍ଘଟଣା ଗ୍ରସ୍ତ ହେବା ପରେ ବିମାନର ଶେଷ ଭାଗର ଅଧିକ କ୍ଷତି ହୋଇନଥାଏ । ଏଥିସହିତ ଏହି ବକ୍ସଟି ବହୁତ ଶକ୍ତ ହୋଇଥାଏ । ଯାହାକି ଟାଇଟେନିୟମ ଧାତୁରେ ନିର୍ମାଣ ହୋଇଥାଏ । ତେଣୁ ଏହି ବ୍ଲାକ ବକ୍ସ ନିଆଁରେ ଜଳିଲେ କି ପାଣିରେ ପଡ଼ିଲେ ମଧ୍ୟ ଏଥିରେ ଥିବା ଡାଟାଗୁଡିକ ନଷ୍ଟ ହୋଇନଥାଏ । ଏତତ୍ ବ୍ୟତୀତ ଏହି ବ୍ଲାକ ବକ୍ସର ସବୁଠାରୁ ବଡ ଏବଂ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିରେ ୨ ମାସ ପର୍ଯ୍ୟନ୍ତ ଚାର୍ଜ ରହିପାରେ । ଯାହା ଦ୍ୱାରା ତଦନ୍ତକାରି ସଂସ୍ଥା ଫ୍ରିକ୍ୱେନ୍ସି ମାଧ୍ୟମରେ ଏହାକୁ ଖୋଜି ପାଇଥାନ୍ତି । ତେବେ ଏହି ବକ୍ସ ୧୧ ହାଜାର ଡିଗ୍ରି ସେଲସିୟସ ତାପମାତ୍ରାରେ ବି କିଛି କ୍ଷତି ହୋଇନଥାଏ । ଏହାର ରଙ୍ଗ ଲାଲ ହୋଇଥିବାର ଏହାକୁ ଖୋଜିବାରେ ସୁବିଧା ମଧ୍ୟ ହୋଇଥାଏ । ତେବେ ଦୁର୍ଘଟଣା ପୂର୍ବରୁ ୨ ଘଣ୍ଟା ପର୍ଯ୍ୟନ୍ତ ଭଏସ ରେକର୍ଡ କରି ରଖିଥାଏ । ଯେଉଁଥିରୁ ଜଣାପଡ଼ିଯାଏ ବିମାନର ମାହୋଲ କେମିତିଥିଲା । ତେବେ ବିମାନ ଦୁର୍ଘଟଣା ବିଷୟରେ ଜାଣିବା ପାଇଁ ବିମାନରେ ଏହି ବ୍ଲାକ୍ ବକ୍ସକୁ ଲଗାଯାଇଥାଏ । କାରଣ ଦୁର୍ଘଟଣାର ୨ ଘଣ୍ଟା ପୂର୍ବର ଏହି ବକ୍ସ ସବୁ ତଥ୍ୟକୁ ରେକର୍ଡ କରି ରଖିଥାଏ । ଯାହାଫଳରେ ଦୁର୍ଘଟଣା ପରେ ଏହି ବ୍ଲାକ୍ ବକ୍ସକୁ ଖୋଜି ଦୁର୍ଘଟଣାର ପ୍ରକୃତ କାରଣ ଯାଣିବାକୁ ପାଆନ୍ତି । ଦୁର୍ଘଟଣା କିପରି ଘଟିଲା , ଦୁର୍ଘଟଣା ସମୟରେ ବିମାନର ଉଚ୍ଚତା କେତେ ଥିଲା, ବେଗ, ଇନ୍ଧନ ସବୁ କିଛି ରେକର୍ଡ ହୋଇରହିଥାଏ । ତେବେ ୨୫ ଘଣ୍ଟାରୁ ଅଧିକ ସମୟ ଏଥିରେ ରେକର୍ଡ ହୋଇପାରିବ । ଯଦ ଇତିହାସକୁ ଦେଖିବା ତେବେ ଏହି ବ୍ଲାକ ବକ୍ସ ୫୦ ବର୍ଷରୁ ଅଧିକ ପୁରୁଣା ହେବ । ଯେତେବେଳେ ଅଧିକ ବିମାନ ଦୁର୍ଘଟଣା ହେଲା ସେତେବେଳେ ବୈଜ୍ଞାନିକ ମାନେ ଏହାକୁ ଲଗାଇବା ପାଇଁ ଚିନ୍ତା କଲେ । ତେଣୁ ୧୯୫୩ରୁ ୫୪ ମଧ୍ୟରେ ଆଲୋଚନା କରାଯାଇ ଏହାକୁ ବିମାନରେ ଲଗାଯାଇଥିଲା । ତେବେ ଏହା ଲାଲ ରଙ୍ଗ ଭଳି ଦେଖାଯାଉଥିବାରୁ ଏହାକୁ ରେଡ ଏଗ୍ କୁହାଯାଉଥିଲା । କିନ୍ତୁ ଏହାର ଭିତର ରଙ୍ଗ କଳା ଥିବାରୁ ଏହାକୁ ବ୍ଲାକ ବକ୍ସ କୁହାଯାଏ ।




## ଅଜବ ଦୁନିଆ

## ଯେଉଁଠାରେ ମହିଳାଙ୍କୁ ପୁରୁଷଙ୍କଠାରୁ ମାଡ଼ ଖାଇବା ରହିଛି ପରମ୍ପରା

ବିଶ୍ୱର ବିଭିନ୍ନ ସ୍ଥାନରେ ଆଜି ବି ଅଜବଗଜବ ପରମ୍ପରା ରହିଛି । ବିଜ୍ଞାନ ଯେତେ ଆଗକୁ ଦୌଡୁଥିଲେ ମଧ୍ୟ ପରମ୍ପରା ଉପରେ କୌଣସି ପ୍ରଭାବ ପକାଇପାରିନି । ଯେତେବେଳେକି ଲୋକେ ଚନ୍ଦ୍ରରେ ଘର କରିବାକୁ ପ୍ରସ୍ତୁତ ହେଲେଣି, ସେହି ପିଢ଼ିରେ କିଛି ଲୋକ ପରମ୍ପରା ନାଁରେ ବିବାହ ପାଇଁ ରକ୍ତାକ୍ତ ହେଉଛନ୍ତି ତ ଆଉ କେଉଁଠି ପୁରୁଷତ୍ୱ ପ୍ରମାଣ କରିବାକୁ ପଶୁର ରକ୍ତ ମଧ୍ୟ ପିଉଛନ୍ତି । ଆଜି ଆମେ ଏପରି ଆଫ୍ରିକାନ ଜନଜାତି ବାବଦରେ କହିବୁ, ଯେଉଁଠାରେ ମହିଳାମାନେ ନିର୍ଦ୍ଦୟ ଭାବେ ମାଡ଼ ଖାଇଥାନ୍ତି । ତଥାପି ସେମାନେ ଏହାକୁ ସେମାନଙ୍କର ଗର୍ବ ବୋଲି ଭାବନ୍ତି ।

ହେମର ଟ୍ରାଇବର ଲୋକଙ୍କ ମଧ୍ୟରେ ଥିବା ଅଜବଗଜବ ପରମ୍ପରା ମଧ୍ୟରୁ ଏକ ପରମ୍ପରା ହେଉଛି ଉକୁଲି ତୁଲା । ଏହି ପରମ୍ପରା ଅନୁସାରେ ବିବାହର ବୟସ ହେବା ପରେ ପୁରୁଷ ଓ ମହିଳାଙ୍କୁ ଏହାର ପ୍ରମାଣ ଦେବାକୁ ପଡ଼ିଥାଏ । ଏଥିରେ ମହିଳାଙ୍କୁ ଖୁବ୍ ମାଡ଼ ମଧ୍ୟ ମରାଯାଇଥାଏ । ଯେମିତିକି ପୁଅମାନେ ପଶୁଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହେଲେ ବିବାହ କରିପାରିବେ ନାହିଁ । ସେହିଭଳି ଯେଉଁ ମହିଳାଙ୍କୁ ଚାପୁଡ଼ା ମରାଯାଏ, ଆଉ ସେ ଯଦି କାନ୍ଦନ୍ତି ତେବେ ସେ ବିବାହ କରିପାରିବେ ନାହିଁ । ଆସନ୍ତୁ ଏହି ଅଜବ ପ୍ରଥା ବିଷୟରେ ଅଧିକ ଜାଣିବା । ବିବାହ ପାଇଁ ଯେଉଁ ମହିଳାଙ୍କୁ ଡକାଯାଇଥାଏ, ତାଙ୍କୁ ମାଡ଼ ମାରିବା ପାଇଁ ଏକ ଗ୍ରୁପ ଆସିଥାନ୍ତି । ଯାହାକୁ ମାଜା କୁହାଯାଏ । ସେମାନେ ସେହି ମହିଳାଙ୍କୁ ଠେଙ୍ଗାରେ ମାଡ଼ ମାରିବା ଆରମ୍ଭ କରିଥାନ୍ତି । ଏହି ସମୟରେ ସେମାନେ କଷ୍ଟରେ କାନ୍ଦି ପାରିବେ ନାହିଁ କି ସେଠାରୁ ଦୌଡ଼ି ଯାଇପାରିବେ ନାହିଁ । ମହିଳାମାନେ ଏହି ମାଡ଼କୁ ସହ୍ୟ କରିଥାନ୍ତି । ଯେଉଁ ମହିଳାଙ୍କୁ ମାଡ଼ ମରାଯାଏ ନାହିଁ, ସେ ମାଡ଼ ଖାଇବାକୁ ଭିକ ମାଗିଥାନ୍ତ ।

ଏହି ପ୍ରକ୍ରିୟାରେ ଯେଉଁ ମହିଳାଙ୍କୁ ଅଧିକ ମାଡ଼ ମରାଯାଇଥାଏ ଏବଂ ସେ ଏହାକୁ ସହ୍ୟ କରିଥାନ୍ତି, ତାଙ୍କୁ ଆଗ ବିବାହ କରାଇ ଦିଆଯାଏ । ଯଦି ଆପଣ ଭାବୁଥିବେ ଏତେ ମାଡ଼ ପରେ ଜୀବନରେ ସୁଖ ରହିଛି । ତେବେ ଏହା ଭୁଲ ଭାବୁଛନ୍ତି । ଯେତେବେଳେ ଯାଏ ମହିଳା ଦୁଇଟି ସନ୍ତାନ ଜନ୍ମ ଦେଇନାହାନ୍ତି ସେ ଯାଏ ପରମ୍ପରା ନାଁରେ ଖୁବ୍ ମାଡ଼ ମରାଯାଇଥାଏ । ସବୁଠୁ ବଡ଼ କଥା ହେଉଛି କୌଣସି କାରଣ ନଥାଇ ପୁରୁଷ ମହିଳାଙ୍କୁ ମାଡ଼ ମାରିଥାନ୍ତି । ମହିଳାଙ୍କ ପିଠିରେ ମାଡ଼ର ଦାଗକୁ ସେମାନେ ଗର୍ବ ବୋଲି ଭାବନ୍ତି । ଏହି ଜନଜାତିରେ ପୁରୁଷଙ୍କୁ ଦ୍ୱିତୀୟ ବିବାହ ପାଇଁ ମଧ୍ୟ ଅନୁମତି ରହିଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସ୍ପାଏ ବେଲୁନ୍ କୂଟନୀତି......

କିଛିଦିନ ଧରି ଆମେରିକା ଓ ଚୀନ୍ ଭିତରେ ଲାଗି ରହିଥିବା ଉଷ୍ମ କୂଟନୀତି ସହସା ଉତ୍ତପ୍ତ ମୋଡ଼ ନେଇଛି । ଆମେରିକା ଆକାଶରେ ଚୀନର ଗୁଇନ୍ଦା ବେଲୁନ୍ ଉଡ଼ିବା ଘଟଣା ଦୁଇ ଦେଶ ମଧ୍ୟରେ ବିବାଦ ରୂପ ନେଇଛି । ପ୍ରେସିଡେଣ୍ଟ ବାଇଡେନ୍‌ଙ୍କ ନିର୍ଦ୍ଦେଶ କ୍ରମେ ବାୟୁସେନା ଏହି ଚୀନି ବେଲୁନ୍‌କୁ କ୍ଷେପଣାସ୍ତ୍ର ମାଡ଼ କରି ଖସାଇ ଦେଇଛି । ଏହି ଘଟଣା ନେଇ ଚୀନ ସରକାର କ୍ଷୋଭ ପ୍ରକାଶ କରିଛନ୍ତି । ତାର ପାଲଟା ଜବାବ ରଖି ଆମେରିକା କହିଛି ଯେ, ମାର୍କିନ ବାୟୁସୀମାରେ ଅନୁପ୍ରବେଶ କରି ଗୁଇନ୍ଦା ବେଲୁନ୍ ଉଡ଼ାଇବା ଅବାଞ୍ଛିତ କାର୍ଯ୍ୟ । ସେତିକି ନୁହେଁ, ମାର୍କିନ୍ ପରରାଷ୍ଟ୍ର ସଚିବ ତାଙ୍କର ପ୍ରସ୍ତାବିତ ଗସ୍ତ ବାତିଲ କରିଦେବା ଘଟଣା ସାରା ପ୍ରକରଣକୁ ଅଧିକ ଜଟିଳ କରି ପକାଇଛି । ଏହା ଚୀନ୍‌ର ଗୁଇନ୍ଦା ବେଲୁନ୍ ଉଡ଼ାଇବା ପ୍ରଥମ ଘଟଣା ନୁହେଁ । ପୂର୍ବରୁ ଏକାଧିକ ବାର ଏଭଳି ସ୍ପାଏ ବେଲୁନ୍ ଉଡ଼ିବାର ନଜରକୁ ଆସିଛି । ଜାନୁଆରୀ ୨୮ରେ ଚୀନ୍ ଏଭଳି ବେଲୁନ୍ ଉଡ଼ାଇଥିଲା । ତାହା ଜାପାନ ବାୟୁମାର୍ଗ ଦେଇ ଆସିଥିଲା । ପରେ ଫେବୃଆରୀ ୩ରେ ସେହିଭଳି ସ୍ପାଏ ବେଲୁନ୍ ମୋଣ୍ଟାନା ଆକାଶରେ ଦେଖିବାକୁ ମିଳିଥିଲା । ମୋଣ୍ଟାନା ହେଉଛି ଆମେରିକା ଆଣବିକ କ୍ଷେପଣାସ୍ତ୍ର ଅଞ୍ଚଳ । ଚୀନ୍ ସେହି ଆକାଶରେ ଉଡ଼ିବା ପଛରେ ଜାଣିଶୁଣି ଗୁପ୍ତ ତଥ୍ୟ ହାସଲ କରିବାକୁ ବେଲୁନ୍ ଛାଡ଼ିଥିବା କଥା କୁହାଯାଉଛି । ସେହି ସମୟରେ ବେଲୁନ୍ ଉଡ଼ିବା ଘଟଣାକୁ ସେତେଟା ଗୁରୁତର ନୁହେଁ ବୋଲି ପେଣ୍ଟାଗନ୍ କହିଥିଲା । ସେଥିପାଇଁ କିଛି କାର୍ଯ୍ୟାନୁଷ୍ଠାନ କରାଯାଇନଥିଲା । କିନ୍ତୁ ଏଥର ବେଲୁନ୍ ଉଡ଼ିବା ପ୍ରକରଣକୁ ପେଣ୍ଟାଗନ୍ ଲଘୁ ଭାବରେ ନେବାକୁ ପ୍ରସ୍ତୁତ ନଥିଲା । ଘନଘନ ବୈଠକରେ ଅଧିକାରୀମାନେ ମିଳିତ ହୋଇ ନିର୍ଣ୍ଣୟ ନେବା ପରେ ପ୍ରେସିଡେଣ୍ଟଙ୍କ ନିର୍ଦ୍ଦେଶରେ ବାୟୁସେନାକୁ ଏଫ୍-୨୨ ବିମାନରୁ ମିସାଇଲ ମାଡ଼ କରି ସ୍ପାଏ ବେଲୁନ୍‌କୁ ଉଡ଼ାଇ ଦିଆଗଲା । ବେଲୁନ୍‌ଟି ମଝି ଆକାଶରେ ଧୂଆଁ ହୋଇଗଲା ଏବଂ ତାହାର ବିଚ୍ଛିନ୍ନାଂଶ ସମୁଦ୍ରରେ ଖସିପଡ଼ିଲା । ଏକପକ୍ଷରେ ପ୍ରେସିଡେଣ୍ଟ ବାଇଡେନ ବେଲୁନ୍ ଖସାଇଦେବା ନେଇ ସନ୍ତୋଷ ପ୍ରକାଶ କରିବା ସହ ପେଣ୍ଟାଗନ ଓ ବାୟୁସେନାକୁ ଶୁଭେଚ୍ଛା ଜଣାଇଛନ୍ତି, ବିପରୀତ ପକ୍ଷେ ଚୀନ ପାଲଟା ପ୍ରତିଶୋଧର ଚେତାବନୀ ଶୁଣାଇ ଦେଲାଣି । ଏହି ଘଟଣା ଉଭୟେ ଦେଶ ଭିତରେ ସଂଘର୍ଷ ସୂଚନା ଦେଉଥିବା କୂଟନୈତିକ ମହଲ ଅନୁମାନ କଲେଣି । ତାଇୱାନ୍‌କୁ ନେଇ ଚୀନ୍ ସହ ଏମିତିରେ ଆମେରିକାର ତିକ୍ତତା ଲାଗି ରହିଛି । କେତେବେଳେ ଏହା କିଭଳି ରୂପ ନେବ, ତାହା ଜାଣିବା ମୁସ୍କିଲ । ଚୀନ ବହୁ କାଳଧରି ତାଇୱାନ ଉପରେ ଶ୍ୟେନ ଦୃଷ୍ଟି ପକାଇଥିବା ସମସ୍ତେ ଜାଣିଛନ୍ତି । ମାର୍କିନ୍ ପ୍ରତିନିଧି ସଭାର ଅଧକ୍ଷାଙ୍କ ତାଇପେ ଗସ୍ତ ଚୀନ୍‌ର କ୍ରୋଧକୁ ବଢ଼ାଇବାରେ ଘଟଣା ଇନ୍ଧନ ଢାଳିଦେଲା ଭଳି ହୋଇଛି । ହୋଇପାରେ ଚୀନ ବିରୋଧରେ ଯୁଦ୍ଧ ପାଇଁ ବେଲୁନ୍ ପ୍ରକରଣକୁ ଆମେରିକା ବାହାନା କରିବ । ଚୀନ କହିବା କଥା, ଏହି ବେଲୁନ୍ ଗୁଇନ୍ଦା ତଥ୍ୟ ସଂଗ୍ରହ ପାଇଁ ଉଦ୍ଦିଷ୍ଟ ନଥିଲା । ତାହା ପାଣିପାଗ ସମ୍ପର୍କିତ ତଥ୍ୟ ସଂଗ୍ରହ ପାଇଁ ପଠାଯାଇଥିଲା । ଆମେରିକା ଯେଉଁଭାବରେ ଚୀନର ଛବି ବିଗାଡ଼ିବା ଉଦ୍ଦେଶ୍ୟ ନେଇ କ୍ଷେପଣାସ୍ତ୍ର ମାଡ଼ କରି ସମୁଦ୍ରରେ ଖସାଇ ଦେଇଛି, ତାହା ଅବାଞ୍ଛିତ କାର୍ଯ୍ୟ । କିଛି ନବୁଝି ନବିଚାରି ମାର୍କିନ ପ୍ରଶାସନ ପରରାଷ୍ଟ୍ର ସଚିବଙ୍କ ଗସ୍ତ ବାତିଲ କରିଦେବା ଆଦୌ ଠିକ୍ ନଥିଲା ବୋଲି ଦର୍ଶାଇଛି ଚୀନ । ମନେହେଉଛି ଦୁଇ ମହାଶକ୍ତି ସଂଘର୍ଷମୁହାଁ ହେବାକୁ ଯାଉଛନ୍ତି । ଆମେରିକାର ଆଚରଣ ଯେମିତି ଅବାଞ୍ଛିତ ହେବାରେ ଲାଗିଛି, ସେମିତି ଚୀନର କାର୍ଯ୍ୟ କିଛି କମ୍ ପ୍ରରୋଚନାର କାରଣ ହୋଇନାହିଁ । ଦୁଇ ମହାଶକ୍ତି ଯେଭଳି ଭବିଷ୍ୟତରେ ବିଶ୍ୱଶାନ୍ତି ପାଇଁ ଅଧିକ ଉନ୍ମୁଖ ହୁଅନ୍ତି, ସେଥିପାଇଁ ସମସ୍ତେ ଆଗ୍ରହ ରଖିଛନ୍ତି । ସେଥିପାଇଁ ଉଭୟ ରାଷ୍ଟ୍ରଙ୍କର ରହିଛି ବିଶେଷ ଦାୟିତ୍ୱ । ବିଷମ ସମୟ ଦେଇ ଗତି କରୁଥିବା ବିଶ୍ୱ ପାଇଁ ଅଧିକ ଜଟିଳତାର କାରଣ ନହୋଇ ଯଦି ମହାଶକ୍ତିମାନେ ଶାନ୍ତି ଓ ସଦ୍ଭାବ ପାଇଁ କାର୍ଯ୍ୟ କରନ୍ତେ ଜଳବାୟୁ ପ୍ରଦୂଷଣ ରୋକାଯିବା, ବିପର୍ଯ୍ୟୟ ପ୍ରଶମନ ପାଇଁ କାର୍ଯ୍ୟ କରନ୍ତେ ସମସ୍ତଙ୍କର ଅଶେଷ ଉପକାର ହୋଇପାରନ୍ତା । ପରିପକ୍ୱ କୂଟନୈତିକ ପାରଦର୍ଶିତା ସକାଶେ ଏହାଠାରୁ ବଳି ଅଧିକ ବିଚାର କିଛି ନଥାଇପାରେ । ସକାରାତ୍ମକ ଉଚ୍ଚାରଣ ଓ ଆଚରଣ ପାଇଁ ବିଶ୍ୱବାସୀ ଚାହିଁ ରହିଥିବାବେଳେ ପ୍ରତି କଥାରେ ବାଟ ହୁଡ଼ିବା ନୀତି ବିଶ୍ୱନେତାମାନଙ୍କୁ ଶୋଭା ପାଉନାହିଁ ।

# ଓଡ଼ିଶା ସାହିତ୍ୟ ଏକାଡେମୀର ବିଚିତ୍ର ବିଧାନ



### କିଶୋର ପାଣିଗ୍ରାହୀ

ଓଡିଶା ସାହିତ୍ୟ ଏକାଡେମୀ ବିଜ୍ଞାପନ ସଂଖ୍ୟା: ୭୭ ଓ.ସା.ଏ. ତା: ୨୧/୦୧/୨୦୨୩ରେ ୨୦୨୧, ୨୦୨୨ ଓ ୨୦୨୩ ବର୍ଷ ପାଇଁ ସାରସ୍ୱତ ସାଧକ/ସାଧିକା ସମ୍ବର୍ଦ୍ଧନା ପ୍ରସ୍ତାବ ଆହ୍ୱାନ (ଏହାକୁ ଦରଖାସ୍ତ ଆହ୍ୱାନ ବୋଲି କହିଲେ ଚଳିବ) କରିଛନ୍ତି । ଏଥିରେ ପୂର୍ବ ପ୍ରଚଳିତ ନିୟମକୁ ସଂଶୋଧିତ କରି ନୂତନ ନିୟମ ନିର୍ଦ୍ଧାରଣ କରାଯାଇଛି। ଏହି ନୂତନ ନିୟମ ଆଧାରରେ ସାରସ୍ୱତ ସାଧକ/ସାଧିକାଙ୍କୁ ସମ୍ବର୍ଦ୍ଧିତ କରାଯିବ। ତେବେ ଏହି ନୂତନ ନିୟମରେ ତିନିଟି କଥା ଜଣେ ନିରପେକ୍ଷ, ସଚ୍ଚା ଓ ସ୍ୱାଭିମାନୀ ଲେଖକଙ୍କୁ ଆଶ୍ଚର୍ଯ୍ୟ ଓ ବ୍ୟଥିତ କରିବ ନିଶ୍ଚୟ। ସ୍ୱାଭାବିକ ପ୍ରଶ୍ନ ଆସେ କେଉଁ ଆଦର୍ଶକୁ ଆଖି ଆଗରେ ରଖି କାହା ସ୍ୱାର୍ଥରେ କେଉଁ ଉର୍ବର ମସ୍ତିଷ୍କ ଏ ବିଧାନ ପ୍ରଣୟନ କରିଛନ୍ତି?

ଏଯାବତ୍ ଯେଉଁମାନେ ସାହିତ୍ୟ ଏକାଡେମୀ ପୁରସ୍କାର ବା ଉପଯୁକ୍ତ ସମ୍ମାନ ପାଇବାରୁ କୌଣସି କାରଣରୁ ବଞ୍ଚିତ ଏବଂ ଅନାଲୋକିତ ତଥା ଅନାଲୋଚିତ, ବିଶେଷ କରି ବୟୋଜ୍ୟେଷ୍ଠ, ସେଇମାନଙ୍କ ପାଇଁ ଏ ସମ୍ବର୍ଦ୍ଧନା ଏକାଡେମୀର ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ଉଦ୍ଦିଷ୍ଟ ଥିଲା; ଏପର୍ଯ୍ୟନ୍ତ ଧାରାବାହିକ ଭାବେ ଚାଲି ଆସୁଥିଲା ମଧ୍ୟ। **General Executive Board VI (h)** କହେ, **"The Secretary shall prepare a panel of names of literary persons of outstanding merits and place the same before the Executive Board for being recommended to the General Council for being felicitated on behalf of the Akademi."** ଅର୍ଥାତ୍ ସାହିତ୍ୟ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ଥିବା ସାହିତ୍ୟ ସାଧକମାନଙ୍କର ଏକ ତାଲିକା (ପ୍ରତ୍ୟେକ ଜିଲ୍ଲାର ଏକାଡେମୀ ସଦସ୍ୟମାନଙ୍କ ତଥ୍ୟ ଓ ମତାମତକୁ ଆଧାର କରି) ପ୍ରସ୍ତୁତ କରି ଏକାଡେମୀର ସଚିବ କାର୍ଯ୍ୟକାରୀ ପରିଷଦରେ ଉପସ୍ଥାପିତ କରିବେ। ସେହି ତାଲିକା କାର୍ଯ୍ୟକାରୀ ପରିଷଦର ଅନୁମୋଦନ ପାଇବା ପରେ ସାଧାରଣ ପରିଷଦକୁ ଯିବ ଓ ସମ୍ବର୍ଦ୍ଧିତମାନଙ୍କର ଚୂଡ଼ାନ୍ତ ତାଲିକା ଘୋଷଣା କରାଯିବ। ମାତ୍ର ସମ୍ବିଧାନର ଏ ନିୟମକୁ କିଏ ଓ କେବେ ସଂଶୋଧନ କରିଛନ୍ତି ତା'ର କୌଣସି ପ୍ରମାଣିକତା ନ ଦର୍ଶାଇ ଏପରି ଏକ ବିଜ୍ଞାପନ ପ୍ରକାଶିତ ହେବା ସାହିତ୍ୟକ ଓ ବୁଦ୍ଧିଜୀବୀଙ୍କୁ ଚକିତ ତଥା କ୍ଷୁବ୍ଧ କରିଛି।

ପ୍ରଥମତଃ, ଏହି ବିଜ୍ଞାପନ(ଙ)ରେ ଉଲ୍ଲେଖ କରାଯାଇଛି, "ସର୍ବାଧିକ ପୁସ୍ତକ ରଚନା ଓ ପ୍ରକାଶନ କରିଥିବା ବ୍ୟକ୍ତିଙ୍କୁ ତାଙ୍କ ନିରନ୍ତର ସାଧନା ଆଧାରରେ ଏହି ସମ୍ବର୍ଦ୍ଧନା ପାଇଁ ଅଗ୍ରାଧିକାର ଦିଆଯିବ।" ଏକାଡେମୀ ସମ୍ବିଧାନ କହୁଥିବା **outstanding merits** ବା ଉଲ୍ଲେଖନୀୟ ଅବଦାନ କ'ଣ ସର୍ବାଧିକ ପୁସ୍ତକ ପ୍ରକାଶନ? "ସର୍ବାଧିକ ପୁସ୍ତକ ରଚନାକାର" ବୋଲି ଉଲ୍ଲେଖ କରିଥିଲେ ହୁଏତ କଥା ଭିନ୍ନ ହୋଇଥାନ୍ତା। କିନ୍ତୁ "ସର୍ବାଧିକ ପ୍ରକାଶନ"ର ଅର୍ଥ କ'ଣ? ଯିଏ ଯେତେ ଖର୍ଚ୍ଚ କରି ଅଧିକ ବହି ଛାପି ପାରିଚି ସେ ହିଁ ତାର **outstanding merit** ବୋଲି ଧରିନେବାକୁ ହେବ। ଏବେ ଏ ସମ୍ବର୍ଦ୍ଧନା ପାଇବ କିଏ? ଯିଏ ଅଧିକ ଗୁଡ଼ିଏ ସଂକଳନ ପ୍ରକାଶିତ କରିପାରିଥିବ। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ ଓଡ଼ିଶା ସାହିତ୍ୟ ଏକାଡେମୀ ଆଉ ସର୍ଜନର ମୌଳିକ ଗୁଣବତ୍ତା, ସୁସାହିତ୍ୟ ବା ପ୍ରତିଭାବାନ ସାଧକଙ୍କୁ ଚାହୁନାହିଁ। କେବଳ ମେଂଚାଏ ଲେଖୁଥିବା ବହୁପ୍ରସୂ ଓ ବହୁତ ବହି ଛାପିପାରୁଥିବା ଆର୍ଥିକ ସ୍ୱଚ୍ଛଳ ହିଁ ଓଡ଼ିଆ ସାହିତ୍ୟରେ ବାଂଛିତ, ବନ୍ଦନୀୟ ଓ ବରେଣ୍ୟ ବୋଲି ସାହିତ୍ୟ ଏକାଡେମୀ ସିଦ୍ଧ କରିବାକୁ ଯାଉଛି। ତେବେ ବହି ସଂଖ୍ୟା ଗଣି ବା ତାଲିକା ସଂଗ୍ରହ କରି ସାରସ୍ୱତ ସାଧକ ସମ୍ବର୍ଦ୍ଧନା, ସାହିତ୍ୟ ଏକାଡେମୀ ପୁରସ୍କାର, ଅତିବଡ଼ି ପୁରସ୍କାର ଆଦି ଦେଇ ଦେବାରେ ଅସୁବିଧା ନାହିଁ। ତଦ୍ୱାରା ଆଉ ପୁସ୍ତକ ଦାଖଲ, ଆବେଦନ, ବିଚାରକ ମଣ୍ଡଳୀ, ଏକାଡେମୀ ସଦସ୍ୟ ଓ ଏସବୁକୁ ସଂପାଦିତ କରିବାର ସରକାରୀ ଖର୍ଚ୍ଚର ଆବଶ୍ୟକତା ରହିବନାହିଁ। ଆଗରୁ ମଧ୍ୟ ମାତ୍ର ଖଣ୍ଡିଏ ପୁସ୍ତକ ରଚନା କରି ବା ପ୍ରଥମ ପ୍ରକାଶିତ ପୁସ୍ତକ ପାଇଁ ଅନେକେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବାର ଦୃଷ୍ଟାନ୍ତ ଅଛି। ପ୍ରତିଭା ଚୟନର ସେପରି ସୁସ୍ଥ ଓ ପ୍ରଶଂସନୀୟ ପରମ୍ପରାକୁ ଆଜି କେଉଁ କାରଣରୁ ଆମେ ଅସାମ୍ବିଧାନିକ ଭାବେ ବଦଳାଇ ଦେବାକୁ ଯାଉଚୁ ଓ କ'ଣ ପ୍ରତିଷ୍ଠା କରିବା ପାଇଁ ଚାହୁଁଚୁ? ଏବେ ଯେଉଁ ନିୟମ କରାଗଲା ତାହା ନିଶ୍ଚୟ ପରିତାପର ବିଷୟ। ଗୁଣଠାରୁ ସଂଖ୍ୟାକୁ ଶ୍ରେୟ ଦେଇ ଆମେ ପଙ୍କ ଭିତରୁ ପଦ୍ମ ତୋଳିବା ବଦଳରେ ପଦ୍ମପୋଖରୀରୁ ପଙ୍କ ସାଉଁଟା କାମ କରୁନୁ ତ? ପୁସ୍ତକ ପ୍ରକାଶନରେ ସର୍ବାଧିକତାକୁ ସ୍ପର୍ଶ କରିବା ଯେ ଶ୍ରେଷ୍ଠ ସର୍ଜନଶୀଳ ସାଧନାର ମାପକାଠି ବା ମାନକ ଏହା ସ୍ୱୀକାର କରିହେବ କି? ସର୍ବାଧିକ ପୁସ୍ତକ ପ୍ରକାଶନ କରିବା ପାଇଁ ଆମ ରାଜ୍ୟରେ ଯଥେଷ୍ଟ ଅର୍ଥର ଆବଶ୍ୟକତା ପଡ଼ିଥାଏ। ଜଣେ ସାରସ୍ୱତ ସାଧକ ଯଥେଷ୍ଟ ଲେଖିଥିଲେ ମଧ୍ୟ ଯଥେଷ୍ଟ ଅର୍ଥ ଅଭାବରୁ ଯଥେଷ୍ଟ ବହି ଛାପି ପାରେନାହିଁ। ଓଡ଼ିଶା ସାହିତ୍ୟ ଏକାଡେମୀ ଯଦି ଗୁଣକୁ ଗୌଣ ଓ ସଂଖ୍ୟାକୁ ଶ୍ରେୟ ବୋଲି ସିଦ୍ଧ କରିବାକୁ ଚାହୁଁଛନ୍ତି ତେବେ ବୁଝିନେବାକୁ ହେବ ଯେ ଓଡ଼ିଶାକୁ ଧରମାର ଅଭିଶାପ ଅଛି। ଏଠି ପ୍ରତିଭା ଅବହେଳିତ ହେବ।

ଦ୍ୱିତୀୟରେ, ଆବେଦନ ପାଇଁ ଦିଆଯାଇଥିବା ପ୍ରୋଫର୍ମା (୮)ରେ କୁହାଯାଇଛି, "(ସାରସ୍ୱତ ସାଧକଙ୍କର) ସାହିତ୍ୟ ସଂଗଠନ କ୍ଷେତ୍ରରେ କୃତିତ୍ୱର ସଂପୂର୍ଣ୍ଣ ବିବରଣୀ (ପ୍ରମାଣ ସ୍ୱରୂପ ନକଲ) ପ୍ରଦାନ" କରାଯିବ। ସାହିତ୍ୟ ଏକାଡେମୀ କର୍ତ୍ତୃପକ୍ଷ ସାହିତ୍ୟ ସାଧକଙ୍କୁ ସଂଗଠକ ବୋଲି ଭାବିଲେ କାହିଁକି ତାହା ବଡ଼ ବିଚିତ୍ର, ବିଭ୍ରାନ୍ତିକର ଓ ପରିତାପର ବିଷୟ। ଲେଖକଟିଏ ଯେ ସଂଗଠକ ହେବା ଜରୁରି ଏହା ଏବେଠାରୁ ଧରିନେବାକୁ ପଡ଼ିବ କି? ସତ୍ ଲେଖକ ସଂଗଠକ ହେବ ଯଦି ସେ ଆଉ ଲେଖକ ହୋଇ ରହିବ ତ? ସଂଗଠନ କଥା ବିଚାରକୁ ନେଲେ ଆଲୋଚନା ଭିନ୍ନ ଆଡ଼କୁ ଯିବ ଓ ସାହିତ୍ୟରେ ରାଜନୀତିର କାଇଦା, କୌଶଳ, କରସାଦି ଇତ୍ୟାଦି ଅନେକ କଥା ଆସିବ ଯାହା ଆମର ପ୍ରସଂଗ ନୁହେଁ। ସଂଗଠକଙ୍କୁ ସମ୍ମାନିତ ଓ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ବ୍ୟବସ୍ଥା କରାଯାଇପାରେ। କିନ୍ତୁ ଲେଖକକୁ ସଂଗଠକ ବନେଇବାର (ପ୍ରକୃତ ଅର୍ଥରେ ସଂଗଠକଙ୍କୁ ସାହିତ୍ୟ ସାଧକର ଆଖ୍ୟା ଦେବା) କଥାଟି କେତେ ଯୁକ୍ତିଯୁକ୍ତ? ସାହିତ୍ୟ ସ୍ରଷ୍ଟାଟିର ଯୋଗ୍ୟତା କ'ଣ ସାଂଗଠନିକ କୃତିତ୍ୱ ଦ୍ୱାରା ସ୍ଥିରିକୃତ ଓ ପ୍ରତିପାଦିତ ହେବ? ଏମିତି ଅନେକ ପ୍ରଶ୍ନ ଯାହାର ସ୍ପଷ୍ଟ ଓ ସଠିକ୍ ଉତ୍ତର ଓଡ଼ିଆ ସାହିତ୍ୟର ସଚେତନ ପାଠକ ଓ ଲେଖକ ହିସାବରେ ଦାବି କରିବା ଆମର ହକ୍। ଏଥି ସହିତ ଅନ୍ୟ ସଚେତନ ପାଠକ, ଲେଖକ ଓ ସାହିତ୍ୟ ଅନୁଷ୍ଠାନମାନଙ୍କୁ ମଧ୍ୟ ଆହ୍ୱାନ ଆସିଚି, ଏପରି ଅଦ୍ଭୁତ ନିୟମକୁ ପ୍ରତ୍ୟାହାର କରିବା ପାଇଁ ଏକାଡେମୀ ନିକଟରେ ନିବେଦନ ଉପସ୍ଥାପନ କରିବାକୁ।

ତୃତୀୟରେ, ଆବେଦନ ପ୍ରୋଫର୍ମା (୧୧) ଅନୁସାରେ ଏହି ସମ୍ବର୍ଦ୍ଧନା ପାଇଁ ଉର୍ଦ୍ଧ୍ୱ ବୟସରେ ଜଣେ ସ୍ୱାଭିମାନୀ ସାଧକ ଆବେଦନ କରିବା ପୂର୍ବରୁ ନିଜ କୃତିତ୍ୱ ସଂପର୍କରେ (ଏକାଡେମୀ ସଦସ୍ୟଙ୍କ ମନ୍ତବ୍ୟ ସହ ଦସ୍ତଖତ) ସାର୍ଟିଫିକେଟ୍ ପାଇଁ ଗୋଡଭାଙ୍ଗି ଏକାଡେମୀ ସଦସ୍ୟଙ୍କ ଦ୍ୱାରସ୍ଥ ହେବେ। ଏଥି ପାଇଁ ଏକାଡେମୀ ସଦସ୍ୟମାନଙ୍କୁ ବି ବହୁ ଅଡୁଆ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ଏପରି ପ୍ରକ୍ରିୟା ବି.ପି.ଏଲ୍. ତାଲିକାରେ ନାମ ଦରଜ କରିବାର ଧାଆଁଦଉଡ଼ ଠାରୁ କୌଣସି ଗୁଣରେ କମ୍ ନୁହଁ।

ଆମେ ଯାହା ଜାଣନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀର କର୍ମକର୍ତ୍ତା ସମସ୍ତେ ଜଣେଜଣେ ବିଶିଷ୍ଟ ସୁସାହିତ୍ୟିକ। ଏହି କାରଣରୁ ଏପରି ନିୟମ ନିର୍ଦ୍ଧାରଣ ସେମାନଙ୍କ ଦ୍ୱାରା କରାଯିବା ସ୍ୱାଭାବିକ ଭାବେ ଆଶ୍ଚର୍ଯ୍ୟଜନକ ମନେହୁଏ। ଏକାଡେମୀ କର୍ତ୍ତୃପକ୍ଷଙ୍କର ଏପରି ନିୟମ ନିର୍ଦ୍ଧାରଣକୁ ବିରୋଧ କରି ସମ୍ବାଦପତ୍ର, ଫେସ୍‌ବୁକ୍, ହ୍ୱାଟ୍‌ସ୍‌ଆପ୍ ତଥା ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ ଅନେକଙ୍କ ପକ୍ଷରୁ ପ୍ରତିକ୍ରିୟା ମଧ୍ୟ ଆସୁଛି। ତେଣୁ ଏକାଡେମୀ ନିଜକୁ ଜନଅସନ୍ତୋଷ ଓ ଗଣବିମୁଖତାରୁ ମୁକ୍ତ ରଖିବାକୁ ଏ ନିୟମର ସ୍ପଷ୍ଟୀକରଣ ସହ ସୁଧାର ଆଣିବାର ପ୍ରୟାସ କରିବ ବୋଲି ଆଶା କରାଯାଉ।


ଇଂରାଜୀ ବିଭାଗ

ଆଇ.ଜି.ଏମ୍. ଡିଗ୍ରୀ କଲେଜ୍, ଭଦ୍ରକ

(ମୋ) ୭୦୦୮୧୧୭୯୬୪


# ଉତ୍କଳ ଭାରତୀ କୁନ୍ତଳାକୁମାରୀ



### ଡଃ ବିନୋଦିନୀ ପାତ୍ର



ଆଜିପରି ଦିନଟିରେ, ଏହି ଆଠ ଫେବୃଆରୀ ଉଣେଇଶଶହ ଏକ ମସିହାରେ ଓଡ଼ିଆ ଭାଷାଭାଷୀ ଜଗଦ୍ଦଳପୁରରେ ଗୁଞ୍ଜରି ଉଠିଥିଲା ଯେଉଁ କରୁଣ କୁଆଁସ୍ୱର, ତାହା ଯେ ଉତ୍କଳ ଭାରତୀଙ୍କ ବୀଣାର ଟଂକାର ହୋଇ ଓଡିଶାରୁ ଦିଲ୍ଲୀ ତଥା ସାରା ଭାରତର ସବୁରି ହୃଦୟରେ ଏକ ଆଶା ଓ ବିଶ୍ୱାସର ଅପୂର୍ବ ଶକ୍ତି ଭରି ଝଙ୍କାରି ଉଠିବ, ତାହା ତାଙ୍କ ଜେଜୀମା ସାଧବୀ ଦେବୀଙ୍କୁ କଣ ଜଣାଥିଲା? ଏକ ପୌତ୍ରର ପ୍ରତୀକ୍ଷାରେ, ମାତା ମୋନିକା ଦେବୀ ଜନ୍ମ ଦେଇଥିବା ଏକ ମାଂସପିଣ୍ଡୁଳାକୁ ଗୋଇଠା ମାରି ସେ ଫଟେଇ ଦେଇଥିଲେ। ସାଗର ମନ୍ଥନରୁ ଅମୃତ କଳସ ଧରି ଲକ୍ଷ୍ମୀ ବାହାରିବା ପରି କୁନ୍ତଳା ସେଦିନ ଜନ୍ମ ନେଇଥିଲେ ସତେକି ଉତ୍କଳଭାରତୀଙ୍କ ବୀଣାଦଣ୍ଡ ହାତରେ ଧାରଣ କରି।

ପିତା ଡାକ୍ତର ଦାନିଏଲ ସାବତଙ୍କ ସନ୍ତାନମାନଙ୍କ ଭିତରେ ସର୍ବ ପ୍ରଥମ କନ୍ୟା ଥିଲେ କୁନ୍ତଳା। ତାଙ୍କ ଡାକ୍ତର ପିତା କର୍ତ୍ତବ୍ୟର ଆହ୍ୱାନରେ ବର୍ମାରେ ସପରିବାର ଅବସ୍ଥାନ କରିବାକାଳରେ କୁନ୍ତଳା ମାତୃଭାଷାର ଆନୁଷ୍ଠାନିକ ଶିକ୍ଷା ନପାଇ ମଧ୍ୟ ତାଙ୍କର ଗଭୀର ଓଡ଼ିଆ ପ୍ରୀତି ତଥା ମାତା ମୋନିକାଙ୍କ ଯତ୍ନ ତାଙ୍କୁ ମାତୃଭାଷାରେ ଧୂରୀଣ କରିପାରିଥିଲା।

ପାରିବାରିକ କାରଣରୁ ସେ ଓଡିଶା ଆସି କଟକରେ ଭେନ୍ସାଗାର୍ଲସ ସ୍କୁଲରେ ଅଷ୍ଟମଶ୍ରେଣୀରେ ଦାଖିଲା ପାଇ ମାଟ୍ରିକ ପାସ୍ ପରେ ଏଣ୍ଟ୍ରାନ୍ସ ପାସ୍ କରି ଡକ୍ତରୀ ପଢ଼ିଲେ, କଟକ ମେଡିକାଲ କଲେଜରେ ପଢ଼ିଲା ବେଳୁ ସେ କବିତା ପ୍ରତି ଅନୁରକ୍ତ ଥିଲେ। ଅତ୍ୟନ୍ତ ବୁଦ୍ଧିମତ୍ତା ଯୁକ୍ତ ଓ ପରିଶ୍ରମୀ ହେତୁ ପୁଅଙ୍କୁ ପଛରେ ପକାଇ ସେ ସବୁବେଳେ ପ୍ରଥମ ହେଉଥିଲେ ଏବଂ ମେଡିକାଲ ସ୍କୁଲରୁ ବାରଟି ରୂପାପଦକ ସହ ସ୍ୱର୍ଣ୍ଣପଦକ ବିଜୟିନୀ ହୋଇଥିଲେ। ସଂଗୀତରେ ତାଙ୍କର ଅତ୍ୟଧିକ ରୁଚି ରହିଥିଲା। କୁହାଯାଏ, ସଂଗୀତ ପ୍ରୀତି ହିଁ ତାଙ୍କୁ କବିତା ଲେଖିବାକୁ ପ୍ରଚୋଦିତ କରିଥିଲା। ତେଣୁ ତାଙ୍କ କବିତାରେ ଭାଷା ଓ ଭାବର ଅପୂର୍ବ ସମନ୍ୱୟ ସହ ସାଂଗିତିକତା ମଧ୍ୟ ଯଥେଷ୍ଟ ରହୁଥିଲା। ଯାହା ପାଠକଙ୍କୁ ବିମୋହିତ କରି ରଖୁଥିଲା।

ଦାରିଦ୍ର୍ୟର କଷାଘାତ ଭିତରେ ବି ସେ ଭାଂଗି ପଡିନଥିଲେ। ପ୍ରଥମେ ପ୍ରାଇଭେଟ ଭାବେ ଡାକ୍ତରୀ ଓ ପରେ ପରେ ରେଡକ୍ରସ ଡାକ୍ତର ଭାବେ ସେ ପ୍ରଚୂର ଅର୍ଥ ସହ ମାନସମ୍ମାନର ଅଧିକାରିଣୀ ହେଲେ।

କବିତା ଲେଖା ପୂର୍ବ ବତ୍ରୁରି ରହିଥିଲା। ଯାହା ତାଙ୍କୁ ଏକ ଅନନ୍ୟ କବି ଓଔପନ୍ୟାସିକା ଭାବେ ପରିଚିତି ଆଣି ଦେଇଥିଲା। ତାଙ୍କ ରଚିତ ପ୍ରଥମ କବିତା ତାରା ପ୍ରତି, ଶେଫାଳି ପ୍ରତି, କମଳା ପ୍ରତି ଓ ଅର୍ଚ୍ଚନା, ଅଞ୍ଜଳି, ଆହୁତି, ଉଚ୍ଛ୍ୱସ, ଆହ୍ୱାନ, ସ୍ଫୁଲିଙ୍ଗ, ପ୍ରେମଚିନ୍ତାମଣି ଓ ଓଡ଼ିଆ କାନ୍ଦଣା ପରି କାବ୍ୟଗ୍ରନ୍ଥ ସହ ସେ ଭ୍ରାନ୍ତି, ପରଶମଣି, ନଅତୁଣ୍ଡି, କାଳିବୋହୂ, ରଘୁଅରକ୍ଷିତ ଓ ଚିତ୍ରପଟ ପରି ଓଡିଆ ଜନଜୀବନ ଓ ସଂସ୍କୃତି ସମନ୍ୱିତ ସାହିତ୍ୟକୃତିରେ ଓଡିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି।

କେବଳ ସାହିତ୍ୟ ସଂରଚନା ନୁହେଁ, ସମ୍ପାଦନା କ୍ଷେତ୍ରରେ ମଧ ସେ ବହୁତ ସଫଳ ଥିଲେ। ଜୀବନ, ସ୍ତ୍ରୀ, ଭୂଷଣ, ନାରୀ ଓ ଭାରତୀ ପରି ପତ୍ରିକାର ସମ୍ପାଦନା କରି ସେ ସୁନାମ ଅର୍ଜନ କରିଥିଲେ। ନାରୀ ଜାଗରଣ, ସତୀତ୍ୱ ଓ ଅନ୍ୟ କେତେକ ହିନ୍ଦି ପୁସ୍ତକର ରଚୟିତ୍ରୀ ମଧ ସେ ଥିଲେ। ହିନ୍ଦୀ, ଓଡ଼ିଆ ଓ ଇଂରାଜୀ ଭାଷାରେ ତାଙ୍କର ଗଭୀର ବ୍ୟୁତ୍ପତ୍ତିଥିଲା। ରାଣୀ ଲକ୍ଷ୍ମୀବାଇଙ୍କ ଜନ୍ମଶତାବ୍ଦୀ ଅବସରର ଗୁଆଲିଅର ଠାରେ ସେ ଯେଉଁ ଅଗ୍ନିବର୍ଷୀ ଭାଷଣ ଦେଇଥିଲେ ତାହା 'ନାରୀସ୍ୱରାଜ'ରେ ଚାଳିଶପୃଷ୍ଠାର ଏକ ପ୍ରମୁଖ ପ୍ରବନ୍ଧ ରୂପେ ପ୍ରକାଶିତ ହୋଇଥିଲା।

ତାଙ୍କର ସାହିତ୍ୟପ୍ରତିଭା, ବାଗ୍ମିତା ଓ ସମାଜସେବା ପାଇଁ ସତ୍ୟବାଦୀ ଗୃପର ସାହିତ୍ୟିକମାନେ ତାଙ୍କୁ ଗଭୀର ଶ୍ରଦ୍ଧା ଦେଖାଉଥିଲେ। ପଲ୍ଲୀକବି ନନ୍ଦକିଶୋର ବଳ ତାଙ୍କୁ ଖୁବ୍ ଆପଣାପଣ ଦେଖାଇଥିଲେ। ଭକ୍ତକବି ମଧୁସୂଦନ, ଗୋଦାବରୀଶ ମିଶ୍ର, ରାଧାନାଥ ରାୟଙ୍କର ସେଖୁବ୍ନିକଟତର ଥିଲେ। ତାଙ୍କ ଶିକ୍ଷାଗୁରୁ ତଥା ପ୍ରେମୀ ଡାକ୍ତ ରକୈଳାସ ନାଥରାଓ ତାଙ୍କୁ କବିତା ଲେଖିବାରେ ଓ ପ୍ରକାଶନରେ ବିଶେଷ ସହାୟତା କରିଥିଲେ।

କୁନ୍ତଳା ଥିଲେ ଅସମ୍ଭବ ଭାବେ ଆତ୍ମବିଶ୍ୱାସୀ ଓ ଆଶାବାଦୀ। କୌଣସି କୁତ୍ସା ବା ପ୍ରତିକୂଳ ପରିସ୍ଥିତି ତାଙ୍କୁ ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ କରି ପାରିନଥିଲା।ସେଥିଲେ ଜଣେ ସଂଗଠିକା, ସମାଜ ସେବିକା, ଓ ଦରିଦ୍ର ଜନର ସେବାକାରିଣୀ। ଭାରତ ମେଡିକାଲହଲ୍, ସ୍ଥାପନା କରି ସେ ରୋଗୀ ସେବା କରୁଥିଲେ। ନିଜ ବୃତ୍ତି ଓ ପ୍ରବୃତ୍ତି ପ୍ରତି ସଦା ସତ୍ୟନିଷ୍ଠ ଥିଲେ କୁନ୍ତଳା ।ଉନ୍ନତସାହିତ୍ୟ ରଚନା ଓ ସମାଜ ସେବା ପାଇଁ ତାଙ୍କୁ ପୁରୀର ମହିଳା ବନ୍ଧୁ ସମିତି ତରଫରୁ "ଉତ୍କଳଭାରତୀ" ଉପାଧି ତଥା ଅସମ୍ଭବ ବାଗ୍ମିତା ପାଇଁ ତାଙ୍କୁ ଆର୍ଯ୍ୟସମାଜ ପକ୍ଷରୁ "ଭାରତଭୂଷଣ" ସମ୍ମାନରେ ଭୂଷିତ କରାଯାଇଥିଲା। ସେତେବେଳର ପ୍ରତିଷ୍ଠିତ ସାହିତ୍ୟିକମାନଙ୍କର ସେ ପ୍ରିୟ କବୀ ହୋଇ ଅନେକ ଶ୍ରଦ୍ଧା ଓ ପ୍ରୋତ୍ସାହନ ପାଇ କାବ୍ୟ ଜଗତରେ ଆଗେଇ ଚାଲିଲେ। କେବଳ କାବ୍ୟ କବିତା ନୁହେଁ, କୁନ୍ତଳାଙ୍କର ଥିଲା ଅସମ୍ଭବ ବୁଦ୍ଧିମତ୍ତା ଓ ଉ ଦତ୍ତାଉବାଗ୍ମୀତା।

କୁନ୍ତଳାଙ୍କ ଜୀବନ ବର୍ତ୍ତମାନର ସଂସ୍କୃତି ବିଧ୍ୱସ୍ତ ସମାଜ ପାଇଁ ଏବଂ ଅଧଃପତିତ ମଣିଷମାନଙ୍କ ପାଇଁ ଏକ ଆଦର୍ଶର ଆଲୋକ ବର୍ତ୍ତିକା। ମାତ୍ର ଅଣଚାଳିଶ ବର୍ଷ ବୟସରେ କୁନ୍ତଳାଙ୍କ ଆଲୋକମୟ ଜୀବନର ଦୁଃଖଦ ଅବସାନ ଓଡିଆମାନଙ୍କ ପାଇଁ ନିଶ୍ଚିତରେ ଅବସୋସର ବିଷୟ। ମାତ୍ର ତାଙ୍କ ଆଶା ଓ ଆତ୍ମବିଶ୍ୱାସର ଅମର ଉଚ୍ଚାରଣ:

'ତଥାପି ମୋ ଆତ୍ମା ଫୁଲ
ନଯିବରେ ମଉଳି'

ପ୍ରତ୍ୟେକ ମଣିଷ ମନରେ ଅଫୁରନ୍ତ ଆଶା ଓ ବିଶ୍ୱାସ ସବୁକାଳ ପାଇଁ ସୃଜୁଥିବ।


ଶ୍ରୀଟାୱରସ୍, ବିଜେବିନଗର, ଭୁବନେଶ୍ୱର





## ଅଧୁରା ପ୍ରେମ

### ସୌଦାମିନୀ ପଣ୍ଡା



ଝୁରୁଛି ମୋ ଆଖି ଖାଲି ତୁମକୁ
କାଳେ ଫେରିବକି ମୋ ପାଖକୁ,
ଦେଇଥିଲି କେବେ ମନ ମୁଁ ତୁମକୁ
ରଖିଲନି ସାଇତି ମୋ ହୃଦୟକୁ,
ବାନ୍ଧି ହୋଇଥିଲା ମନ ତୁମ ପ୍ରେମରେ
ଛିଣ୍ଡାଇ ଦେଲ ତାକୁ କେଉଁ ମୁହୂର୍ତ୍ତରେ

ଦେଇଥିଲ ଜୀବନକୁ
କେତେ ଯେ କଥା
ଦେଖୁ ଦେଖୁ ହୋଇଗଲା
ସବୁ ଯେ ବୃଥା,
କଣ ଥିଲା ମୋ ଭୁଲ କହିଲନି ମତେ
କାହିଁକି ରଖିଲନି ତୁମ ଜୀବନେ ମତେ,
ଆଙ୍କି ଯାଇଥିଲା
କେତେ ଛବି ପ୍ରେମର
ଅଙ୍ଗାର କରିକି ଦେଲ ପ୍ରେମ ଉପହାର
ରହି ମୁଁ ପାରୁନି ଏକା ଛାଡି ତୁମକୁ
ଆଖି ଚାହିଁ ବସିଛି ଖାଲି ତୁମ ବାଟକୁ,


ସ୍ନାତକ ବିଜ୍ଞାନ ଛାତ୍ରୀ
ବରିହାପାଲି(ପଦ୍ମପୁର)
ବରଗଡ


## ଭଗ୍ନୀକୁ ଭାବନ୍ତି ପ୍ରିୟା

### ରମେଶ ଚନ୍ଦ୍ର ନାୟକ



ତୁମ ନାମ ସାଥେ ମୋର ନାମ ଯୋଡ଼ି
କଥା ହେଉଥିଲେ କେତେ
ଗାଆଁ ଦାଣ୍ଡେ ଯେବେ ଯାଉଥିଲି ମୁହିଁ
ଥଟ୍ଟା କରୁଥିଲେ ମୋତେ ।

ପଚାରିବି ବୋଲି ମନେ ଭାବୁଥିଲି
ଡାକିଦେଲା ଜଣେ ଟୋକା
ପାଖକୁ ଆସିଲା ମୋତେ ସେ କହିଲା
ପ୍ରେମିକା ଦେଲାକି ଧୋକା ।

ବୁଝି ପାରେ ନାହିଁ ତା'ର କଥା ମୁହିଁ
ବଲ ବଲ ଚାହିଁ ରହେ
କାହିଁକି ଏପରି ଗାଆଁରେ ଆମରି
ମିଛ କଥା ସୁଅ ବହେ ।

ଥିଲେ ଆମେ ଚାଟ
ବିଦ୍ୟାଳୟେ ପାଠ
ପଢୁଥିଲେ ଏକା ସାଥେ

ଚାକିରି ପାଇଲି ସହରେ ରହିଲି
ବିତିଲାଣି ଦିନ କେତେ ।

ତୁମ ବିଭା ଦିନେ କହିଥିଲି କାନେ
ସୁଖରେ ରହିବ ବୋଲି
ଉପହାର ଦେଇ ଫଟୋ ମୁଁ ଉଠାଇ
ବନ୍ଧୁର କର୍ତ୍ତବ୍ୟ କଲି ।

ସେଥିପାଇଁ ବୋଧେ
ଚର୍ଚ୍ଚା ଚାଲେ ଏତେ
ନାହିଁ ନିଆଁ ଉଠେ ଧୂଆଁ

ସଜ ମାଛଟାରେ ପୋକ ଯେ ପକାନ୍ତି
ଭଗ୍ନୀକୁ ଭାବନ୍ତି ପ୍ରିୟା ।


କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦


## ବସନ୍ତ ଆସିବ

### ଜଗଦୀଶ ସାହୁ

ବଢ଼ିଲାଣି ଖରାତେଜ କମିଲାଣି ଶୀତ
କୋଇଲିଟି କୁହୁକୁହୁ ସୁରେ ଗାଏ ଗୀତ
ପବନରେ ଉଡ଼ିବୁଲେ ବଉଳର ବାସ
ଫୁଲସଙ୍ଗେ ମହୁମାଛି ରଚିଲାଣି ରାସ
ନବପଲ୍ଲବରେ ଗଛ ନୂଆବୋହୂ ପରି
ସଜେଇ ହୋଇ ଦିଶନ୍ତି ସ୍ୱର୍ଗ ଅପସରୀ
ଖରାରେ ବସିଲେ ବେଶୀ ଗରମ
ଲାଗଇ
ଛାଇକୁ ଆସିଲେ ଦେହ ଉଠୁଛି
ଶୀତେଇ
ସଂଜ ବୁଡୁ ବୁଡୁ ମେଘମୁକ୍ତ ଆକାଶରେ
ଜହ୍ନ ଢାଳୁଛି ଜୋଛନା କଇଁର ଓଠରେ
ମାଘମାସ ବିଦାୟରେ ଫଗୁଣ ହସିବ
ଶୀତଗଲେ ଋତୁରାଜ ବସନ୍ତ ଆସିବ !


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬


## ସଂସାର

### ଡ. ଅନିଲ ନନ୍ଦ



ଏ ନାମଯଜ୍ଞ ନିୟମିତ
ଏ ନଦୀୟା କୀର୍ତ୍ତନ ଅହରହ।
ଘଣ୍ଟ ଘଣ୍ଟା ମାଦଳ

ଟିଂଟିଂ ଢାଉଁଢ଼ାଉଁ ଶବ୍ଦ
କେବେ ଇତିହାସ ଗଢେ
କେବେ ପାଲଟି ଯାଏ
ଚିର ଅସନ୍ତୋଷର ଅସ୍ପଷ୍ଟ ସ୍ୱର
କେବେ ଭାସିଯାଏ ଭାବରେ
କେବେ ବୁଡିଯାଏ ଅଭାବରେ ।

କିଛି ପାଇଛୁ
ଲମ୍ବାଇ ଦେଇ ହାତ
ଅନେକ ରହିଚି ବାକି
ପାଇ ପାରୁନାହୁଁ
ମହାଦେଶରୁ ମହାସାଗର
ମନ୍ଥନ ପରେ ସୁଦ୍ଧା
ଅନ୍ତରୀକ୍ଷ ଓ ଅଣ୍ଟୁନଥିବା ସମୟର
ଅଣୁଗହ୍ୱରେ ମଧ୍ୟ।

ସେଇଥି ପାଇଁ ଗଢୁଛୁ
ଭାଙ୍ଗି ଦେଉଛୁ
ଥରକୁ ଥର ନିଜ ହାତରେ
ଗଢିଥିବା ବାଲିଘର
ଯାତ୍ରା ପରେ ମଞ୍ଚ ।


କ୍ୟାମ୍ପସ -୯,
କିଟ୍, ଭୁବନେଶ୍ୱର
ମୋ: ୯୯୩୭୮୪୩୩୬୮

# ନିଜ ପରିଜନଙ୍କ ଶବକୁ ସୁପ ଭାବେ ତିଆରି କରି ପିଇ ଯାଆନ୍ତି ଏହି ଜନଜାତି, ଜାଣନ୍ତୁ କାହିଁକି କରନ୍ତି ଏଭଳି ଅଜବ କାମ



ଦୁନିଆରେ ବିଭିନ୍ନ ପ୍ରକାରର ଲୋକ ବାସ କରନ୍ତି ଏବଂ ପ୍ରତ୍ୟେକ ଅଂଶ ସହିତ ଜଡିତ ସେମାନଙ୍କର ନିଜସ୍ୱ ପରମ୍ପରା ମଧ୍ୟ ରହିଛି । କିନ୍ତୁ ଏଭଳି ଅନେକ ରୀତିନୀତି ରହିଛି ଯାହା ଶୁଣିବା ପରେ ଆମେ ଭୟଭୀତ ହୋଇଥାଉ । ଅନ୍ତିମ ସଂସ୍କାର ସହିତ ଜଡିତ ଏକ ସମାନ ପରମ୍ପରା ଦକ୍ଷିଣ ଆମେରିକୀୟ ଜନଜାତି ୟାନୋମାମୀ ରେ ଦେଖାଯାଏ, ଯାହା ଏତେ ଆଶ୍ଚର୍ଯ୍ୟଜନକ ଯେ ଏହା ଲୋକଙ୍କୁ ଚକିତ କରିଥାଏ କିନ୍ତୁ ଏହି ଲୋକଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ସାଧାରଣ କଥା ଅଟେ । ଜନ୍ମ ଏବଂ ମୃତ୍ୟୁ ସହିତ ଜଡିତ ରୀତିନୀତି ପ୍ରତ୍ୟେକ ସମାଜ ଏବଂ ସମ୍ପ୍ରଦାୟରେ ଭିନ୍ନ । ଯଦିଓ କିଛି ଜିନିଷ ସବୁ ସ୍ଥାନରେ ସମାନ, ଯେପରିକି ଶବକୁ ଶେଷ ଯାତ୍ରାକୁ ସମ୍ମାନ ସହିତ ପଠାଇବା ।ଅନ୍ୟ ପଟେ, ଦକ୍ଷିଣ ଆମେରିକାରେ ମିଳୁଥିବା ୟାନୋମାମୀ ଜନଜାତି ବିଷୟରେ କଥାବାର୍ତ୍ତା କରନ୍ତୁ, ସେମାନେ ଶେଷ ରୀତିନୀତି ସହିତ ଜଡିତ ଏକ ଅଦ୍ଭୁତ ପରମ୍ପରାକୁ ଅନୁସରଣ କରନ୍ତି, ଯେଉଁଥିରେ ମୃତମାନଙ୍କୁ ଜାଳିବା ପରେ ଅବଶିଷ୍ଟ ପାଉଁଶ କୁ ସୁପ ତିଆରି କରି ପିଅନ୍ତି । ୟାନୋମାମୀ ଜନଜାତିର ପ୍ରଥା ଏହାଠାରୁ ଭିନ୍ନ। ସେନେମା ନାମରେ ପରିଚିତ ଏହି ଜନଜାତିରେ ମୃତ ଦେହ ଶେଷ ରୀତିନୀତି ପାଇଁ ପତ୍ର ଏବଂ ଅନ୍ୟାନ୍ୟ ଜିନିଷରେ ଆବୃତ କରନ୍ତି ।

୩୦-୪୦ ଦିନ ପରେ ସେମାନେ ତାଙ୍କୁ ଫେରାଇ ଆଣି ଅବଶିଷ୍ଟ ଶରୀରକୁ ଜାଳି ଦିଅନ୍ତି । ଏହି ଲୋକମାନେ ସୁପ୍ ତିଆରି କରନ୍ତି ଏବଂ ଶରୀରକୁ ଜାଳିବା ପରେ ରହିଯାଇଥିବା ପାଉଁଶକୁ ପିଅନ୍ତି। ଏହି ପ୍ରଥାକୁ ପାରମ୍ପାରିକ ଭାବରେ ଏଠାରେ ପାଳନ କରାଯାଇଛି ।

ଏହି ପରମ୍ପରାକୁ ମକ୍ଟରଭୟକ୍ଟମବଭଭସଭବକ୍ଷସଗ୍ବଙ୍କ କୁହାଯାଏ । ଏହି ସମ୍ପ୍ରଦାୟ ବିଶ୍ୱାସ କରେ ଯେ ମୃତ ବ୍ୟକ୍ତିଙ୍କ ଆତ୍ମାଶାନ୍ତି ସେତେବେଳ ମିଳେ ଯେତେବେଳେ ତାଙ୍କ ମୃତ ସମ୍ପର୍କୀୟମାନେ ଖାଇବେ। ସେଥିପାଇଁ ସେମାନେ ଏହାକୁ ଖାଆନ୍ତି। ସେମାନଙ୍କ ଅନୁଯାୟୀ ସେମାନେ ଆତ୍ମାକୁ ଏହିପରି ରକ୍ଷା କରନ୍ତି। ଯଦି କୌଣସି ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି, କେବଳ ମହିଳାମାନେ ତାଙ୍କ ଶରୀରରକୁ ଖାଆନ୍ତି ଏବଂ ସେମାନଙ୍କର ଶେଷ ରୀତି ମଧ୍ୟ ଭିନ୍ନ ଭାବରେ କରାଯାଏ । ୟାନୋମାମୀ ଜନଜାତି ଆମାଜନ ଜଙ୍ଗଲରେ ରୁହନ୍ତି ଏବଂ ଏହାର ପ୍ରାୟ ୨୦୦-୨୫୦ ଗାଁ ଅଛି।



# କାହିଁକି ସ୍କୁଲ ବସ୍‌ର ରଙ୍ଗ ହଳଦିଆ ଜାଣନ୍ତୁ ଏହାପଛରେ ଥିବା ବୈଜ୍ଞାନିକ କାରଣ

ଆପଣ ନିଶ୍ଚିତ ଭାବରେ ରାସ୍ତାରେ ଯାଉଥିବା ଅନେକ ଯାନ ଦେଖିଥିବେ, ଯାହା ବିଭିନ୍ନ ରଙ୍ଗର ହେଇଥିବ , କିନ୍ତୁ ସ୍କୁଲ ବସର ରଙ୍ଗ ସବୁବେଳେ ସମାନ ରହିଥାଏ, ଯାହା ହଳଦିଆ । ଆପଣ କେବେ ଚିନ୍ତା କରିଛନ୍ତି କି ସ୍କୁଲ ବସର ରଙ୍ଗ ହଳଦିଆ କାହିଁକି , ଏହା ନାଲି କିମ୍ବା ନୀଳ ନୁହେଁ ? ଏହା ପଛରେ ଆପଣ କହିପାରିବେ ଯେ ରଙ୍ଗ ଆକର୍ଷଣୀୟ ମନେହୁଏ, ବୋଧହୁଏ ଏହା ପାଇଁ ଏପରି, କିନ୍ତୁ ନା, ଏହି ପ୍ରଶ୍ନର ଉତ୍ତର ବିଜ୍ଞାନ ସହିତ ଜଡିତ ।

'କିପରି ଷ୍ଟଫ୍ ୱାର୍କସ୍' ୱେବସାଇଟ୍ ରିପୋର୍ଟ ଅନୁଯାୟୀ, ସ୍କୁଲ ବସ୍ ହଳଦିଆ ହେବା ଆମେରିକାରୁ ଆରମ୍ଭ ହୋଇଥିଲା। କଲମ୍ବିଆ ୟୁନିଭରସିଟିର ଶିକ୍ଷକ ମହାବିଦ୍ୟାଳୟର ପ୍ରଫେସର ଫ୍ରାଙ୍କ ସାଇର ୧୯୩୦ ଦଶକରେ ଦେଶର ସ୍କୁଲ ପରିବହନ ଯାନ ଉପରେ ଗବେଷଣା ଆରମ୍ଭ କରିଥିଲେ। ସେ ନ୍ୟୁୟର୍କ ଟାଇମ୍ସକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ ସେପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ମାନଦଣ୍ଡ ନଥିଲା ଯେଉଁଥିରେ ସ୍କୁଲ ଯାନ, ବିଶେଷକରି ବସ୍ ର ଡିଜାଇନ୍ ସ୍ଥିର କରାଯିବା ଉଚିତ୍। ଆମେରିକୀୟ ସ୍କୁଲ ପିଲାମାନଙ୍କ ସୁରକ୍ଷା ପାଇଁ ସେ ଏକ ସ୍ୱତନ୍ତ୍ର ବୈଠକ ଡାକିଥିଲେ, ଯେଉଁଥିରେ ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ଶିକ୍ଷକ, ପରିବହନ ଅଧିକାରୀ, ବସ୍ ଉତ୍ପାଦନକାରୀ ଇତ୍ୟାଦି ଅଂଶଗ୍ରହଣ କରିଥିଲେ।

ମିଳିତ ଭାବେ ସେମାନେ ସ୍ଥିର କଲେ ଯେ ବସର ରଙ୍ଗ କ'ଣ ହେବ। ସେ ସମ୍ମିଳନୀ କକ୍ଷର କାନ୍ଥରେ ରଙ୍ଗ ଲଗାଇ ଲୋକଙ୍କୁ ବାଛିବାକୁ କହିଥିଲେ। ସମସ୍ତେ ଏକାଠି ହଳଦିଆ-କମଳା ରଙ୍ଗ ବାଛିଲେ । ହଳଦିଆ ଏହାର ମୁଖ୍ୟ ରଙ୍ଗ ଥିଲା ଏବଂ ସେହି ଦିନଠାରୁ ହଳଦିଆ ବିଦ୍ୟାଳୟ ବସ୍ ର ପ୍ରାଧାନ୍ୟ ରଙ୍ଗ ହୋଇଗଲା। ସମସ୍ତେ ହଳଦିଆ ରଙ୍ଗ ବାଛିଥିଲେ କାରଣ ଅଧିକାଂଶ ଆଖିରେ ସମାନ ରଙ୍ଗ ଆସୁଥିଲା । ସେବେଠାରୁ ହଳଦିଆ ରଙ୍ଗର ବସ୍ ଅଭ୍ୟାସ ଆରମ୍ଭ ହେଲା କାରଣ ସେମାନେ ଏହି ରଙ୍ଗକୁ ଅଧିକ ସୁରକ୍ଷିତ ଭାବି ଥିଲେ ।

ପରେ, ବୈଜ୍ଞାନିକମାନେ ମଧ୍ୟ ସେମାନଙ୍କର ପସନ୍ଦକୁ ଯଥାର୍ଥ କଲେ କାରଣ ସେମାନଙ୍କ ଅନୁଯାୟୀ ହଳଦିଆ ରଙ୍ଗ ମନୁଷ୍ୟର ଆଖିରେ ସହଜରେ ଦେଖାଯାଏ। ଏହା ଭିଜିବିଲିଟି ସ୍ପେକ୍ଟ୍ରମର ଶୀର୍ଷରେ ଅଛି । ଏହାର କାରଣ ହେଉଛି ମାନବ ଆଖିରେ ଫୋଟୋରିସେପ୍ଟର କୋଷ ଅଛି ଯାହାକୁ କୋନ କୁହାଯାଏ । ଆଖିରେ ତିନି ପ୍ରକାରର କୋନ ଅଛି ଯାହା ଲାଲ, ସବୁଜ ଏବଂ ନୀଳ ରଙ୍ଗକୁ ଚିହ୍ନିବା ପାଇଁ ତିଆରି । ହଳଦିଆ ଆଲୋକ ଏକାସାଙ୍ଗରେ ଉଭୟ ଲାଲ ଏବଂ ସବୁଜ କୋଷକୁ ପ୍ରଭାବିତ କରିଥାଏ, ଯେଉଁ କାରଣରୁ ଏହା ଆଖିରେ ଅଧିକ ଦେଖାଯାଏ । ସେଥିପାଇଁ ସ୍କୁଲ ବସ କୁ ହଳଦିଆ ରଙ୍ଗ କରା ଯାଇଛି ।




# ରସୁଣ ଖାଆନ୍ତୁ ଶୁକ୍ରାଣୁ ବଢ଼ିବ

ରସୁଣରେ ଏଲିସିନ୍ ନାମକ ଏକ ରାସାୟନିକ ପଦାର୍ଥ ରହିଛି, ଯାହା ଜନନାଙ୍ଗକୁ ରକ୍ତ ପ୍ରବାହ ବଢ଼ାଇବା ସହ ଶୁକ୍ରାଣୁମାନଙ୍କ ଗୁରବତ୍ତା ବଢ଼ାଇଥାଏ । ରସୁଣରେ ଏମିତି କିଛି ଗୁଣ ରହିଛି, ଯାହା ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଧମନୀକୁ ପରିଷ୍କାର କରିଥାଏ । ଅବଶ୍ୟକୀୟ ଶୁଦ୍ଧ ରକ୍ତ ପ୍ରବାହ ନ ହେବା ମଧ୍ୟ ନପୁଂସକତାର ଅନ୍ୟ ଏକ କାରର । ଏଥିରେ ଜିଙ୍କ ରହିଛି । ଜିଙ୍କ ଟେଷ୍ଟୋଷ୍ଟେରନ, ଶୁକ୍ରାଣୁର ଗତିଶୀଳତା ଓ ଶୁକ୍ରାଣୁଙ୍କ ସଂଖ୍ୟା ବଢ଼ାଇବାରେ ସହଯୋଗ କରିଥାଏ। ରସୁଣ ପୁରୁଷଙ୍କ ପ୍ରଜନନ କ୍ଷମତାକୁ ମଜଭୁତ କରୁଥିବାବେଳେ ମହିଳାମାନଙ୍କ ଗର୍ଭପାତ ସମ୍ଭାବନାକୁ ଏଡାଇଥାଏ । ସେହିପରି ମହିଳା ରସୁଣକୁ ଡାଏଟରେ ସାମିଲ କଲେ ଋତୁସ୍ରାବଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ସୁସ୍ଥ ଭାବେ ଗର୍ଭଧାରଣ ମଧ୍ୟ କରିପାରିଥାନ୍ତି ।



# ଡିପ୍ରେସନ ଭଳି ମାନସିକ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ ଛତୁ : ରିସର୍ଚ୍ଚରୁ ଖୁଲାସା



ଯଦି ଆପଣଙ୍କୁ ଛତୁ ପସନ୍ଦ ତେବେ ଖୁସି ହୋଇଯାଆନ୍ତୁ, କାରଣ ଏହା କେବଳ ଶରୀର ପାଇଁ ନୁହେଁ ବରଂ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ। ଏଥିରେ ଏରଗୋଥିଅନାଇନ୍ ନାମକ ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଉପାଦାନ ମିଳିଥାଏ, ଯାହା ଡିପ୍ରେସନ ଭଳି ମାନସିକ ସମସ୍ୟାରୁ ମୁକ୍ତି ଦେଇଥାଏ । ଆମେରିକୀୟ ବୈଜ୍ଞାନିକମାନେ ୨୦୦୫ ରୁ ୨୦୧୬ ମଧ୍ୟରେ ୨୪,୦୦୦ ରୁ ଅଧିକ ଆମେରିକୀୟ ବୟସ୍କଙ୍କ ଖାଦ୍ୟ ଏବଂ ମାନସିକ ସ୍ୱାସ୍ଥ୍ୟ ଅଧ୍ୟୟନ କରିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି ।

ପରୀକ୍ଷା ଅନୁଯାୟୀ, ଛତୁରେ ମିଳିଥିବା ହାଲୁସିନୋଜେନିକ୍ ପଦାର୍ଥ ଆମ ମସ୍ତିଷ୍କକୁ ସ୍ଥାପିତ ଗଉଣ ସୁଇଚ୍ ସହିତ ବଦଳାଇପାରେ। ମନରେ ଏକ ନକାରାତ୍ମକ ଚିନ୍ତାଧାରା ଆସିବା ମାତ୍ରେ, ଏହି ସୁଇଚ୍ ସକ୍ରିୟ ହୋଇ ମନରେ ଆସୁଥିବା ଖରାପ ଚିନ୍ତାଧାରାର ପ୍ରବାହକୁ ବନ୍ଦ କରିବା କାର୍ଯ୍ୟ ଆରମ୍ଭ କରେ। ଏହି ଅଧ୍ୟୟନ କିଛି ଦିନ ପୂର୍ବରୁ ନେଚର ଚିକିତ୍ସାରେ ପ୍ରକାଶିତ ହୋଇଥିଲା। ଏଥିରେ, କ୍ଲିନିକାଲ୍ ପରୀକ୍ଷଣର ଧାଡ଼ିରେ, ଏହା କୁହାଯାଇଥିଲା ଯେ ଆମକୁ ଡିପ୍ରେସନ୍, ଚିନ୍ତା ଓ ମନୋବୃତ୍ତିର ସମସ୍ୟାରୁ ରକ୍ଷା କରିବା ପାଇଁ କ୍ଟଗ୍ବସକ୍ଷକ୍ଟମଛଭସଭ ଭଳି ସାଇକେଡେଲିକ୍ ପଦାର୍ଥ କିପରି କାମ କରେ। ଏହାର ପ୍ରଭାବ ବୁଝିବା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ରୋଗୀଙ୍କୁ କ୍ଲିନିକାଲ୍ ପରୀକ୍ଷଣରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିରେ ଉଭୟ ସୁସ୍ଥ ଏବଂ ଅସ୍ୱାସ୍ଥ୍ୟକର ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ। ଏହି କ୍ଲିନିକାଲ୍ ଟ୍ରାଏଲରେ, ବିଶେଷଜ୍ଞମାନେ ଦେଖିଲେ ଯେ ଛତୁରେଥିବା ସିଲୋସିବିନ୍ ନେବା ପରେ, ଅଂଶଗ୍ରହଣକାରୀଙ୍କ ମସ୍ତିଷ୍କର ତାର ଅଧିକ ସକ୍ରିୟ ହୋଇଗଲା। ସୁସ୍ଥ ପଦାର୍ଥର ମସ୍ତିଷ୍କ ଏହି ପଦାର୍ଥ ସହିତ ହାଇପରାକ୍ଟିଭ୍ ହୋଇଗଲା। ଯେଉଁମାନେ ଉଦାସୀନତା, ଚିନ୍ତା କିମ୍ବା ମନୋବଳ ପରିବର୍ତ୍ତନରେ ପୀଡିତ ଥିଲେ ସେମାନେ ଆରାମ ପାଇଲେ। ନକାରାତ୍ମକ ଚିନ୍ତାଧାରା କିମ୍ବା ଖରାପ ଚିନ୍ତାଧାରା ହଠାତ୍ ତାଙ୍କ ମନରେ ଅଟକି ଗଲା। ଏହି ଗବେଷଣା କିଛି ପରିମାଣରେ ସତ୍ୟ, କିନ୍ତୁ କେବଳ ଛତୁ ଖାଇ ମାନସିକ ସମସ୍ୟାକୁ ଏଡ଼ାଇବା ସମ୍ଭବ ନୁହେଁ । ଏଗୁଡିକର ସମାଧାନ ପାଇଁ ମାନସିକ ରୋଗ ବିଶେଷଜ୍ଞଙ୍କଠାରୁ ପରାମର୍ଶ ଏବଂ ଚିକିତ୍ସା ନେବା ମଧ୍ୟ ଆବଶ୍ୟକ ।

# ଗୋଲାପ କାହିଁକି ପ୍ରେମ ଏବଂ ବିଶ୍ୱାସର ସଙ୍କେତ: ଜାଣନ୍ତୁ ସମ୍ପୂର୍ଣ୍ଣ କାହାଣୀ



ଆପଣ କେବେ ଭାବିଛନ୍ତି କି, ଲାଲ୍ ଗୋଲାପ କାହିଁକି ପ୍ରେମର ପ୍ରତୀକ ଭାବରେ ବିବେଚନା କରାଯାଏ ? କିମ୍ବା ଆପଣ ପ୍ରାୟତଃ ଦେଖିଥିବେ ଯେ, ଯେତେବେଳେ କେହି ନିଜ ପ୍ରେମକୁ ପ୍ରକାଶ କରନ୍ତି, ସେ ଗୋଟିଏ ଗୋଲାପ ସହିତ କରନ୍ତି । ସର୍ବଶେଷରେ, ଗୋଲାପ ଏତେ ରୋମାଣ୍ଟିକ ବୋଲି ବିବେଚନା କରାଯିବାର କାରଣ କ'ଣ ? ଏହି ବିଷୟରେ ଜାଣିବା ପାଇଁ ଜଣେ ଡାକ୍ତରଙ୍କୁ ପଚରାଯାଇଥିଲା । ଡାକ୍ତର ରବି ଭଟ୍ଟ କହିଛନ୍ତି ଯେ, ଗୋଲାପ ସବୁବେଳେ ଲୋକଙ୍କୁ ଆକର୍ଷିତ କରିଆସୁଛି। ପ୍ରେମ ବିଷୟରେ କହିବାକୁ ଗଲେ, ଗ୍ରୀକ୍ ପୁରାଣରେ ଏହା ଉଲ୍ଲେଖ କରାଯାଇଛି ଯେ, ଏକଦା ସୌନ୍ଦର୍ଯ୍ୟ, ପ୍ରେମ ଏବଂ ସମ୍ବେଦନଶୀଳତାର ଦେବୀ ଆଫ୍ରୋଡାଇଟ୍ ଗୋଲାପ ବଗିଚାରେ ବୁଲୁଥିଲେ। ଏହି ସମୟରେ କାମଦେବ ତାଙ୍କୁ ଦେଖି ବିସ୍ମିତ ହୋଇଗଲେ । ସେହିଦିନରୁ ଗୋଲାପ ପ୍ରେମର ପ୍ରତୀକ ଭାବରେ ପରିଗଣିତ ହୋଇଥିଲା । ଅନ୍ୟ ଏକ କାହାଣୀ ଏହା ମଧ୍ୟ କହିଛି ଯେ, ଯେତେବେଳେ ଆଫ୍ରୋଡାଇଟ୍ ର ପ୍ରେମିକା ଆଡୋନିସ୍ ଆହତ ହୋଇଥିଲେ, କାମଦେବ ଶୀଘ୍ର ତାଙ୍କ ନିକଟକୁ ପହଞ୍ଚିବା ପାଇଁ ଦୌଡ଼ିଥିଲେ । ଏହି ସମୟରେ ଧଳା ଗୋଲାପର କଣ୍ଟା ଉପରେ ତାଙ୍କର ପାଦ ପଡିଯାଇଥିଲା। ସେଠାରେ ଧଳା ଗୋଲାପ ତାଙ୍କ ପାଦ ରକ୍ତରେ ଲାଲ ହୋଇଯାଇଥିଲା। ସେଥିପାଇଁ ଲାଲ୍ ଗୋଲାପ ଅବିସ୍ମରଣୀୟ ପ୍ରେମର ପ୍ରତୀକ ଭାବରେ ପରିଗଣିତ ହେଲା । ସେବେଠାରୁ ପ୍ରତ୍ୟେକ ପ୍ରେମିକ ଏହି ଦିନ ନିଜ ଗର୍ଲଫ୍ରେଣ୍ଡ କିମ୍ବା ପ୍ରେମିକକୁ ନାଲି ଗୋଲାପ ଦେଇଥାଏ । ଡାକ୍ତର ରବି ଭଟ୍ଟ କହିଛନ୍ତି ଯେ, ରୋମାନ ପୁରାଣରେ ନାଲି ଗୋଲାପ ହୃଦୟର ଲୁକ୍କାୟିତ ଇଚ୍ଛାକୁ ବାହାର କରିବା କିମ୍ବା ପ୍ରକାଶ କରିବାର ପ୍ରତୀକ ଭାବରେ ବିବେଚନା କରାଯାଏ। ଖ୍ରୀଷ୍ଟିଆନ ପୁରାଣରେ, ନାଲି ଗୋଲାପ ମନ ଏବଂ ବିଶ୍ୱାସର ଶୁଦ୍ଧତାର ପ୍ରତୀକ ଭାବରେ ବିବେଚନା କରାଯାଏ। ତାହା ହେଉଛି, ଯଦି ଆପଣ କାହାକୁ ବିଶ୍ୱାସ କରୁଛନ୍ତି ତେବେ ତାଙ୍କୁ ନାଲି ଗୋଲାପ ଦେଇ ପାରିବେ।

# ଶରୀରକୁ ହାଇଡ୍ରେଟ୍ ରଖିବା ସହ ପେଟର ଚର୍ବିକୁ ଲହୁଣୀ ପରି ତରଳାଇଥାଏ କାକୁଡ଼ି



ଗତ ୨ ବର୍ଷ ମଧ୍ୟରେ ଲୋକଙ୍କ ଓଜନ ବହୁତ ବୃଦ୍ଧି ପାଇଛି । କାରଣ କରୋନା ଭାଇରସ୍ ଯୋଗୁଁ ହୋଇଥିବା ଲକଡାଉନରେ ୱାର୍କ ଫ୍ରମ୍ ହୋମ୍ ସେମାନଙ୍କୁ ଘରେ ବନ୍ଦୀ କରି ରଖିଥିଲା । ବର୍ତ୍ତମାନ ଲୋକ ସେମାନଙ୍କର ପେଟର ଚର୍ବିକୁ ହ୍ରାସ କରିବାକୁ ଚାହାଁନ୍ତି । କିନ୍ତୁ ଅଧିକାଂଶଙ୍କର ଜିମ୍ ଯିବାକୁ ସମୟ ନାହିଁ, ତେଣୁ ସେମାନଙ୍କୁ ସେମାନଙ୍କର ଖାଦ୍ୟ ବଦଳାଇବାକୁ ପଡିବ, ତେବେ ଯାଇ ସେମାନେ ଭଲ ରେଜଲ୍ଟ ପାଇପାରିବେ ।

ବଡିକୁ ସେପରେ ଆଣିବା ଏବଂ ଫ୍ଲାଟ ଟମି ପାଇବା କାହା ପାଇଁ ସହଜ ନୁହେଁ । ଏଥିପାଇଁ ଆମର ଦୈନନ୍ଦିନ ଖାଦ୍ୟ ଅଭ୍ୟାସ ବହୁତ ଗୁରୁତ୍ୱପୂର୍ଣ୍ଣ । ଯଦି ଆପଣ ପ୍ରତିଦିନ ଗୋଟିଏ ପରିବା ଖାଆନ୍ତି, ତେବେ ଓଜନ ହ୍ରାସ କରିବା ସହଜ ହେବ । ଚାଲନ୍ତୁ ଜାଣିବା ସେହି ପରିବା ବିଷୟରେ । କାକୁଡିକୁ ସାଧାରଣତଃ ସାଲାଡ ଭାବରେ ଖିଆଯାଏ । ଏଥିରେ ପାଣି ଭରପୂର ମାତ୍ରାରେ ରହିଥାଏ, ଯାହା ଶରୀରକୁ ହାଇଡ୍ରେଟ୍ ରଖିବାରେ ସାହାଯ୍ୟ କରିଥାଏ । ଏଥିରେ ଖୁବ୍ କମ୍ କ୍ୟାଲୋରୀ ରହିଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । କାକୁଡି ଖାଇବା ଦ୍ୱାରା ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକିଲା ଅନୁଭବ ହୁଏ ନାହିଁ । କମ୍ ଖାଇବା ଆମ ଓଜନ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ ଏବଂ ପେଟର ଚର୍ବି କମାଇବା ସହଜ ହୋଇଥାଏ । ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ ସମୟରେ କାକୁଡି ସାଲାଡ ପ୍ରସ୍ତୁତ କରି ଖାଆନ୍ତୁ । ଯଦି ଆପଣ ଏହାର ସ୍ୱାଦ ବଢାଇବାକୁ ଚାହାଁନ୍ତି, ତେବେ ଏଥିରେ କାକୁଡି, ଗାଜର, ପିଆଜ, ମୂଳା ଏବଂ ଟମାଟୋ ସହିତ ଲେମ୍ବୁ ରସ ମିଶାନ୍ତୁ । ଏହା ପେଟର ଚର୍ବିକୁ ଲହୁଣୀ ପରି ତରଳାଇବ ।

# ମାଫିଆଙ୍କ ଦୌରାତ୍ମ୍ୟ : ଲୋପ ପାଉଛି ଜଙ୍ଗଲ

ଘଟଗାଁ, ୭/୦୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ସଦର ଉପଖଣ୍ଡ ଅନ୍ତର୍ଗତ ଘଟଗାଁ, ହରିଚନ୍ଦନପୁର, ପାଟଣା, ସଦର, ସାହାରପଡା, ବାଂଶପାଳ ଏବଂ ତେଲକୋଇ ଜଙ୍ଗଲ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କ ନିଷ୍କ୍ରିୟତା ଓ ଲାଭଖୋର ନୀତି ଯୋଗୁଁ ଜଙ୍ଗଲ ମାଫିଆମାନଙ୍କ ଦ୍ୱାରା ଦୈନିକ ସଂରକ୍ଷଣ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲରୁ ବର୍ଷ ବର୍ଷ ଧରି ବ୍ୟାପକ ଜଙ୍ଗଲ କଟା ଚାଲିଥିବା ଫଳରେ ଏହା ଏକ ମରୁଭୂମିରେ ପରିଣତ ହୋଇଯିବାର ଆଶଙ୍କା ରହିଛି ବୋଲି ଜନସାଧାରଣ ଓ ପରିବେଶ ବିଜ୍ଞାନୀ ତଥା ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି । ଜଙ୍ଗଲ ସୁରକ୍ଷା ଆଇନର ଭୂଲ ନୀତି ଯୋଗୁଁ ଉପରୋକ୍ତ ବ୍ଲକସ୍ଥିତ ଜଙ୍ଗଲରେ ବର୍ଷବର୍ଷ ଧରି ଗଛ କଟା ଯାଉଛି । ଯଦି ଜଙ୍ଗଲ ମାଫିଆମାନଙ୍କୁ ଆଇନ ଅନୁଯାୟୀ ଧରାଯାଉଛି ତେବେ ଏହି ଆଇନ ବଳରେ ଆସାମୀମାନେ ଅତିଶିଘ୍ର ଜାମିନ ପାଇ ଯାଉଛନ୍ତି । ଫଳରେ ସେମାନେ ପୁନର୍ବାର ଜଙ୍ଗଲରୁ ଗଛ କାଟି ଟ୍ରିପ ଟ୍ରିପ କାଠ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି । ଯଦି ଏ ଦିଗରେ କୌଣସି ପଦକ୍ଷେପ ନିଆନଯାଏ ତେବେ ମାଫିଆମାନଙ୍କ ଉତ୍ପାତ ଦିନକୁ ଦିନ ବୃଦ୍ଧି ପାଇ ଧିରେ ଧିରେ ଜିଲ୍ଲାର ସମସ୍ତ ଜଙ୍ଗଲ ଲୋପ ପାଇଯିବାର ଆଶଙ୍କା ରହିଥିବା ପରିବେଶବିତ ମାନେ ମତ ପ୍ରକାଶ କରିଛନ୍ତି । ମାଫିଆମାନେ ବ୍ୟାପକ ଭାବେ ଜଙ୍ଗଲରୁ ଗଛ କାଟି ଚାଲିଥିବା ବେଳେ ଧରାପଡିଲେ ସେମାନେ ସହଜରେ କୋର୍ଟରୁ ଜାମିନ ପାଇ ପୁନର୍ବାର ଜଙ୍ଗଲରୁ ଗଛକଟା ଜାରି ରଖିଥିବାର ଅଭିଯୋଗ ହୋଇଛି । ଅନୁସନ୍ଧାନରୁ ଜଣାପଡିଛି ଯେ, ଘଟଗାଁ, ହରିଚନ୍ଦନପୁର ବାଂଶପାଳ, ତେଲକୋଇ ବ୍ଲକ ଗୁଡିକ ଆଦିବାସୀ ଅଧୁଷିତ ବଣ ପାହାଡ ପର୍ବତ ଜଙ୍ଗଲବେଷ୍ଟିତ ଅଂଚଳ । ଉଭୟ ବ୍ଲକମାନଙ୍କରେ ପ୍ରାୟ ୧୫ରୁ ୨୫ ହଜାର ହେକ୍ଟର ଜଙ୍ଗଲ । ଏହି ଜଙ୍ଗଲ ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ଜଙ୍ଗଲ କର୍ମଚାରୀ ଯଥା ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ ଅଭାବ ଯୋଗୁଁ ଜଙ୍ଗଲରୁ ଗଛକଟା ଚୋରା ଚାଲାଣ ରୋକା ଯାଇପାରୁନଥିବା ବେଳେ କେତେକ ବିଭାଗୀୟ କର୍ତୃପକ୍ଷଙ୍କ ହାତରେ ଧରାପଡି ଗିରଫ ହେଉଥିଲେ ହେଁ ରାଜନୈତିକ ଚାପରେ କେତେକ ଖଲାସ ହୋଇଯାଉଥିବା ବେଳେ କେତେକ କୋର୍ଟରୁ ଖଲାସ ହେଉଛନ୍ତି । ଗତ ୫ ବର୍ଷ ମଧ୍ୟରେ ଘଟଗାଁ ରେଞ୍ଜ, ହରିଚନ୍ଦନପୁର ବ୍ରାହ୍ମଣୀପାଳ ରେଞ୍ଜରେ ବଣ ସଂରକ୍ଷିତ ଜଙ୍ଗଲ ଓ ତେଲକୋଇ ବାଂଶପାଳ ସଂରକ୍ଷିତ ଜଙ୍ଗଲ, ଘଟଗାଁ ଅଟେଇ ସଂରକ୍ଷିତ ଜଙ୍ଗଲରୁ ପ୍ରାୟ ୨୫-୩୦ ହଜାର ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ମାଫିଆମାନଙ୍କ ଦ୍ୱାରା ନଷ୍ଟ ହେଲାଣି । ଅନ୍ୟପକ୍ଷରେ ଦିନରାତି ଜଙ୍ଗଲଜାତ ଔଷଧୀୟ ବୃକ୍ଷ ଓ ଖଣିଜ ପଦାର୍ଥ ଚୋରି ଚାଲିଛି । ଏହାକୁ ରୋକିବାକୁ ଯାଇ ଜାଳ କାଠୁରିଆମାନଙ୍କୁ ଧରିଆଣି ଜୋରିମାନା କାଟିବାରେ ବନ କର୍ମଚାରୀମାନେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି । ଏଣୁ ଜିଲ୍ଲାପାଳ ଜଙ୍ଗଲ ବିଭାଗ ଅଧିକାରୀ (ଡିଏଫଓ) ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଗୁର୍ଜୁଙ୍ଗଠାରେ କୃଷି ଓ ସ୍ୱର୍ଣ୍ଣ ଖତ ପ୍ରସ୍ତୁତି ସମ୍ବନ୍ଧୀୟ ସଚେତନତା କର୍ମଶାଳା

ଭବାନୀପାଟଣା, ୭/୦୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ଗୁରୁଜୁଙ୍ଗ୍ ଠାରେ ଆଇଟିସି ମିଶନ୍ ସୁନେହେରା କଲ୍ ପ୍ରକଳ୍ପ ଆନୁକୂଲ୍ୟରେ ମାନବ ଅଧିକାର ସେବା ସମିତି ପକ୍ଷରୁ ଗୁରୁଜୁଙ୍ଗ୍ ପଂଚାୟତର ଚାଷୀ ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ୭୨ ଜଣ ଚାଷୀ ଯୋଗଦେଇ ବର୍ତମାନ ସମୟରେ କୃଷକ ତାଲିମ୍ ର ଆବଶ୍ୟକତା ଓ ଉପଯୁକ୍ତ କୃଷି ପଦ୍ଧତି ଅବଲମ୍ବନ କରି ଚାଷକାର୍ଯ୍ୟ ସମ୍ପାଦନ କରିବା ତଥା ବିଭିନ୍ନ ଚାଷ ସମ୍ପର୍କୀୟ ଦିଗ ଉପରେ ବାର୍ତା ପାଇଥିଲେ । ପରବର୍ତୀ ପର୍ଯ୍ୟାୟରେ ମାନବ ମଳରୁ ପ୍ରସ୍ତୁତ ହେଉଥିବା ଶୌଚାଳୟ ଖତ ବା ସ୍ୱର୍ଣ୍ଣ ଖତକୁ କୃଷି କାର୍ଯ୍ୟରେ ବ୍ୟବହାର କରି ସେଥିରେ ଥିବା ପୋଷକ ତତ୍ୱର ଲାଭ ଉଠାଇ ରାସାୟନିକ ସାରର ବ୍ୟବହାରକୁ କମ୍ କରି ଜୈବିକ କୃଷି ଦିଗରେ ଅଗ୍ରସର ହେବା ପାଇଁ ଉପସ୍ଥିତ ଚାଷୀ ମାନଙ୍କୁ ସଚେତନ କରାଯାଇଥିଲା । ଏବଂ ବିଭିନ୍ନ ଅର୍ଥକାରି ଫସଲ ମୁଗ, ବିରି ଇତ୍ୟାଦି ତଥା ଧାନ ଚାଷରେ ବିଭିନ୍ନ ରୋଗ ପୋକ, ବିହନ ବିଶୋଧନ ଇତ୍ୟାଦି କୃଷି ସମ୍ବାଦୀୟ ବିଷୟ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଗ୍ରାମ୍ୟ କୃଷି କର୍ମୀ, ଗୁରୁଜୁଙ୍ଗ୍ ପଂଚାୟତ ଦିଲ୍ଲୀପ ମାଝୀ ଯୋଗଦେଇଥିବା ବେଳେ ଅତିଥି ରୂପେ ପୂର୍ବତନ ସରପଂଚ ତପେଶ୍ୱର ଶବର ଓ ସମାଜସେବୀ ଜୟକୃଷ୍ଣ ବେହେରା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମାସ୍ ର ଭୋଲାମଣି ବାଗ୍, ଉମାକାନ୍ତ କଟା, ଭ୍ରମର ହରିଜନ ଆଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଜୀବିକା ମିଶନ

ଝାରସୁଗୁଡ଼ା, ୭/୦୨ (ନି.ପ୍ର): ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଜୀବିକା ମିଶନ ଅନ୍ତର୍ଗତ କାର୍ଯ୍ୟକ୍ରମ ମାଧ୍ୟମରେ ଆର୍ଥିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ ହେବା ପାଇଁ ପ୍ରୟାସରତ ବଡମାଲ ପଂଚାୟତର ସ୍ୱୟଂ ସହାୟକ ଗୋଷ୍ଠୀସମୂହ । ଗୋପାଳନ ପାଇଁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଗ୍ରାମ ପଂଚାୟତ ସ୍ତରୀୟ ଫେଡେରେସନକୁ ପ୍ରଦତ ଦଶ ଲକ୍ଷ ଟଙ୍କା ଋଣ ଆକାରରେ ଚୟନ ହୋଇଥିବା ତିରିଶ ଜଣିଆ କ୍ଲଷ୍ଟରକୁ ପ୍ରଦାନ କରାଯାଇଥିଲା । ଗୋପାଳନ କରି ନିଜକୁ ଶସକ୍ତ କରିବା ପାଇଁ ଅଂଟା ଭିଡିଛନ୍ତି ଏହି ସବୁ ସ୍ୱୟଂ ସହାୟକ ଗୋଷ୍ଠୀ । ସ୍ୱୟଂ ସହାୟକ ଗୋଷ୍ଠୀର ଏହି ପ୍ରୟାସରେ ନିଜକୁ ସାମିଲ କରିଛି ଜିଲ୍ଲା ପ୍ରଶାସନ । ଆଜି ପଣ୍ଡରିପଥର ଗ୍ରାମରେ ଡାଇରୀ କ୍ଲଷ୍ଟରକୁ ଫିତା କାଟି ଜିଲ୍ଲାପାଳ ସରୋଜ କୁମାର ସାମଲ ଉଦଘାଟନ କରିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଆଲୋଚନା ଅବସରରେ ଜିଲ୍ଲାପାଳ ଶ୍ରୀ ସାମଲ ମହିଳାଙ୍କମାନଙ୍କ ପ୍ରୟାସର ପ୍ରଶଂସା କରି ସ୍ୱାବଲମ୍ବୀ ମହିଳା ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆଣିବାରେ ସହାୟକ ସାବ୍ୟସ୍ତ ହୋଇଥାଏ ବୋଲି କହିଥିଲେ । ଗୋପାଳନ ପାଇଁ ବିଭିନ୍ନ ସରକାରୀ ଯୋଜନାରୁ ଲାଭ ଉଠାଇବାକୁ ଜିଲ୍ଲାପାଳ ପ୍ରୋତ୍ସାହିତ କରିଥିଲେ । ନିଜ ନିଜ ଜମିରେ ଘାସଚାଷ କରିବା ପାଇଁ ଆନୁସଙ୍ଗିକ ତାଲିମ ପ୍ରଦାନ, ଗଭୀର ନଳକୂପ ଖନନ ଦ୍ୱାରା ଘାସଚାଷ ଓ ଗାଈଙ୍କ ସକାଶେ ଗୁହାଳ ଆଦିର ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳ ଆଲୋଚନା କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଭୋଇ ଓ ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ପବିତ୍ର କୁମାର ପରିଜା ପ୍ରମୁଖ କ୍ଷୀର ଉତ୍ପାଦନ ବୃଦ୍ଧି, ଟୀକାକରଣ ଓ ବୀମା ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳିକା ନିଳିମା କୁଜୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂଚ ଲବଙ୍ଗ ଭୋଇ ଉପସ୍ଥିତ ଥିଲେ । ୟଙ୍ଗ ପ୍ରଫେସନାଲ ବିଶ୍ୱଜିତ କର, ବିପିଏମ୍ ଇତିଶ୍ରୀ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ସମେତ ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର ଓ ପ୍ରାଣୀମିତ୍ର ଉପସ୍ଥିତ ଥିଲେ ।

## ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ନିମନ୍ତେ ସଚେତନତା ଶିବିର

ଭବାନୀପାଟଣା, ୭/୦୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ପୃଥକ୍ ପୃଥକ୍ ଭାବରେ ଗଡେବନ୍ଧ ଓ ରାଣିପଟା ଗ୍ରାମରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ତରଫରୁ ଉତର ବନଖଣ୍ଡ ଅନ୍ତର୍ଗତ କେସିଙ୍ଗା ବନାଚଂଳରେ ସଚେତନତା ଶିବିର ରୁପ୍ରାରୋଡ ବନପାଳ ବିଶ୍ୱଜିତ ଠାକୁରଙ୍କ ଆହ୍ୱାନ କ୍ରମେ ଆୟୋଜନ ହୋଇଥିଲା । ଶିବିରରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସମସ୍ତଙ୍କୁ ସଚେତନ କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଡବନ୍ଧ ବନ ସୁରକ୍ଷା ସମିତି ସଭାପତି ଦୁଳଭ ମାହାର ଅଂଶଗ୍ରହଣ କରିଥିଲେ । ରାଣିପଟା ଗ୍ରାମରେ ବନ ସୁରକ୍ଷା ସମିତି ସଭାପତି ଗଣେଶ ଚନ୍ଦ୍ର ସାହୁ ଏବଂ ଗାଡେବନ୍ଧ ଗ୍ରାମରେ ସଭାପତି କୈଳାଶ ଚନ୍ଦ୍ର ମାଝୀ ବୈଠକ ପରିଚାଳନା କରିଥିଲେ । ବନ ବିଭାଗ ରୁପ୍ରାରୋଡ ସେକ୍ସନର କର୍ମଚାରୀ ବନରକ୍ଷୀ ଫକୀର ବିଶ୍ୱାଳ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପି-ଏନଜିଓ ଦଳପତି ହେମନ୍ତ କୁମାର ସାହୁ ସଂଯୋଜନା କରିଥିଲେ । ବିକାଶ ଅଧିକାରୀ ଧିରୋଜ କୁମାର ଦାଶ ଓ ଇନ୍ଦ୍ରମଣି ମଝି ଉଭୟ କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ । ଜନସାଧାରଣ ବନ ବିଭାଗର ଏହି ମହତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ବନ ବିଭାଗକୁ ସହଯୋଗ କରିବା ପାଇଁ ସଂକଳ୍ପ ନେଇଥିଲେ ।

# ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ପାଟଣାଗଡ଼ରେ ବିଜେପି ପକ୍ଷରୁ ବିକ୍ଷୋଭ ଓ ଥାନା ଘେରାଉ

ବଲାଙ୍ଗିର, ୭/୦୨ (ନି.ପ୍ର): ପାଟଣାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପୋଲିସର ଭୂମିକାକୁ ନେଇ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି । ଏହାର ଜ୍ୱଳନ୍ତ ଉଦାହରଣ ପାଟଣାଗଡ଼ ବ୍ଲକରେ ଜଣେ କାର୍ଯ୍ୟରତ ଜୁନିଅର ଇଂଜିନିୟରଙ୍କୁ ଗତବର୍ଷ ମେ' ମାସ ୨୦ ତାରିଖରେ ହତ୍ୟା କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ଆଭିଯୁକ୍ତକୁ ଗିରଫ କରିବାରେ ବିଫଳ ହୋଇଛି ପୋଲିସ । ସେହିପରି ଅଗଷ୍ଟ ୨୨ରେ ପାଟଣାଗଡ଼ ସହରରେ ଥିବା ଅମୃତ କଳସ ସୁନା ଗହଣା ଦୋକାନରେ ଦିନ ଦିପହରରେ ପଶି ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରି କୋଟି କୋଟି ଟଙ୍କାର ସୁନା ଗହଣା ଦୁର୍ବୃତମାନେ ଲୁଟିନେଇଥିଲେ ମଧ ଆଜି ପର୍ଯ୍ୟନ୍ତ ମୁଖ୍ୟ ଆସାମୀ ଧରାପଡି ନାହିଁ । ଖପ୍ରାଖୋଲ ଥାନା ଅନ୍ତର୍ଗତ ବାଞ୍ଜିପାଲି ଗାଁରେ ଥିବା ଜଗନ୍ନାଥ ମନ୍ଦିର ଓ ବେଲପଡା ଥାନା ଅନ୍ତର୍ଗତ ମଣ୍ଡଳରୁ ଅଳଙ୍କାର ଚୋରୀ, ଗୁଣ୍ଡୁରୁ ପାଲି ଓ ତମିଆର ହତ୍ୟାକାଣ୍ଡ, ବେଲପଡା ଥାନା ଅନ୍ତର୍ଗତ ବନମାଲର ସମିତି ସଭ୍ୟ ଗୁଳିକାଣ୍ଡ ଘଟଣା ପ୍ରମୁଖ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତର ନଗ୍ନ ନମୁନା । ନିକଟରେ ପାଟଣାଗଡ଼ ରାମପୁରର ଦୁଇ ବନ୍ଧୁଙ୍କ ଠାରୁ ଦିନ ଦ୍ୱିପହରରେ ଛଅ ଲକ୍ଷ ପଚାଶ ହଜାର ଟଙ୍କା ଲୁଟ ଘଟଣାରେ ମଧ ପୋଲିସ ଲୁଟେରାଙ୍କୁ ଧରିବାରେ ବିଫଳ ହୋଇଥିବା ବେଳେ ପୋଲିସ ଉପରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ତୁଟିବାରେ ଲାଗିଥିବା କୁହାଯାଉଛି । ଏହାର ପ୍ରତିବାଦରେ ପାଟଣାଗଡ଼ ବିଜେପି ପକ୍ଷରୁ ଆଜି ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ନେତୃତ୍ୱରେ ସ୍ଥାନୀୟ ପଂଚମୁଖୀ ହନୁମାନ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା । ଏଥିରେ ସହରର ବିଭିନ୍ନ ସଂଗଠନର କର୍ମକର୍ତା ଯୋଗଦେଇ ଥାନାରେ ପହଂଚି ଏସଡ଼ିପିଓ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଛନ୍ତି । ଶ୍ରୀ ସିଂଦେଓ ପ୍ରଚଣ୍ଡ ଖରାରେ ବସିଥିବାରୁ ଉପସ୍ଥିତ ମାଜିଷ୍ଟ୍ରେଟ ଓ ଥାନା ଅଧିକାରୀ ଆସି ବୁଝାସୁଝା କରିଥିଲେ ମଧ କନକବର୍ଦ୍ଧନ ଜିଦରେ ଅଡି ବସି ଯେତେ ସମୟ ପର୍ଯ୍ୟନ୍ତ ଏଠାକୁ ଏସପି ନଆସିଛନ୍ତି ସେ ଧାରଣରୁ ଉଠିବେ ନାହିଁ ବୋଲି କହିଥିବା ଜଣାପଡିଛି । ଘଟଣାସ୍ଥଳରେ ଉପସ୍ଥିତ କର୍ମୀ ମାନଙ୍କ ଦ୍ୱାରା ପୋଲିସ ବିରୁଦ୍ଧରେ ନାରାବାଜି ଦେଇ ସହର ପରିକ୍ରମା କରି ଥାନା ଘେରାଉ କରାଯାଇଥିଲା । ସେଠାରେ ଉପସ୍ଥିତ ଶତାଧିକ ବିଜେପି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି ।

## ଶଗଡଗାଡ ନଦୀ ଉପରେ ବ୍ରିଜ ନିର୍ମାଣ ପାଇଁ ଦାବି

ମାଲକାନଗିରି, ୭/୦୨ (ନି.ପ୍ର): ମାଲକାନଗିରି ଜିଲ୍ଲାର ସାତଟି ବ୍ଲକରେ ଥିବା ବହୁ ପାହାଡିଆ ନଦୀ ଏବଂ ଝରଣା ଦ୍ୱାରା ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି । ସେହି ନଦୀଗୁଡିକରେ ବ୍ରିଜ ନଥିବାରୁ ଲୋକେ ଯାତାୟତ କରିବାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ସହ ଜିଲ୍ଲା ପ୍ରଶାସନ ସହ ଲୋକ ପ୍ରତିନିଧିମାନଙ୍କୁ ବ୍ରିଜ ପାଇଁ ଦାବି କରିଆସୁଥିଲେ ମଧ ଏହାର ସମାଧାନ ହେଉନଥିବା ଅଭିଯୋଗ କରିଛନ୍ତି । ଏଭଳି ଏକ ନଦୀ ହେଉଛି ଶଗଡଗାଡ ନଦୀ । କାଲିମେଲା ବ୍ଲକର କୋତାଗୁଡା ଗ୍ରାମରେ ରହିଥିବା ଏହି ନଦୀରେ ବର୍ଷା ଦିନ ହେଲେ ବହୁତ ପାଣି ଭରି ରହିବା ସହ ଦୀର୍ଘ ଦିନ ଧରି ଶୁଖିନଥାଏ, ଯାହାଫଳରେ ପ୍ରାୟ ୧୦ଟି ଗ୍ରାମର ଲୋକେ ଏହି ନଦୀକୁ ପାର କରିପାରନ୍ତି ନାହିଁ । ଏଥିସହ ନିଜର ଗାଇଗୋରୁ ଏବଂ ଛେଳିମେଣ୍ଢାକୁ ଚରାଇବା ପାଇଁ ଏହି ନଦୀ ପାର କରି ଜଙ୍ଗଲ ଯିବାକୁ ପଡିଥାଏ । ଲୋକେ ତାହା ମଧ କରିପାରନ୍ତି ନାହିଁ । ଏହି ନଦୀ ପାର ହୋଇ ପ୍ରତିଦିନ ଏମଭି-୭୦, କୋତାଗୁଡା, ମାରିଗୁଡା, କୁରୁବ, ବଡିଗେଟା, ଟେକଗୁଡା, ଟେକଗୁଡା କଲୋନି ଭଳି ବହୁ ଗ୍ରାମର ଲୋକେ ଯିବାଆସିବା କରନ୍ତି । ଗ୍ରାମବାସୀ ବହୁ ଥର ଏହି ନଦୀର ଫଟୋ ଉଠାଇ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ତଥା ସାଂସଦ ଏବଂ ବିଧାୟକଙ୍କୁ ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି । ଦୀର୍ଘ ଦିନ ହେଲା ଲୋକେ ବହୁ କଷ୍ଟ ଭୋଗୁଥିଲେ ମଧ କେହି ଶୁଣୁନଥିବାରୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବୁ ବୋଲି ଗ୍ରାମବାସୀ ଚେତବନୀ ଦେଇଛନ୍ତି ।

ସବୁଠାରୁ ବିପଦପୂର୍ଣ୍ଣ ଭାବେ ଲୋକେ ବର୍ଷାଦିନେ ନଦୀ ପାର ହେଉଥିବା କହନ୍ତି । ବହୁ ଥର ଛୋଟ ବଡ ଦୁର୍ଘଟଣା ମଧ ଘଟିଛି । ନଦୀ ପାର କରି ଛେଳିମେଣ୍ଢାଙ୍କୁ ନଦୀ ପାର କରାଯାଉଥିବା ବେଳେ ନଦୀରେ ଭାସିଯାଉଥିବା ମଧ ଲୋକେ ଅଭିଯୋଗ କରିଛନ୍ତି । ଏପରିକି ନଦୀ ପାର କଲାପରେ ବହୁ ଚାଷୀଙ୍କ ଜମି ରହିଥିବାରୁ ନିୟମିତ ଚାଷ ଜମିକୁ ଯିବାକୁ ପଡିଥାଏ । ତେବେ ବର୍ଷାଦିନେ ଯାଇ ହେଉନଥିବା ଲୋକେ କହିଛନ୍ତି । ତେଣୁ ଏହି ନଦୀରେ ଏକ ବ୍ରିଜ ନିର୍ମାଣ କଲେ ଗ୍ରାମବାସୀ ଉପକୃତ ହୋଇପାରନ୍ତେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

# ଓରିଙ୍ଗି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ମାଲକାନଗିରି, ୭/୦୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ପଂଚାୟତର ଓରିଙ୍ଗି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ୟାସୀ ଗୋଲପେଦା ସଭାପତିତ୍ୱ କରିଥିଲା ବେଳେ, ମୁଖ୍ୟ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଜନ ବେହେରା, ମୁଖ୍ୟବକ୍ତା ଭାବେ ନନ୍ଦିନୀଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ରାସବେଡା ପଂଚାୟତର ସରପଂଚ ପ୍ରମିଳା ଗୁଟା, ପାଣ୍ଡ୍ରିପାଣି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋହନ କୁମାର ପାଙ୍ଗି ଓ ସହକାରୀ ଶିକ୍ଷକ ଖୀରଦ ଚନ୍ଦ୍ର ମହାନ୍ତି, ପୋଲେରୁ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ର, ପଦ୍ମଗିରି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ସାହୁ, ମୁଦୁଲିପଡ଼ା ବାଳକ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କବିରାଜ ପ୍ରଧାନ, ସମାଜସେବୀ ବାଳକୃଷ୍ଣ ପ୍ରଧାନ ମଂଚରେ ମଂଚାସିନ ଥିଲେ । ଉକ୍ତ କାର୍ଯ୍ୟକ୍ରମର ଆବାହକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସବିତା ପଟ୍ଟନାୟକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସର୍ବ ପ୍ରଥମେ ଠାକୁର ଜଗନ୍ନାଥଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ସଭାପତିଙ୍କ ଅନୁମତି କ୍ରମେ ବିଦ୍ୟାଳୟର ସହକାରୀ ଶିକ୍ଷକ ଚନ୍ଦନ କୁମାର ମୁଦୁଲି ଓ ଜ୍ୟୋତି ରଞ୍ଜନ ମହାନ୍ତି ମଂଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସାକାର ରୂପ ଦେବା ନିମନ୍ତେ ସର୍ବଶ୍ରି ସମୀର ଶୀସା, ସବିତା ଅଞ୍ଜେଲ୍, ଦେବସ୍ମିତା ସ୍ୱାଇଁ, ବିଚିତ୍ର ପ୍ରଧାନ, ଗଜେନ୍ଦ୍ର ଗହିର ଓ ବିଭୁଦତ ଷଣ୍ଢ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

ଅତିଥି ମାନେ ବିଶେଷ କରି ଓଡ଼ିଶା ରାଜ୍ୟରେ ଓ ଭାରତ ବର୍ଷରେ ଚାଲିଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାରତୀୟ ମାନଙ୍କ ଉଲ୍ଲେଖନୀୟ ଯୋଗଦାନ ଓ ସଫଳତା ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଚଳିତ ବର୍ଷ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବାଳିକା ବର୍ଗରେ ୬ ଗୋଟି ଓ ବାଳକ ବର୍ଗରେ ତିନି ଗୋଟି କ୍ରୀଡା ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା, ଯାହାକୁ ସମସ୍ତେ ମନଭରି ଉପଭୋଗ କରିଥିଲେ ।

## ଜୟପୁର ପ୍ରେସ କ୍ଲବର କାର୍ଯ୍ୟକାରିଣୀ ବୈଠକ

ଜୟପୁର, ୭/୦୨ (ନି.ପ୍ର): ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପ ପରିସରରେ ଜୟପୁର ପ୍ରେସ କ୍ଲବର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ସତ୍ୟନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କ୍ଲବର ସମସ୍ତ କର୍ମକର୍ତା ଉପସ୍ଥିତ ରହି କ୍ଲବର ଉନ୍ନତି ଏବଂ ଆଗାମୀ ଦିନରେ କିପରି ଏହି କ୍ଲବକୁ ସୁଦୃଢ କରିହେବ ସେ ନେଇ ଆଲୋଚନା କରିଥିଲେ । ଉପସ୍ଥିତ ସଭ୍ୟ ମାନେ ଆଗାମୀଦିନରେ ଜୟପୁରରେ କିପରି ଉନ୍ନୟନ ମୂଳକ କାର୍ଯ୍ୟରେ କ୍ଲବର ମୁଖ୍ୟ ଭୁମିକା ରହିବ ସେନେଇ ଆଲୋଚନା କରିଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତାକୁ ନେଇ ଚମ୍ପୁଆ ବ୍ଲକ ଘେରିଲା ବିଜେପି

ଚମ୍ପୁଆ, ୭/୦୨ (ନି.ପ୍ର): ଉପାନ୍ତ ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚମ୍ପୁଆ ଗ୍ରାମୀଣ ମଣ୍ଡଳ, ଭଣ୍ଡା ମଣ୍ଡଳ ଏବଂ ଚମ୍ପୁଆ ନଗର ମଣ୍ଡଳର ଗରିବ ଲୋକଙ୍କର ନାମକୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ତାଲିକାଭୁକ୍ତ କରିବା ପାଇଁ ଆଜି ପୂର୍ବାହ୍ନରେ ଚମ୍ପୁଆ ବ୍ଲକ ଘେରିଛି ବିଜେପି । ସେଥିପାଇଁ ବିଭିନ୍ନ ଗ୍ରାମରୁ ଯୋଗ୍ୟ ହିତାଧିକାରୀଙ୍କ ଆଧାର କାର୍ଡ଼ ସହିତ ଆବେଦନ ପତ୍ର ଚମ୍ପୁଆ ବ୍ଲକ ବିଡ଼ିଓ ଜୋତ୍ସ୍ନାରାଣୀ ନାଏକଙ୍କୁ ଆଜି ପ୍ରଦାନ କରାଯିବା ସହିତ ସେମାନଙ୍କୁ ତୁରନ୍ତ ଘର ଯୋଗାଇ ଦେବାକୁ କୁହାଯାଇଛି । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମାଙ୍କ ନେତୃତ୍ୱରେ ଏହି ଘେରାଉ କରାଯାଇଥିବା ଜଣାପଡ଼ିଛି । ପ୍ରଧାନମନ୍ତ୍ରୀ ମୋଦି ଦେଶର ପ୍ରତ୍ୟେକ ଗରିବ ପରିବାରକୁ ପକ୍କାଘର ଦେବା ପାଇଁ ଚିଠା ପ୍ରସ୍ତୁତ କରିବାକୁ ରାଜ୍ୟକୁ ବାରମ୍ବାର କହୁଥିବାବେଳେ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦେବାରେ କାହିଁକି କୁଣ୍ଠାବୋଧ କରୁଛନ୍ତି ବୋଲି ଶ୍ରୀ ଶର୍ମା ପ୍ରଶ୍ନ କରିଥିଲେ । ଶ୍ରୀ ଶର୍ମା ତାଙ୍କ କ୍ଷୋଭରେ, ଥିଲା ବାଲାଙ୍କ ଠାରୁ ପଇସା ନେଇ ଦୁର୍ନୀତି କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ କହିଥିଲେ । ଏହି ଘେରାଉର ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ନଦୀ ସଂଯୋଜକର ସଂଯୋଜକ ମହେଶ୍ୱର ସାହୁ ଗରିବ ଲୋକଙ୍କର ଅଭିଶାପ ଏ ରାଜ୍ୟ ସରକାରକୁ ଓପାଡ଼ି ଫିଙ୍ଗିବ ଯଦି ଆଜି ଦିଆଯାଇଥିବା ତାଲିକାକୁ ଓ ରହିଯାଇଥିବା ଲୋକଙ୍କୁ ଅତିଶୀଘ୍ର ତାଲିକାଭୁକ୍ତ କରାନଗଲେ ଯୋଡ଼ାବ୍ଲକ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବବୋଲି ଆହ୍ୱାନ ଦେଇଥିଲେ । ଏହି ଘେରାଉରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ଓ ଚମ୍ପୁଆ ବିଧାନସଭା ପ୍ରଭାରୀ ରାଧାକାନ୍ତ ମହାନ୍ତ କୃଷକମାନଙ୍କର ସମସ୍ୟାକୁ ଅଣଦେଖା କରୁଥିବା ବ୍ଲକ ପ୍ରଶାସନ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ କାମ କରିବା ଓ ଗରିବ ଲୋକଙ୍କୁ ଘର ଯୋଗେଇ ଦେବାକୁ ଆହ୍ୱାନ ଦେଇଥିଲେ । ଚମ୍ପୁଆ ବିଧାନସଭା ସଂଯୋଜକ ତଥା ଜିଲା ଉପସଭାପତି ଦେବପ୍ରସାଦ ମିଶ୍ର, ଚମ୍ପୁଆ ନଗର ମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟ, ଚମ୍ପୁଆ ଗ୍ରାମୀଣ ମଣ୍ଡଳ ସଭାପତି ଚନ୍ଦ୍ରଶେଖର ମହାନ୍ତ, ଭଣ୍ଡା ମଣ୍ଡଳ ସଭାପତି ହେମନ୍ତ ମହାନ୍ତ, ସଞ୍ଜୟ ଗିରି, ରଞ୍ଜନ ମହାନ୍ତ, ପଙ୍କଜ ମହାନ୍ତ, ମିଥୁନ ଗିରି, ସନ୍ତୋଷ ମହାନ୍ତ, ବିଶ୍ୱନାଥ ନନ୍ଦ, ଅବିନାଶ ସାହୁ, ଅବିନାଶ ମିଶ୍ର, ବଳଭଦ୍ର ବେହେରା, ବିନୋଦ ହାଇବୁର, ବାବୁଲି ବେହେରା, ମଳୟ ମହାପାତ୍ର, ସଚ୍ଚିନ ଦାସ, ପ୍ରମୁଖ ବିଜେପି ପଦାଧିକାରୀଗଣ ଏହି ଘେରାଉ ମାଧ୍ୟମରେ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନକୁ ଟାର୍ଗେଟ କରି ଚେତାବନୀ ଦେଇଥିବା ଦେଖାଯାଇଛି ।

# ପ୍ରୋତ୍ସାହନ ଅଭାବରୁ ଜିଲ୍ଲାରେ ଆଣ୍ଠେଇଛି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ

ରାଉରକେଲା, ୭/୦୨ (ନି.ପ୍ର): ଶିଳ୍ପକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା କଥା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାବି କରୁଛନ୍ତି । ହେଲେ ଉଭୟଙ୍କ ଅବହେଳାରୁ ସୁନ୍ଦରଗଡ଼ ଜିଲ୍ଲାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ସ୍ଥିତି ସାଂଘାତିକ ରୂପ ଧାରଣ କଲାଣି । ଏ ପ୍ରସଙ୍ଗରେ ରାଉରକେଲା ବଣିକ ସଂଘ ଅନେକବାର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି, ପ୍ରତିନିଧିମାନେ କେନ୍ଦ୍ର ଓ ରାଜ୍ୟର ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିଛନ୍ତି । ହେଲେ ଏହି ପ୍ରସଙ୍ଗରେ କେହି ଧ୍ୟାନ ଦେଉ ନାହାନ୍ତି । ନୂଆ ନୂଆ କଟକଣା ସହିତ ପ୍ରୋତ୍ସାହନର ଅଭାବ ଓ ବର୍ଦ୍ଧିତ ବିଜୁଳି ବିଲ୍ ମାଡ଼, କଞ୍ଚାମାଲର ଦର ଯୋଗୁ ଜିଲ୍ଲାରେ ଅଧିକାଂଶ ଶିଳ୍ପ ବର୍ଷ ବର୍ଷ ଧରି ରୁଗ୍‌ଣ ସ୍ଥିତିରେ ଚାଲିଛି । ଏହି ସ୍ଥିତିରେ କାରଖାନା ଚାଲୁ ରଖିବାଲାଗି ଅଧିକାଂଶ ମାଲିକ ସକ୍ଷମ ନଥିବାରୁ ଗୋଟିଏ ପରେ ଗୋଟିଏ ଶିଳ୍ପ ବନ୍ଦ ହେବାରେ ଲାଗିଛି ।

ଏମିତି ଭାବେ ସୁନ୍ଦରଗଡ଼ ଜିଲ୍ଲାର ୧୫୦୦ରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ତାଲା ଝୁଲି ଗଲାଣି । ବାକି ଯେଉଁ କେତୋଟି ଶିଳ୍ପ କାରଖାନା ଚାଲୁଛି, ସେଗୁଡ଼ିକର ସ୍ଥିତି ଅତି ଦୟନୀୟ । କରୋନା ମାଡ଼ ଏମାନଙ୍କ ସ୍ଥିତିକୁ ଆହୁରି ସଙ୍ଗୀନ କରି ଦେଇଛି । ରାଉରକେଲା ସହରକୁ ଏକ ମାନକ ଭାବେ ନେଲେ, ଏଠାକାର ଶିଳ୍ପାୟନର ସ୍ଥିତି ଅତି ସାଂଘାତିକ । ଯଥେଷ୍ଟ ନ ହେଲେ ହେଁ, ସବୁଠୁ ଅଧିକ ସହାୟତା ପାଉଥିବା ଏଠାକାର କଳୁଙ୍ଗା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ର ପ୍ରାୟ ୨୫୦ରୁ ୧୦୦ ରୁ ଅଧିକ ଶିଳ୍ପ ଇତିମଧ୍ୟରେ ବନ୍ଦ ହୋଇ ଯାଇଛି । ଗେଟ୍‌ରେ ତାଲା ଝୁଲୁଛି । ତେଣୁ ଅନ୍ୟ ଦୂରନ୍ତ ଇଲାକାର ଶିଳ୍ପ କଥା ଅନୁମାନ କରା ଯାଇପାରେ ! ଅନ୍ୟପକ୍ଷରେ ନିକଟରେ ଆସିଥିବା ବଜେଟ୍‌ରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ମାଲିକଙ୍କୁ ଉତ୍ସାହିତ ବା ସାହାଯ୍ୟ କରିବାଲାଗି କୌଣସି ଯୋଜନା ନାହିଁ । ତେଣୁ ଆଶାରେ ଅପେକ୍ଷା କରିଥିବା ଶିଳ୍ପ ମାଲିକମାନେ ନିରାଶ ହୋଇଛନ୍ତି ।

ଉଲ୍ଲେଖନୀୟ ଯେ ୬-୭ ବର୍ଷ ତଳେ ସୁନ୍ଦରଗଡ଼ ଜିଲ୍ଲାରେ ୭୦ରୁ ଅଧିକ ସ୍ପଞ୍ଜ କାରଖାନା ଚାଲୁଥିଲା । ଏବେ ୪୦ରୁ ଅଧିକ କାରଖାନା ବନ୍ଦ ହୋଇଯାଇଥିବାବେଳେ ମାତ୍ର ୩୦ଟି ଯେନତେନ ପ୍ରକାରେ ଚାଲୁଛି । ପଶ୍ଚିମବଙ୍ଗ, ଛତିଶଗଡ, ଝାଡ଼ଖଣ୍ଡ ଓ ଦିଲ୍ଲୀ ସରକାର ଇସ୍ପାତ ଓ ଲୁହା ଉଦ୍ୟୋଗର ଅଭିବୃଦ୍ଧିକୁ ଯେତିକି ପ୍ରାଥମିକତା ଦେଉଛନ୍ତି, ଓଡ଼ିଶା ତା' ହେଉନି ବୋଲି ସ୍ଥାନୀୟ ଶିଳ୍ପପତିମାନେ କହୁଛନ୍ତି । ଶିଳ୍ପ ସ୍ଥାପନ ଠାରୁ ଆରମ୍ଭ କରି ବିଦ୍ୟୁତ୍ ଶୁଳ୍କ ବାବଦରେ ପଡ଼ୋଶୀ ରାଜ୍ୟଗୁଡ଼ିକ ଯେତିକି ସହାୟତା କରୁଛନ୍ତି, ଓଡ଼ିଶାରେ ତାହା ହେଉନାହିଁ । ଫଳରେ କିଛି ସୁନ୍ଦରଗଡ଼ରୁ ଯାଇ ପଡ଼ୋଶୀ ରାଜ୍ୟରେ କାରଖାନା ସ୍ଥାପନ କଲେଣି । ଆହୁରି ଅନେକ ସେହି ବାଟରେ ଯିବାଲାଗି ବିଚାର କରୁଥିବାର ସୂଚନା ରହିଛି ।

ଅପରପକ୍ଷେ ଶିଳ୍ପ ଉପରେ ପ୍ରତ୍ୟେକ ଓ ପରୋକ୍ଷ ଭାବେ ନିର୍ଭରଶୀଳ ସୁନ୍ଦରଗଡ଼ ଜିଲ୍ଲାର ହଜାର ହଜାର ଶ୍ରମିକ କର୍ମ ସଂସ୍ଥାନ ହରାଉଛନ୍ତି । ପ୍ରତିବର୍ଷ ଅଧିକରୁ ଅଧିକ ଲୋକ ଜିଲ୍ଲାରୁ ରାଜ୍ୟ ବାହାରକୁ ଦାଦନ ଖଟିବାଲାଗି ଯାଉଥିବାର ବିଭିନ୍ନ କାରଣ ଭିତରୁ ଏହା ମୁଖ୍ୟ । ଶିଳ୍ପ ଓ ଖଣି ଉପରେ ନିର୍ଭାରଶୀଳ ସୁନ୍ଦରଗଡ଼ ଜିଲ୍ଲାର ସାଂସଦ ଓ ସାତ ବିଧାୟକ ଜିଲ୍ଲାରେ ଶିଳ୍ପର ଅଭିବୃଦ୍ଧି ବା ଲୋକଙ୍କ ନିଯୁକ୍ତି ପାଇଁ କେବେ କୌଣସି ପ୍ରଚେଷ୍ଟା କରି ନାହାନ୍ତି । ଅତିବେଶୀରେ ସେମାନେ ପରସ୍ପର ଉପରେ ଦୋଷ ଲଦୁଛନ୍ତି । ଉଲ୍ଲେଖଯୋଗ୍ୟ, ଆଞ୍ଚଳିକ ଶିଳ୍ପ କେନ୍ଦ୍ର (ଆରଆଇସି)ର ତଥ୍ୟ ଅନୁଯାୟୀ, ସୁନ୍ଦରଗଡରେ ୩ ହଜାରରୁ ଅଧିକ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପଞ୍ଜିକୃତ ହୋଇଛି । ରାଉରକେଲା ଆରଆଇସି ଅଧୀନରେ ଥିବା ୮ଟି ବ୍ଲକ-କୁଆରମୁଣ୍ଡା, ଲାଠିକଟା, ଲହୁଣିପଡା, ଗୁରୁଣ୍ଡିଆ, ନୂଆଗାଁ, ବଣାଇଗଡ ଓ କୋଇଡାରେ ପ୍ରାୟ ୧୫୦୦ଟି ଶିଳ୍ପ ପଞ୍ଜିକୃତ ହୋଇଛି । ସେହିପରି ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପ କେନ୍ଦ୍ର ଅଧୀନରେ ୯ଟି ବ୍ଲକ, ଯଥା ସୁନ୍ଦରଗଡ଼ ସଦର, ରାଜଗାଙ୍ଗପୁର, କୁତ୍ରା, ବଡଗାଁ, ହେମଗିରି, ଟାଙ୍ଗରପାଲି, ବାଲିଶଙ୍କରା, ଲେଫ୍ରିପଡା ଓ ସବ୍‌ଡେଗାରେ ପ୍ରାୟ ୧୬୦୦ ସୂକ୍ଷ୍ମ ଓ କ୍ଷୁଦ୍ର ଶିଳ୍ପ ପଞ୍ଜିକୃତ ହୋଇଛି । ତା'ଭିତରୁ ପ୍ରାୟ ଅଧା ବନ୍ଦ ହୋଇ ଗଲାଣି ।

## ଟ୍ରେନରୁ ଖସିପଡି ଯୁବକର ମୃତ୍ୟୁ

ବସ୍ତା,୦୭/୦୨ (ନି.ପ୍ର): ଭୁବନେଶ୍ୱର ରୁ ବାଙ୍ଗିରିପୋଷି ଯାଉଥିବା ସୁପରଫାଷ୍ଟ ଟ୍ରେନରୁ ଖସିପଡି ଜନୈକ ଯୁବକର ମୃତ୍ୟୁ ଘଟିଥିବା ଜଣାପଡିଛି।ପ୍ରକାଶ ଯେ ଏହି ଟ୍ରେନରୁ ଜଣେ ଅଜଣା ଯୁବକ ହଳଦୀପଦା। ନିକଟରେ ସୋମବାର ଖସିପଡି ଗୁରୁତର ହୋଇଥିଲେ। ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ କୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ରେଳବାଇ ପୁଲିସ ଏକ ଅପମୃତ୍ୟ ମାମଲା ରୁଜୁ କରିବା ସହିତ ମଙ୍ଗଳବାର ଶବ ବ୍ୟବଚ୍ଛେଦ କରିଥିବା ପ୍ରକାଶ।

ବସ୍ତା,୦୭/୦୨ (ନି.ପ୍ର): ଭୁବନେଶ୍ୱର ରୁ ବାଙ୍ଗିରିପୋଷି ଯାଉଥିବା ସୁପରଫାଷ୍ଟ ଟ୍ରେନରୁ ଖସିପଡି ଜନୈକ ଯୁବକର ମୃତ୍ୟୁ ଘଟିଥିବା ଜଣାପଡିଛି।ପ୍ରକାଶ ଯେ ଏହି ଟ୍ରେନରୁ ଜଣେ ଅଜଣା ଯୁବକ ହଳଦୀପଦା। ନିକଟରେ ସୋମବାର ଖସିପଡି ଗୁରୁତର ହୋଇଥିଲେ। ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ରେଳବାଇ ପୁଲିସ ଏକ ଅପମୃତ୍ୟ ମାମଲା ରୁଜୁ କରିବା ସହିତ ମଙ୍ଗଳବାର ଶବ ବ୍ୟବଚ୍ଛେଦ କରିଥିବା ପ୍ରକାଶ।

## ବର୍ଜ୍ୟବସ୍ତୁର ନିର୍ମିତ 'ମୋ ଖତ' ରୁ ନୀଳଗିରି ଏନ.ଏ.ସି. ଆୟ କଲା ୩ ଲକ୍ଷ ୪୮ହଜାର ଟଙ୍କା

ନୀଳଗିରି,୦୭/୦୨ (ନି.ପ୍ର): ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ଓ ଗୃହ ନିର୍ମାଣ ପକ୍ଷରୁ ଓଡ଼ିଶା ର ଥିବା ପ୍ରତ୍ୟେକ ଏନ.ଏ.ସି. ଓ ମୁନିସିପାଲିଟିରେ ବର୍ଜ୍ୟ ପ୍ରକୃତିର ସମ୍ପଦକୁ "ମୋ ଖତ" ନିର୍ମାଣ ପାଇଁ ଯୋଜନା କରିଥିଲା ବେଳେ ନୀଳଗିରି ଏନ.ଏ.ସି.ରର ଗତ ୨ ବର୍ଷ ଭିତରେ ଉତ୍ପାଦିତ 'ମୋ ଖତ' କୁ କୃଷି ବିଭାଗକୁ ବିକ୍ରି କରି ୩ ଲକ୍ଷ ୪୮ହଜାର ଟଙ୍କା ଆୟ କରିଥିବାର ଜଣାଯାଇଛି। ପୂର୍ବରୁ ମୋ ଖତ କୁ ୨ଲକ୍ଷ ୭୮ହଜାର ଟଙ୍କାରେ ବିକ୍ରି କରାଯାଇଥିଲା ବେଳେ ଆଜି ଦ୍ୱିତୀୟ ଥର ପାଇଁ ୩୫ କ୍ୟୁଂଟାଲ ଖତ ବାଲିଆପାଳ କୃଷି ବିଭାଗକୁ ୭୦ ହଜାର ଟଙ୍କାରେ ବିକ୍ରି କରାଯାଇଛି। ଏହି ଅବସରରେ ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ, ନିର୍ବାହୀ ଅଧିକାରୀ ଅକ୍ଷୟ ବଡୁ, କନିଷ୍ଠ ଯନ୍ତ୍ରୀ ବୁଧିରାମ ସିଂ, ମୋ ଖତ ଉତ୍ପାଦନ ଦାୟିତ୍ୱରେ ଥିବା ଅଧିକାରୀ ହିମାଂଶୁ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏନ.ଏ.ସି. ଅଧକ୍ଷା ଶ୍ରୀମତୀ ଦାସ ଖତ ତିଆରି କରୁଥିବା କର୍ମଚାରୀ ମାନଙ୍କୁ ଆଶେଷ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

## ଓଡିଶା ଅପରାଧ କ୍ଷେତ୍ରରେ ପ୍ରଥମ ସ୍ଥାନରେ : ବିଜେପି

ଭୁବନେଶ୍ୱର,୦୭/୦୨ (ନି.ପ୍ର): ଅପରାଧ କ୍ଷେତ୍ରରେ ଓଡିଶା ପ୍ରଥମ ସ୍ଥାନରେ । ରାଜ୍ୟରେ କ୍ୟାବିନେଟ ମନ୍ତ୍ରୀଙ୍କୁ ହତ୍ୟା କରାଯାଇଛି । ଏଠାରେ ସାଧାରଣ ଜନତା ଏଠି ସୁରକ୍ଷିତ ନାହାନ୍ତି ବୋଲି କହିଛନ୍ତି ବିଜେପିର ରାଷ୍ଟ୍ରୀୟ ସମ୍ପାଦକ ଆଶା ଲାକଡା । ଏଠାରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ସେ କହିଛନ୍ତି ଯେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଜଙ୍ଗଲ ରାଜ ଭଳି । ମହିଳା,ଶିଶୁ ଅପରାଧିକ ମାମଲା ଓଡିଶାରେ ଅଧିକ । ଏଠାରେ ମହିଳା, ଶିଶୁ, ନେତା ବା ମନ୍ତ୍ରୀ କେହି ବି ସୁରକ୍ଷିତ ନୁହନ୍ତି । ସାଧାରଣ ଲୋକ ଗୁଣ୍ଡାଙ୍କୁ, ମାଫିଆଙ୍କୁ, ଅପହରଣକାରୀ, ପୁଲିସକୁ ଡରୁଛନ୍ତି । ପୁଲିସର ଦାଇତ୍ୱ ହେଉଛି ସାଧାରଣ ଜନତାର ସୁରକ୍ଷା କିନ୍ତୁ ପୋଲିସ ଗୁଣ୍ଡା ହୋଇ ତାଣ୍ଡବ କରୁଛି ବୋଲି ସେ କହିଛନ୍ତି ।

# ବିଦ୍ୟୁତ୍ କର୍ମଚାରୀଙ୍କର ଉପଖଣ୍ଡ ସ୍ତରୀୟ ବାର୍ଷିକ ସମାବେଶ : ଠିକା କର୍ମଚାରୀଙ୍କ ଦରମା ବୃଦ୍ଧି କରାଯିବାକୁ ଦାବି




ବାରିପଦା,୦୭/୦୨ (ନି.ପ୍ର): ଆଜି ନେସ୍କୋ ପାୱାର ଏମ୍ପ୍ଲୋଇଜ ସଙ୍ଘ ତରଫରୁ ବେତନଟୀ ଧର୍ମଶାଳା ଠାରେ ଉପଖଣ୍ଡ ସ୍ତରୀୟ ବୈଠକ ତଥା ବନ୍ଧୁ ମିଳନ ଉତ୍ସବ ଖୁବ୍ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି । ସଙ୍ଘର ଜିଲ୍ଲା ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ସଭାପତିତ୍ୱରେ ଡେପୁଟି ଜେନେରାଲ ସେକ୍ରେଟାରୀ ଜ୍ୟୋତିକୃଷ୍ଣ ବେହେରା, ସଙ୍ଘର କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର ବେରା,ଡିଭିଜନାଲ ସେକ୍ରେଟାରୀ ଚନ୍ଦନ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ କରୁଣାକର ପତି,ସହ ଡିଭିଜନାଲ ସେକ୍ରେଟାରୀ ଜ୍ଞାନରଂଜନ ପରିଡା,ଉଦଳା ଅବକରଭର ଜୟୋତିଲାଲ ବିଶ୍ୱାଳ, ପ୍ରମୁଖ ଉପସ୍ଥିତ ହୋଇ ସଙ୍ଘୀୟ ବକ୍ତବ୍ୟ ରଖିଥିବା ବେଳେ ଉପସ୍ଥିତ କର୍ମୀ ମାନଙ୍କ ନିଜନିଜର କର୍ଯ୍ୟକ୍ଷେତ୍ରରେ ଉପୁଜିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସର୍ବ ସମ୍ମତି କ୍ରମେ ବେତନଟୀ ଉପଖଣ୍ଡ ସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା । ଉପଖଣ୍ଡ ସମ୍ପାଦକ ଚନ୍ଦନ କୁମାର ଜେନା, ଉପଖଣ୍ଡ ସଙ୍ଗଠକ ଲକ୍ଷଣ ମହାନ୍ତ, ବେତନଟୀ ସେକ୍ସନ ସଙ୍ଗଠକ ବିଶ୍ୱଜିତ ସାହୁ, ବୈଶିଙ୍ଗା ସେକସନ ସଙ୍ଗଠକ ପ୍ରଶାନ୍ତ କୁମାର ସାହୁ, କୁଚୁଲାଖୁଂଟା ସେକ୍ସନ ସଙ୍ଗଠକ ଯୋଗେନ୍ଦ୍ର ବାରିକ୍, ହିନ୍ଦୁସ୍ଥାନ ବିଏ ମାନଙ୍କ ମଧ୍ୟରେ ବେତନଟୀରୁ ପ୍ରମୋଦ ସାହୁ, ବୈଶିଙ୍ଗାରୁ ବିଶ୍ୱଜିତ ପରିଡା, କୁଚିଲାଖୁଂଟାରୁ ପଦ୍ମଲୋଚନ ବେହେରା,୩୩/୧୧ କେଭି ଷ୍ଟ୍ରକଚର୍ ସବଡିଭିଜନ ସମ୍ପାଦକ ଦୀନବନ୍ଧୁ ନାୟକଙ୍କୁ କର୍ମକର୍ତ୍ତା ଭାବେ ଚୟନ କରାଯାଇଛି । ସଙ୍ଘ ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ମଂଚାସିନ ନେତୃମଣ୍ଡଳୀ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର କାର୍ଯ୍ୟାବଳୀ ସମ୍ପର୍କରେ ନିଜର ସୁଚିନ୍ତିତ ମନ୍ତବ୍ୟ ପ୍ରଦାନ କରିଥିଲେ । ସମାନ କାମକୁ ସମାନ ଦରମା, କାର୍ଯ୍ୟକ୍ଷେତ୍ରରେ ସମ୍ପୂର୍ଣ୍ଣ ସୁରକ୍ଷା ସରଂଜାମର ବ୍ୟବସ୍ଥା, ଠିକା କର୍ମଚାରୀଙ୍କ ସର୍ବନିମ୍ନ ମଜୁରୀ ୧୮ ହଜାର ଟଙ୍କାକୁ ବୃଦ୍ଧି ପ୍ରଭୃତି ଦାବି ଗୁଡିକ ଟିପିଏନଓଡିଏଲର ଉଚ୍ଚ କତୃପକ୍ଷଙ୍କ ଦ୍ୱାରା ତୁରନ୍ତ ପୂରଣ କରାନଗଲେ ଆଗାମୀ ଦିନରେ ସଙ୍ଘ ତୀବ୍ର ଆନ୍ଦଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ କେବଳ ଟିପିଏନଓଡିଏଲ କତୃପକ୍ଷ ଦାୟୀ ରହିବେ । ସର୍ବଶେଷରେ ବେତନଟୀ ସେକ୍ସନରେ କାର୍ଯ୍ୟରେ ଥିବା ସମୟରେ ମୃତ୍ୟୁ ବରଣ କରିଥିବା ଲାଇନମ୍ୟାନ ପ୍ରସନ୍ନ କୁମାର ମହାନ୍ତଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।ବୈଠକ ପରିଚାଳନାରେ ତପନ କୁମାର ପାତ୍ର, ପାର୍ଥସାରଥି ଦାସ, ବୁଦ୍ଧେଶ୍ୱର ମାରାଣ୍ଡି,ଶୁଭାଶିଷ ଆସେ,ରମେଶ ସାହୁ, ଶ୍ରୀମନ୍ତ ଘୋଷ, ଶାନ୍ତନୁ ନାୟକ, ଦୀପକ ମହାନ୍ତି, କିଶୋର କୁମାର ନାଥ,ସରୋଜ କୁମାର ନାୟକ, ଗୋବିନ୍ଦ ଓଝା, ସାଇ ମହାପାତ୍ର, ସଞ୍ଜୟ ଘୋଷ, ତାପସ ବେହେରା, ସଞ୍ଜିତ ସେଠୀ ପ୍ରଭୃତି ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ହୋଇ ସଭାକାର୍ଯ୍ୟ ସମ୍ପାଦନ କରିଥିଲେ ।

## ୬୦ ତମ ସାର୍ବଜନୀନ ବସନ୍ତ ପଞ୍ଚମୀ ମହୋତ୍ସବ

ଅମର୍ଦ୍ଦାରୋଡ,୦୭/୦୨ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ତଥା ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତ ଅମର୍ଦ୍ଦାରୋଡ ହାଟପଡିଆ ଠାରେ ୮ ତାରିଖ ଠାରୁ ମେଳା ଅନୁଷ୍ଠିତ ହେବ।ପ୍ରାୟ ୬୦ ବର୍ଷ ହେବ ଏହି ମେଳା ହୋଇଆସୁଛି।ପ୍ରତିବର୍ଷ ସରସ୍ୱତୀ ପୂଜା ୭/୮ ଦିନ ପରେ ଏହି ମେଳା ହେଉଥିବା ବେଳେ ଚଳିତ ବର୍ଷ ଏହି ମେଳା ୧୨ ଦିନ ପରେ ଆରମ୍ଭ ହେବାକୁ ଯାଉଆଛି।ସୂଚନା ଯୋଗ୍ୟ ଯେ, ଜାକଜମକରେ ପାଳିତ ହେଉଥିବା ମେଳା ନସରିବା ଯାଏଁ ମା ଙ୍କ ମେଢ଼ ବିସର୍ଜନ କରାଯାଏ ନାହିଁ।ଏହି ଅଞ୍ଚଳର ସଂସ୍କୃତି ଓ ପରମ୍ପରା ତଥା ଭାଇଚାରକୁ ଅଧିକ ସୁଦୃଢ଼ କରିବା ଏହି ମେଳାର ଏକ ପ୍ରଧାନ ବିଶେଷତ୍ୱ ଅଟେ।୮ରୁ ୧୭ ତାରିଖ ପ୍ରଯ୍ୟନ୍ତ ବିଭିନ୍ନ ପ୍ରକାର ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।ଉକ୍ତ ମେଳକୁ ପଡୋଶୀ ମୟୁରଭଞ୍ଜ, ପଶ୍ଚିମବଙ୍ଗ ଓ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକେ ଏଠାରେ ସମବେତ ହୋଇଥାନ୍ତି। ମେଳାରେ ହଜାର ହଜାର ଶ୍ରଦ୍ଧାଳୁ ଏକତ୍ରିତ ହେଉଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ବଜାର କମିଟି ଏକ ବୈଠକରେ ସ୍ୱାସ୍ଥ୍ୟ, ପରିବହନ, ଜଳ ପରିମଳ, ବିଦ୍ୟୁତ ବ୍ୟବସ୍ଥା ଓ ସୁପରିଚାଳନା ଉପରେ ଆଲୋଚନା ହୋଇଥିଲା ବେଳେ କମିଟିର ପ୍ରାୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।ଏଠାରେ ସୂଚନା ଥାଉ କି ଯେ, ପୂର୍ବରୁ ଏହି ମେଳା ଶ୍ରୀପଞ୍ଚମୀ ମେଳା ନାମ ଥିଲା କିନ୍ତୁ ୨୦୨୦ ମସିହାରୁ ଶ୍ରୀପଞ୍ଚମୀ ମେଳା ନାମ ପରିବର୍ତ୍ତନ କରାଯାଇ ବସନ୍ତ ପଞ୍ଚମୀ ମହୋତ୍ସବ ନାମରେ ନାମିତ କରାଯାଇଛି।

## ଆଦର୍ଶ ଶିକ୍ଷକଙ୍କ ଅକାଳ ବିୟୋଗ : ଶୋକାକୂଳ ପରିବେଶ

ଜଳେଶ୍ୱର,୦୭/୦୨ (ନି.ପ୍ର): ଜଳେଶ୍ୱର ବ୍ଲକ ନେଟୁଆ ପଂଚାୟତର କମାରଶାଳିଆସ୍ଥିତ ମନୋରଂଜନ ସୀମାନ୍ତ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ସହକାରୀ ପ୍ରଧାନ ଶିକ୍ଷକ ବସନ୍ତ କୁମାର ପ୍ରଧାନଙ୍କର ସୋମବାର ରାତ୍ରି ୮.୩୦ମିରେ ନିଜ ବାସଗୃହ ବାଲିଆପାଳ ବ୍ଲକର ପାରଦିପା ଗାଁ ଇହଲିଳା ସମ୍ବରଣ କରିଛନ୍ତି। ତାଙ୍କ ମରଶରୀର ଆଜି ସକାଳେ ତାଙ୍କ କର୍ମସ୍ଥାନ ସ୍କୁଲ ପରିସରକୁ ଅଣାଯିବାପରେ ହଜାର ହଜାର ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସେ ଜଣେ ମେଳାପି, ଛାତ୍ର ବତ୍ସଳ, ବନ୍ଧୁବତ୍ସଳ ଓ କର୍ତ୍ତବ୍ୟପରାୟଣ ବ୍ୟକ୍ତି ଥିଲେ। ମାତ୍ର ୫୬ବର୍ଷ ବୟସରେ ତାଙ୍କର ଅକଳା ବିୟୋଗ ଘଟିଛି । କିଛିଦିନ ଧରି ସେ କର୍କଟ ରୋଗରେ ପିଡିତ ଥାଇ ଚିକିତ୍ସାଧିନ ଥିଲେ । ସେ ୧୯୮୭ରୁ ୯୧ ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟ କରିଥିବା ବେଳେ ଏବେ ସହକାରୀ ପ୍ରଧାନ ଶିକ୍ଷକଭାବେ ଅଧିଷ୍ଠିତ ଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ, ଶହ ଶହ ଛାତ୍ରୀ, ଅଭିଭାବକ, ଗ୍ରାମବାସୀଙ୍କ ସହିତ ଜଳେଶ୍ୱର ବ୍ଲକର ବହୁ ଶିକ୍ଷକ, ଶିକ୍ଷକ ନେତା ଘଟଣାସ୍ଥଳରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଆବାସ ଯୋଜନାରେ ବାଦ୍ ବ୍ୟକ୍ତିଙ୍କୁ ସଂଯୁକ୍ତ ଲାଗି ଗଣଧାରଣା




ଜଳେଶ୍ୱର,୦୭/୦୨ (ନି.ପ୍ର): ସୁଗୋ ପଂଚାୟତର ପ୍ରାୟ ୬୧ଜଣ ଯୋଗ୍ୟ ବ୍ୟକ୍ତି ଆବାସ ଯୋଜନାରୁ ବଦ୍ ପଡିଥିବା ଯୋଗୁଁ ସେମାନଙ୍କୁ ସଂଯୁକ୍ତ ଲାଗି ସିଆଇଟିଉର ସଂପାଦକ ପଲ୍ଟୁ ଦାସଙ୍କ ନେତୃତ୍ୱରେ ଜଳେଶ୍ୱର ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଘଟଣାରୁ ପ୍ରକାଶ ଗତ ୩୧ ତାରିଖରେ ସୁଗୋ ପଂଚାୟତ ସମ୍ମୁଖରେ ତାଲିକାରୁ ବାଦ୍ ପଡିଥିବା ଯୋଗ୍ୟବ୍ୟକ୍ତି ବାଦ୍ ଦିଆଯାଇଥିବାରୁ ଏକ ଆନ୍ଦୋଳନ କାର୍ଯ୍ୟକ୍ରମରେ ବ୍ଲକର ଏବିଡିଓ ପହଞ୍ଚି ତଦନ୍ତ ହେବା ସଂପର୍କରେ ପ୍ରତିଶୃତି ଦେଇଥିଲେ। କିନ୍ତୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ଆଜି ପଲ୍ଟୁ ଦାସ, ଦିଲ୍ଲିପ ଗିରି, ଶିଶିର ହୁଇ, ଦୀପ୍ତିମାନ ଆଚାର୍ଯ୍ୟ, ସବିତା ଭୂୟାଁ, ସିତାଂଶୁ ସେନାପତି, ନିରୋଜ ବେହେରା, ସେକ୍ ଅବଦୁଲ ସାଦିକ ପ୍ରମୁଖଙ୍କ ନେତୃତ୍ୱରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଆନ୍ଦୋଳନକାରୀ ମାନେ ଜଳେଶ୍ୱର ବିଡିଓ ପୁନମ୍ ରାଉତଙ୍କୁ ଦାବିପତ୍ର ଦେବାପରେ ଏହାର କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶୃତ ଦେଇଥିଲେ। ସେହିପରି ନାମ୍ପୋ ପଂଚାୟତର ୩୦ଜଣ ଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇନଥିବାରୁ ସେ ସଂପର୍କାରେ ମଧ୍ୟ ବିଡିଓଙ୍କୁ ଲିଖିତଭାବେ ଅଭିଯୋଗ ହୋଇଥିବା ଜଣାଯାଇଛି ।

# ଏକାଦଶ କୃଷି ଗଣନା ପାଇଁ ଫେବୃଆରୀ ୭ ରୁ ୯ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ୩ ଦିନିଆ ତାଲିମ ଶିବିର



ଖୋର୍ଦ୍ଧା,୦୭/୦୨ (ନି.ପ୍ର): ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଓ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗ ଏବଂ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ଏକାଦଶ କୃଷି ଗଣନା ପାଇଁ ଫେବୃଆରୀ ୭ ରୁ ୯ ପର୍ଯ୍ୟନ୍ତ ଜିଲ୍ଲା ସ୍ତରୀୟ ୩ ଦିନିଆ ତାଲିମ ଶିବିର ଜୟୀ ରାଜଗୁରୁ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏହି ଶିବିର କୁ ଉଦଘାଟନ କରିଥିଲେ। ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ର ଯୁଗ୍ମ ନିର୍ଦ୍ଦେଶକ, ପ୍ରଭାତି ରାଣୀ ପ୍ରଧାନ ଏହି ଉଦଘାଟନୀ ଉତ୍ସବରେ ଯୋଗଦେଇ ଥିଲେ। ଜିଲ୍ଲା ର ବିଭିନ୍ନ ବିଭାଗର ପଦାଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ। ଉପ-ନିର୍ଦ୍ଦେଶକ, ଯୋଜନା ଓ ପରିସଂଖ୍ୟାନ, ଶଙ୍କର ବେହେରା କୃଷି ଗଣନାର ଉଦ୍ଦେଶ୍ୟ ସଂପର୍କରେ ଅବଗତ କରିବା ସହ ଏହି ତାଲିମ ଶିବିର କୁ ପରିଚାଳନା କରିଥିଲେ । ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ ସଠିକ ଡାଟା ପ୍ରସ୍ତୁତ କରିବାକୁ ଅନୁରୋଧ ରଖିଥିଲେ। ଚଳିତ ଏକାଦଶ କୃଷି ଗଣନା ରେ ଜିଲ୍ଲାର ଶତ ପ୍ରତିଶତ ଗ୍ରାମ ରେ ଡିଜିଟାଲ ଭାବେ ମୋବାଇଲ ଆପ ମାଧ୍ୟମରେ ସର୍ଭେ କରାଯାଇ ୩ ଟି ପର୍ଯ୍ୟାୟରେ ଡାଟା ବେସ ପ୍ରସ୍ତୁତ କରାଯିବ। ଏହି ଗଣନା କାର୍ଯ୍ୟରେ ଜମି ର ମାଲିକାନା, ଜମିର ଆକାର ପ୍ରକାର, ନାମମାତ୍ର ଚାଷୀ,ବୃହତ ଚାଷୀ, ବ୍ୟକ୍ତିଗତ କୋଡ୍ ଆଦି ଉପରେ ତଥ୍ୟ ସଂଗ୍ରହ କରାଯିବ। ଏ ସମ୍ପର୍କରେ ବିଭାଗ ୱେବ ପୋର୍ଟାଲ ରେ ମଧ୍ୟ ଅପଲୋଡ୍ କରାଯିବ । ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ଜିଲ୍ଲା ର ପରିସଂଖ୍ୟାନ ବିଭାଗ ର କ୍ଷେତ୍ର ସର୍ଭେକ୍ଷକ ଓ ନିରୀକ୍ଷକ କୃଷି ବିଭାଗର ଗ୍ରାମ କୃଷି କର୍ମଚାରୀ ଓ ପରିଦର୍ଶକ , ଏବଂ ରାଜସ୍ୱ ବିଭାଗ ର ଅମିନ ଓ ଅତିରିକ୍ତ ରାଜସ୍ୱ ନୀରିକ୍ଷକ ଆଦି ସାମିଲ ହୋଇଛନ୍ତି । ମାଷ୍ଟର ଟ୍ରେନର ଭାବେ ସୁବାସ ଚନ୍ଦ୍ର ପୃଷ୍ଟି, ଷ୍ଟାଟିଷ୍ଟିକାଲ ଅଫିସର, ମୃଣାଳିନୀ ପଟ୍ଟନାୟକ,ଏସଇଓ ପ୍ରମୋଦ ମହାନ୍ତି, ଅଫିସର ଇନ୍ ସ୍ପେଶାଲ ଡ୍ୟୁଟି, ସ୍ମୃତି ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ହାତରେ ବନ୍ଧୁକ ଧରି ....

ଅଭିନୟ କରି ଦେଖାଇଛି ଗୋପାଳ । କୁହାଯାଉଛି ମନ୍ତ୍ରୀଙ୍କୁ ହତ୍ୟା କରିବା ପାଇଁ ପୂରା ପ୍ରସ୍ତୁତିର ସହ ଆସିଥିଲା ଅଭିଯୁକ୍ତ । ଗୁଳି ମାଡ଼ କରିବା ସହ ଅପରାଧର ପୂରା କାହାଣୀ କ୍ରାଇମବ୍ରାଂଚ ଅଧିକାରୀଙ୍କୁ ଗୋଟି ଗୋଟି ବୁଝାଇଥିଲା । ଲୋକଙ୍କୁ ପିସ୍ତଲ ଦେଖାଇ ଡରାଇଲା । ଗୁଳିମାଡ଼ କରିବା ପରେ ଲୋକଙ୍କୁ ପିସ୍ତଲ ଦେଖାଇ ଭୟଭୀତ କରିବାକୁ ଉଦ୍ୟମ କରିଥିଲା ଗୋପାଳ । ବ୍ଲାଙ୍କ ଫାୟାରିଂ କରିବା ସହ ଭିଡ଼ ଭିତରୁ ଖସିବାକୁ ଚେଷ୍ଟା କରିଥିଲା ହତ୍ୟାକାରୀ । ସେତେବେଳେ ଚାରିଆଡେ ହଇଚଇ ଖେଳି ଯାଇଥିଲା । ଗୋପାଳକୁ ଘେରି ଯାଇଥିଲେ ପୁଲିସ ଓ ଜନତା । ଏବଂ ହାତରୁ ଛଡ଼ାଇ ନେଇଥିଲେ ବନ୍ଧୁକ । ତେବେ ଏହା ପୂର୍ବରୁ ନିଜ ବର୍ବର ଉଦ୍ଦେଶ୍ୟକୁ ପୂରଣ କରି ସାରିଥିଲା ଗୋପାଳ । ସେଦିନ ଘଟଣା ସ୍ଥଳରେ ଆହତ ହୋଇଥିବା ଜୀବନ ନାୟକ ମଧ କହିଛନ୍ତି ହତ୍ୟାକାଣ୍ଡର କାହାଣୀ ଜାନୁଆରୀ ୨୯ ତାରିଖ ଦିନ ଯାହା ଘଟିଥିଲା, ପୁଣିଥରେ ଅଭିନୟ କରି ଦେଖାଇଛି ଅଭିଯୁକ୍ତ । ଅବଶ୍ୟ ସେହି ଘଟଣାର ମୁଖ୍ୟ ଦୃଶ୍ୟକୁ ଟେଲିଭିଜନରେ ସମସ୍ତେ ଦେଖିଛନ୍ତି । ଘଟଣା କେମିତି ଘଟିଥିଲା, ତାହା ତ ଡେମୋ କରି ଦେଖାଇଲା ଗୋପାଳ, କିନ୍ତୁ କାହିଁକି ମନ୍ତ୍ରୀଙ୍କୁ ହତ୍ୟା କଲା, ସେହିପ୍ରଶ୍ନର ଉତର ଖୋଜୁଛନ୍ତି ଓଡ଼ିଶାବାସୀ ।

### ପଦୋନ୍ନତି ଅଦାଲତର ....

ବେଳେ ୧୦୨୧ ଜଣଙ୍କ ଆବେଦନାର ଶୁଣାଣି କରାଯାଇ ସେଥି ମଧ୍ୟରୁ ୭୮୮ଟି ଆବେଦନକୁ ପଦୋନ୍ନତି ପାଇଁ ଗ୍ରହଣ କରାଯାଇଥିଲା । ଏହି ପଦୋନ୍ନତି ଅଦାଲତରେ ୬ ଜଣ ଅତିରିକ୍ତ ଶାସନ ସଚିବ ଡ଼ଃ ନିକୁଞ୍ଜ କିଶୋର ସୁନ୍ଦରାୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ, ଶ୍ରୀ ରାଜ କୁମାର ଶର୍ମା ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ, ଶ୍ରୀ ଦେଓ ରଂଜନ ସିଂ କଳିଙ୍ଗ ଷ୍ଟାଡିୟମ ସମ୍ମିଳନୀ କକ୍ଷ, ଡ଼ଃ ମୋନା ଶର୍ମା ଇଡକୋ ସମ୍ମିଳନୀ କକ୍ଷ, ଶ୍ରୀମତୀ ଅନୁ ଗର୍ଗ କୃଷି ଭବନ ଅଡିଟୋରିୟମ ଏବଂ ଶ୍ରୀ ସତ୍ୟବ୍ରତ ସାହୁ ଏସ୍‌ଆଇଆରଡି ସମ୍ମିଳନୀ କକ୍ଷରେ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ । ଆଜିର ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଗୋପରେ ତେଲ ଓ ପ୍ରାକୃତିକ....

ଏହା ପୂର୍ବରୁ ରାଜ୍ୟର ୫ଟି ସ୍ଥାନରେ ଅଏଲ ଇଣ୍ଡିଆ ପକ୍ଷରୁ ସର୍ଭେ କରାଯାଇଥିଲା । ଗୋପର ଦୁଇଟି ସ୍ଥାନରୁ ସକରାତ୍ମକ ଫଳାଫଳ ଦେଖାଯାଇଥିଲା । ତେଣୁ କୁଶୁପୁର ଓ ଚିତ୍ରାରେ ପ୍ରାକୃତିକ ଗ୍ୟାସ ଓ ପେଟ୍ରୋଲ ମିଳିବାର ଆଶା ରହିଛି । ଏଥିପାଇଁ ଉଚ୍ଚକ୍ଷମତା ସମ୍ପନ୍ନ ମେସିନ୍ ଲାଗାଯିବା ସହ ଅଭିଜ୍ଞ ଯନ୍ତ୍ରୀମାନେ ଆସି ଖନନ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଦିଲ୍ଲୀର ଏକ ଘରୋଇ ସଂସ୍ଥା ହାତରେ ରହିଛି ଖନନ ଦାୟୀତ୍ୱ । ଏହି ପ୍ରକଳ୍ପକୁ ନେଇ ସ୍ଥାନୀୟ ବାସିନ୍ଦା ବେଶ ଆଶାବାଦୀ ଥିବା ବେଳେ ପ୍ରକଳ୍ପ ସଫଳ ହେଲେ ନିଯୁକ୍ତି ସଂଭାବନା ବଢ଼ିଯିବ ବୋଲି ଆଶା ରଖିଛନ୍ତି । କୁଶୁପୁର ଅଂଚଳର ୮ ଏକର ଜମି ଚିହ୍ନଟ କରାଯାଇ ୩୭ ଜଣ ଚାଷୀଙ୍କ ଜମିକୁ ଲିଜ୍ ଆକାରରେ ନିଆଯାଇ ୯୭ ଲକ୍ଷ ଟଙ୍କା ବ୍ୟାଙ୍କ ଚେକ୍ ମାଧ୍ୟମରେ ଚୁକ୍ତିପତ୍ର ସ୍ୱାକ୍ଷରିତ କରାଯାଇଛି । ତେବେ ଦେଖିବର କଥା ଆକଳନ ଅନୁସାରେ ଏଠାରୁ ତୈଳ ଓ ପ୍ରାକୃତିକ ଗ୍ୟାସ କେତେ ପରିମାଣରେ ବାହାରୁଛି ।

# ଗ୍ରାମାଂଚଳ ବିକାଶରେ ପରିବର୍ତ୍ତନ ଆଣିଛି ଖୋର୍ଦ୍ଧା ଜିଲ୍ଲାରେ ବିଜୁ ସେତୁ ଯୋଜନା

ଭୁବନେଶ୍ୱର,୦୭/୦୨ (ନି.ପ୍ର): ଗ୍ରାମାଂଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ପାଇଁ ରାଜ୍ୟ ସରକାର ବିଜୁ ସେତୁ ଯୋଜନା ପ୍ରଣୟନ କରିଛନ୍ତି । ୨୦୧୧ ମସିହାରେ ଓଡ଼ିଶା ସରକାର ବିଚ୍ଛିନ୍ନାଂଚଳକୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ବିଜୁ ସେତୁ ଯୋଜନାରେ ଖୋର୍ଦ୍ଧା ଜିଲ୍ଲାରେ ଅଦ୍ୟାବଧି ୨୧,୯୫୮ ଲକ୍ଷ ଟଙ୍କା ବ୍ୟୟରେ ୫୧ଟି ସେତୁ ନିର୍ମାଣ କାର୍ଯ୍ୟ ସଂପନ୍ନ ହୋଇଛି । ଏତଦ୍‌ବ୍ୟତୀତ ଆଉ ୧୪ଟି ସେତୁର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଏହି ସେତୁ ନିର୍ମାଣ ଦ୍ୱାରା ୫୮୮ଟି ଗ୍ରାମର ୬ ଲକ୍ଷ ୧୨ ହଜାର ୫୬୩ ଜନସାଧାରଣ ଉପକୃତ ହେଉଛନ୍ତି ଏବଂ ସେମାନଙ୍କର ଆର୍ଥିକ ମାନଦଣ୍ଡ ଏବଂ ସାମାଜିକ ସ୍ଥିତି ସୁଦୃଢ଼ ହୋଇପାରିଛି । ପରିବହନ କ୍ଷେତ୍ରରେ ଏହା ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବା ସହ ଗମନାଗମନ ତଥା ଯୋଗାଯୋଗ କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆଣିପାରିଛି । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନର ଦୂରତା କମିବା ସହ ଲୋକେ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା ପାଉଛନ୍ତି । ଏତଦ୍‌ବ୍ୟତୀତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ ଶକ୍ତି, କୃଷି ଉତ୍ପାଦନ, ବାଣିଜ୍ୟ ଓ ଜୀବିକାନିର୍ବାହ ଆଦି ମୌଳିକ ସୁବିଧା ଲୋକମାନେ ପାଇବା ସହିତ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜୀବନଜୀବିକା କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି । ବିଜୁ ସେତୁ ଯୋଜନା ଗ୍ରାମାଂଚଳ ଜନସାଧାରଣଙ୍କ ଅର୍ଥନୈତିକ-ସାମାଜିକ ବିକାଶ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ସାବ୍ୟସ୍ତ ହୋଇଛି । ସଂପ୍ରତି ଭୁବନେଶ୍ୱର ବ୍ଲକ୍ ଅନ୍ତର୍ଗତ ଝିଙ୍କିରିଡିହିରୁ କଟକ ସଦର ପ୍ରତାପନଗରୀକୁ ସଂଯୋଗ କରୁଥିବା କୁଆଖାଇ ନଦୀ ଉପରେ ସୁଉଚ୍ଚ ସେତୁ ୨୦୨୨ ନଭେମ୍ବର ୧୦ ତାରିଖରେ ଲୋକାର୍ପିତ ହୋଇଯାଇଛି । ଏହି ସେତୁ ୩୦.୬୩ ମିଟର ବିଶିଷ୍ଟ ୧୧ ଗୋଟି ସ୍ପାନ୍‌କୁ ନେଇ ନିର୍ମିତ ହୋଇଛି ।

# ପୌରପାଳିକା ତରଫରୁ ଆବର୍ଜନା ଉଠାଇବା ପାଇଁ ନୂତନ ୭ ଗୋଟି ଏଲ.ସି.ଭି ଶୁଭାରମ୍ଭ



ବାରିପଦା,୦୭/୦୨ (ନି.ପ୍ର): ଦିନ ବାରିପଦା ପୌରପାଳିକା ତରଫରୁ ପୌରାଂଚଳ ମଧ୍ୟରେ ବିଭିନ୍ନ ଅଂଚଳରୁ ଆବର୍ଜନା ଉଠାଇବା ପାଇଁ ୭ ଗୋଟି ଏଲ.ସି.ଭି ( ହାଲକା ଯାନ ) ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଦ୍ୱାରା ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିବାର ଜଣାଯାଇଛି । ଟାଟା କମ୍ପାନୀ ଦ୍ୱାରା ନିର୍ମିତ ଏହି ଗାଡି ଗୁଡିକ ମାଧ୍ୟମରେ ବିଭିନ୍ନ ଗୃହର ଦ୍ୱାର ମୁହଁରୁ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡିକରୁ ଆବର୍ଜନା ନେବା ପାଇଁ ବାରିପଦା ପୌରପାଳିକା ଦ୍ୱାରା ଉକ୍ତ ଗାଡି ଗୁଡିକୁ ଜନସାଧାରଣଙ୍କୁ ଉତ୍ସର୍ଗ କରାଯାଇଅଛି । ଏହି ୭ ଗୋଟି ଯାନ ସହିତ ମୋଟ ୨୭ ଗୋଟି ହାଲକା ଯାନ ଓ ବ୍ୟାଟେରୀ ପରିଚାଳିତ ଗାଡି ଓ ୩୦ ଗୋଟି ଟ୍ରାଇସାଇକେଲ ମାଧ୍ୟମରେ ସହରର ବିଭିନ୍ନ ମୁଖ୍ୟ ରାସ୍ତା, ଗଳି ଗୁଡିକରୁ ଏହି ଆବର୍ଜନା ଉଠାଇ ନେବା ପାଇଁ ବାରିପଦା ପୌରପାଳିକା ଦ୍ୱାରା ସହରବାସୀଙ୍କୁ ଯୋଗାଇ ଦିଆଯାଇଅଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ-ନଗରପାଳ ସୀମା ଦାସ, ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷ ଦୌଲତ ଚନ୍ଦ୍ରକାର, ବାରିପଦା ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଧୁମୁସା – ୨୦୨୩ : ସ୍ମରଣିକା ପାଇଁ ରହିଗଲା ଅବସୋସ



ଉଦଳା,୦୭/୦୨ (ନି.ପ୍ର): ଉଦଳା ମହୋତ୍ସବ ର ସ୍ମରଣିକା ପ୍ରକାଶନ ୨୦୦୬ ମସିହାରୁ ଆରମ୍ଭ ହୋଇଥିଲା । ଏଥିରେ କବି, ଲେଖକ, ସାହିତ୍ୟିକ ମାନଙ୍କର ଲେଖା ସ୍ଥାନ ପାଇବା ସହିତ ପରବର୍ତୀ ପିଢ଼ିଙ୍କ ପାଇଁ ଏହା ସାଇତା ହୋଇ ରହୁଥିଲା । କରୋନା ପାଇଁ କ୍ରମାଗତ ୨ ବର୍ଷ ଧରି ମହୋତ୍ସବ ବନ୍ଦ ହୋଇଯିବା ଫଳରେ ସ୍ମରଣିକା ପ୍ରକାଶନ ମଧ୍ୟ ବନ୍ଦ ରହିଥିଲା । ଚଳିତ ବର୍ଷ ଯଦିଓ ମହୋତ୍ସବ ଅନୁଷ୍ଠିତ ହେଲା, କିନ୍ତୁ ପ୍ରସ୍ତୁତି ପାଇଁ ହାତରେ ଏତେ କମ ସମୟ ରହିଲା ଯେ ସ୍ମରଣିକା ପ୍ରକାଶନ ସମ୍ଭବ ହୋଇ ପାରିଲା ନାହିଁ । ତେଣୁ ସ୍ମରଣିକା ବିହିନ ହେଲା ଚଳିତ ବର୍ଷର 'ଧୁମୁସା-୨୦୨୩' । ଏହା ସାରସ୍ୱତ ସାଧକ, ସାଧିକାଙ୍କ ମହଲରେ ଅବଶୋଷର ବାତାବରଣ ଖେଳାଇ ଦେଇଛି ।

ଧ୍ୱନି ପ୍ରତିଧ୍ୱନି

# ୧୦ରୁ ଜିଲ୍ଲାବ୍ୟାପୀ ବାତଜ୍ୱର ନିରାକରଣ କାର୍ଯ୍ୟକ୍ରମ

ବାଲେଶ୍ୱ,୦୭/୦୨ (ନି.ପ୍ର): ଫାଇଲେରିଆ ରୋଗ ନିରାକରଣ ପାଇଁ ଆସନ୍ତା ୧୦ ତାରିଖର ଜିଲ୍ଲାବ୍ୟାପୀ ଆରମ୍ଭ ହେଉଥିବା ସାମୂହିକ ବାତଜ୍ୱର/ ଫାଇଲେରିଆ ଓଷଧ ସେବନ ସହ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲାର ୫ ପୌରାଞ୍ଚଳ ଓ ୧୨ ଗୋଟି ବ୍ଲକର ପ୍ରାୟ ୨୫ ଲକ୍ଷ ଲୋକଙ୍କୁ ଡ଼ିଇସି ଏବଂ ଆଲବେଣ୍ଡାଜୋଲ୍ ବଟିକା ସେବନ କରାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ସୂଚନା ଦେଇଛନ୍ତି।ଅନ୍ୟାନ୍ୟ ଜିଲା ତୁଳନାରେ ବାଲେଶ୍ୱର ଜିଲାରେ ଫାଇଲେରିଆ/ ବାତଜ୍ୱର ଆପତତଃ ନିୟନ୍ତ୍ରଣାଧୀନ ଥିବା ବେଳେ ଉପକୂଳ ଅଞ୍ଚଳ ଉପରେ ଅଧିକ ଫୋକସ କରାଯାଉଥିବା ଜିଲାପାଳ କହିଛନ୍ତି। ଏନେଇ ଆସନ୍ତା ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ବାତଜ୍ୱର ଓ ୧୭ ତାରିଖ ପର୍ଯ୍ୟନ୍ତ କୃମି ନାଶକ ଔଷଧ ସେବନ ପାଇଁ ନିଷ୍ପତ୍ତି ନିଆଯାଇଛି। ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କୁ ଏହି ଔଷଧ ସେବନ କାର୍ଯ୍ୟକ୍ରମରେ ନିଯୁକ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମଶାବଂଶ ବୃଦ୍ଧି କରୁଥିବା ଜଳଶୟ ତଥା ଖାଲୁଆ ଅଞ୍ଚଳର ଉଦ୍ଧାର ସହ ବ୍ୟବହାର ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏନେଇ ଅଧିକ ବାତଜ୍ୱର ହେଉଥିବା ଜିଲାର ବାଲିଆପାଳ ବ୍ଲକର ଗୋଟିଏ ପଞ୍ଚାୟତକୁ ପରୀକ୍ଷାମୂଳକ ଭାବେ ନିଆଯାଇଛି। ସମ୍ପୃକ୍ତ ପଞ୍ଚାୟତର ଖାଲୁଆ ଅଞ୍ଚଳକୁ ପୁନରୁଦ୍ଧାର ସହ ଏଥିରେ ମାଛଚାଷ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ପାଇଲଟ ପ୍ରକଳ୍ପର ସଫଳତା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ସହ ପରବର୍ତ୍ତୀ ସମୟରେ ସମଗ୍ର ଜିଲାରେ ଏହିଭଳି ଜଳ ସଂରକ୍ଷିତ ସ୍ଥାନର ବ୍ୟବହାର କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଭାବେ ଥିରେ ଅଙ୍ଗନବାଡ଼ି ସେହିପରି ଜାତୀୟ କୃମି ନାଶନ କାର୍ଯ୍ୟକ୍ରମ ଫେବୃଆରୀ ୧୦ ଏବଂ ୧୭ ରେ ଜିଲ୍ଲା ବ୍ୟାପି କରାଯିବ। ସେହିଭଳି ଏହି ଔଷଧ ଶରୀରରେ ଲୁଚି ରହିଥିବା ମାଇକ୍ରୋ ଫାଇଲେରିଆ ଜୀବାଣୁକୁ ମାରି ବାତଜ୍ୱର/ଗୋଦର ହେବାକୁ ଦେଇ ନ ଥାଏ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦେବ କହିଛନ୍ତି।

# ସାରା ଓଡ଼ିଶାର ୧୩ଟି ସହରରେ ପହଂଚିଲା ଟ୍ରୁ-୫ଜି

ଭୁବନେଶ୍ୱର,୦୭/୦୨ (ନି.ପ୍ର): ରିଲାଏନ୍ସ ଜିଓ ପକ୍ଷରୁ ଓଡ଼ିଶାର ତାଳଚେର ସହରରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ଆଜି ଘୋଷଣା କରାଯିବା ସହ ରାଜ୍ୟର ୧୩ଟି ସହରରେ ଟ୍ରୁ-୫ଜିର ଲାଭ ପହଂଚିଛି । ପୂର୍ବରୁ ଜିଓ ପକ୍ଷରୁ ରାଜ୍ୟର ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡ଼ା, ପୁରୀ, ବଲାଙ୍ଗୀର ଓ ଅନୁଗୁଳର ନାଲ୍କୋ ଭଳି ୧୨ ସହରରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିଲା । ଏହି ସହରଗୁଡ଼ିକ ମଧ୍ୟରୁ ଅଧିକାଂଶ ସହରରେ ଜିଓ ପ୍ରଥମ ଏବଂ ଏକମାତ୍ର ଅପରେଟର ଭାବେ ୫ଜି ସେବାର ଶୁଭାରମ୍ଭ କରିଛି । ଜାତୀୟ ସ୍ତରରେ ୧୦ଟି ଅଧିକ ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ବିଷୟରେ ଆଜି ଜିଓ ପକ୍ଷରୁ ଘୋଷଣା କରାଯାଇଛି ଯେଉଁଥିରେ ସାମିଲ ରହିଛି ତାଳଚେର (ଓଡ଼ିଶା), ହିନ୍ଦୁପୁର, ମଦନପଲ୍ଲୀ, ପ୍ରୋଡାଟୁର (ଆନ୍ଧ୍ରପ୍ରଦେଶ), ରାୟଗଡ଼ (ଛତିଶଗଡ଼), ପଟିଆଲା (ପଂଜାବ), ଅଲୱର (ରାଜସ୍ଥାନ), ମଂଚେରିଆଲ (ତେଲେଙ୍ଗାନା), ଗୋରଖପୁର (ଉତରପ୍ରଦେଶ) ଓ ରୁର୍କି (ଉତରାଖଣ୍ଡ) । ଏଥି ସହିତ ଦେଶରେ ଜିଓ ଟ୍ରୁ-୫ଜି ସେବା ଉପଭୋଗ କରୁଥିବା ମୋଟ ସହର ସଂଖ୍ୟା ୨୩୬ରେ ପହଂଚିଛି ।

# ୧୦ମ ବାଲିଆପାଳ ମହୋତ୍ସବ ଉଦ୍‌ଘାଟିତ



ବାଲିଆପାଳ,୦୭/୦୨ (ନି.ପ୍ର): ମନୋଜ୍ଞ ପରିବେଶରେ ଉଦଘାଟିତ ହୋଇଛି ଦଶମ ବାଲିଆପାଳ ମହୋତ୍ସବ । ମହୋତ୍ସବ ଅ ଳର ବିକାଶ,ସଂସ୍କୃତି ଏବଂ ଭାଇଚରାର କଥା କହେ ବୋଲି ବାଲିଆପାଳ ମହୋତ୍ସବ ଉଦଘାଟନ ଉତ୍ସବରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବ କମିଟିର ଆବାହାକ ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ସମ୍ବାଦ ସାହିତ୍ୟଘରର ରାଜ୍ୟ ସଂଯୋଜିକା ଡ.ଶୁଭଶ୍ରୀ ଲେଙ୍କା ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଜଗାଇ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଓଡିଆ ବିଭାଗର ଅଧାପକ ଦୟାନିଧି ସାହୁ ଯୋଗଦେଇ ମହୋତ୍ସବ ଜରିଆରେ ଅ ଳର ବିକାଶ ସାଧନ ହେବା ସହ ପରବର୍ତ୍ତୀ ପିଢିଙ୍କ ମଧ୍ୟରେ ଏକତା ଭାଇଚାରା ଏବଂ ସଦଭାବ ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଲିଆପାଳ ପଞ୍ଚାୟତର ପୂର୍ବତନ ସରପଂଚ ମଧୁସୂଦନ ବାରିକ, ମଧୁପୁରା ପ ।ୟତର ପୂର୍ବତନ ସରପଂଚ ମୁରଲୀ ମୋହନ ସାହୁ,ସମାଜସେବୀ ଭାଷ୍କର ଚନ୍ଦ୍ର ସାହୁ ନିଜ ବକ୍ତବ୍ୟରେ ଏହି ମହୋତ୍ସବ ଦ୍ୱାରା ସ୍ନେହମମତାର ଡୋରୀରେ ଅଂଚଳବାସୀ ବାନ୍ଧିହୋଇଯାଇଛନ୍ତି । ଏହାସବୁଦିନ ବଜାୟ ରହୁ ବୋଲି ସେ କହିଥିଲେ । ଉତ୍ସବ କମିଟିର ସଦସ୍ୟ ବ୍ୟୋମକେଶ ସାହୁ ମଞ୍ଚ ଆହ୍ୱାନ, ସଦସ୍ୟ ପ୍ରଦୀପ୍ତ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ ଏବଂ ବିଜୟକୁମାର ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ । ଅପରାହ୍ନରେ ବାଲିଆପାଳ ଜଗନ୍ନାଥ ମନ୍ଦିର ଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ବାହାରି ସିମୁଳିଆ ବଜାର, ପାରୁଳିଆଛକ, ଜାମକୁଣ୍ଡାଛକ, ବାଲିଆପାଳ ବସଷ୍ଟାଣ୍ଡ ପରିକ୍ରମା କରି ମହୋତ୍ସବ ସ୍ଥଳରେ ପହ ିଥିଲା । ସତ୍ୟସାଇ ସେବାସଂଗଠନର ସଦସ୍ୟମାନେ ବେଦପାଠ କରିଥିଲେ । ପରେ ସ୍ଥାନୀୟ ଅ ଳର ପ୍ରତିଭା ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମପରିବେଷିତ ହୋଇଥିଲା ।

## ତୁର୍କୀ ଭୂକମ୍ପରେ ଉଦ୍ଧାର ଓ ସହାୟତା ପାଇଁ ଗଲା ଏନଡିଆରଏଫ ଟିମ

ନୂଆଦିଲ୍ଲୀ,୦୭/୦୨ : ତୁର୍କିଏ ଓ ସିରିଆରେ ଆସିଥିବା ବିନାଶକାରୀ ଭୂମିକମ୍ପରେ ୪ ହଜାରରୁ ଉର୍ଧ ଲୋକ ପ୍ରାଣ ହରାଇଥିବା ବେଳେ ୧୫ ହଜାରରୁ ଉର୍ଧ ଲୋକ ଆହତ ହୋଇଥିବା ଜଣା ପଡିଛି । ଏହି କ୍ରମରେ ଗାଜିଆବାଦର କମଳା ନେହ୍ରୁ ନଗର ସ୍ଥିତ ଏନଡିରଏଫର ଅଷ୍ଟମ ବାଟାଲିୟନର ରେସ୍କ୍ୟୁ ଟିମ ତୁର୍କିଓ ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ଏନଡିଆରଏଫର ଅଷ୍ଟମ ବାଟାଲିୟନର ଜନ ସଂପର୍କ ଅଧିକାରୀ ରାଜେଶ ଚୌହାନ କହିଛନ୍ତି ଯେ ତୁର୍କିଏରେ ଆସିଥିବା ଭୂମିକମ୍ପ କାରଣରୁ ଲୋକ ମାନଙ୍କୁ ଉଦ୍ଧାର ଓ ସହାୟତା କାର୍ଯ୍ୟ ପାଇଁ ହିଣ୍ଡନ ଏୟାରପୋର୍ଟରୁ ଏନଡିଆରଏଫର ଏକ ୫୧ ସଦସ୍ୟୀୟ ଟିମ ଭାରତୀୟ ବାୟୁସେନାର ବିମାନରେ ମଙ୍ଗଳବାର ଭୋର ପ୍ରାୟ ୩ଟା ବେଳେ ତୁର୍କୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ।

## ଅବକାରୀ ଧରପଗଡ଼ : ୬ ଗିରଫ୍, ହେରୋଇନ୍, ଦେଶୀମଦ ଜବତ

ଭଦ୍ରକ,୦୭/୦୨ (ନି.ପ୍ର): ରିଖ। ଅବକାରୀ ନିରୀକ୍ଷକଙ୍କ ସୁଶ୍ରୀ ସଂଗୀତା ମହାନ୍ତିଙ୍କ ନେତୃତ୍ୱରେ ଭଦ୍ରକ ଜିଲ୍ଲାର ଭ୍ରାମ୍ୟମାଣ ସ୍କାଡ଼ ଦ୍ୱାରା ଗତ ୫ ଓ ୬ ତାରିଖରେ କରାଯାଇଥିବା ଅବକାରୀ ଧରପଗଡ଼ରେ ୬ ଜଣ ଝେରା ବେପାରୀଙ୍କୁ ଗିରଫ୍ କରାଯାଇ କୋର୍ଟ ଫରୱାର୍ଡ଼ କରାଯିବା ସହିତ ହେରୋଇନ୍, ଝେରାରନ୍ଧା ଦେଶୀମଦ ଓ ସ୍କୁଟି ଜବଦ କରାଯାଇଛି । ୫ ତାରିଖ ରବିବାର ଦିନ ଭଦ୍ରକ ଗ୍ରାମାଞ୍ଚଳଥାନା ଅନ୍ତର୍ଗତ ସରମଙ୍ଗା, ଓଲଙ୍ଗ, ଚଢ଼େୟା, କାଉପୁର ଏବଂ ବରପଦା ଅଞ୍ଚଳରେ ଚଢ଼ଉ କରାଯାଇ ଗୋଟିଏ ସ୍କୁଟି ଏବଂ ୧୦୫ ଲିଟର ଝେରା ରନ୍ଧା ଦେଶୀ ମଦ ଜବଦ କରାଯାଇ ୩ଟି ମୋକଦ୍ଦମା ପଞ୍ଜିକୃତ ମୂଳେ ସଂପୃକ୍ତ ୩ ଜଣ ଝେରା ବେପାରୀଙ୍କୁ ଗିରଫ କରାଯାଇଥିଲା। ସେହିପରି ୬ ତାରିଖ ସୋମବାର ଦିନ ଭଦ୍ରକ ଗ୍ରାମାଞ୍ଚଳ ଥାନାର ରାନ୍ଧିଆ, ଡଙ୍କଗଡ଼ିଆ, ଓଲଙ୍ଗ, ବରପଦା ଅଞ୍ଚଳରେ ଚଢ଼ଉ କରାଯାଇ ୧୫ ଗ୍ରାମ୍ ଓଜନର ହେରୋଇନ୍ ଜବତ କରାଯାଇ ଏନ୍‌ଡ଼ିପିଏସ୍ ଆଇନ୍ ବଳରେ ଜଣକୁ ଓ ୮୦ ଲିଟର ଝେରା ରନ୍ଧା ଦେଶୀମଦ ଜବତ କରି ୨ଟି ମୋକଦ୍ଦମା ପଞ୍ଜିକରଣ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଫରୱାର୍ଡ଼ କରାଯାଇଛି।

## ୧୦୮ ହନୁମାନ ଚାଳିଶା ନାମଯଜ୍ଞ ଉଦ୍‌ଯାପିତ

ବାଲେଶ୍ୱର,୦୭/୦୨ (ନି.ପ୍ର): ହନୁମାନ ଚାଳିଶା ନାମଯଜ୍ଞ କମିଟି ପକ୍ଷରୁ ପଞ୍ଚମ ବାର୍ଷିକ୧୦୮ ହନୁମାନ ଚାଳିଶା ନାମଯଜ୍ଞ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ସକାଳେ କୁଣ୍ଡ ମଣ୍ଡଳାଦି ପ୍ରସ୍ତୁତି ସହ ଘଟ ସ୍ଥାପନ କରାଯାଇଥିଲା । ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବେଦଜ୍ଞ ବ୍ରାହ୍ମଣ ମାନଙ୍କ ଦ୍ୱାରା ଶ୍ରୀ ଶ୍ରୀ ହନୁମାନଜୀଙ୍କର ଷୋଡ଼ଶ ଉପଚାର ପୂଜାନୀତି ଅନୁଷ୍ଠିତ ହୋଇଥିଲା । ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଏହି ନାମଯଜ୍ଞ କାର୍ଯ୍ୟକ୍ରମରେ ମଙ୍ଗଳବାର ଅଖଣ୍ଡ ହନୁମାନ ଚାଳିଶା ପାରାୟଣ ସହିତ ଯଜ୍ଞ ପୂର୍ଣ୍ଣାହୂତି ଓ ସନ୍ଧ୍ୟାରେ ସାମୂହିକ ଦୀପଦାନ ଏବଂ ଆରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନରେ ଆୟୋଜିତ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ୨୦୦୫ ମସିହାରୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅତି ନିଷ୍ଠାର ସହିତ ଏଠାରେ ଆୟୋଜିତ ହୋଇ ଆସୁଥିବା ୧୦୮ ହନୁମାନ ଚାଳିଶା ନାମଯଜ୍ଞ କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ।

# ୟୁନାନୀ ଚିକିତ୍ସା ଓ ଶିଶୁ ସ୍ୱାସ୍ଥ୍ୟ




ଭଦ୍ରକ,୦୭/୦୨ (ନି.ପ୍ର): ଭଦ୍ରକ ବାଇପାସ ଆଂଚଳିକ ୟୁନାନୀ ଚିକିତ୍ସା ଓ ଗବେଷଣ କେନ୍ଦ୍ର ସଭାଗୃହରେ ୟୁନାନୀ ଦିବସ ପାଳନ ପୂର୍ବକାର୍ଯ୍ୟକ୍ରମ ଅବସରରେ ସଂସ୍ଥାର ରିର୍ସସ ଅଫିସର ତଥା ଇନ୍‌ଚାଂଜ ଡା. ଅବଦୁଲ ରସିଦ୍‌ଙ୍କ ସଭାପତିତ୍ୱରେ ୟୁନାନୀ ଚିକିତ୍ସା ଓ ଶିଶୁ ସ୍ୱାସ୍ଥ୍ୟ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଶିଶୁରୋଗ ବିଶେଷଜ୍ଞ ଡା. ରଘୁନାଥ ପାଢ଼ୀ ୟୁନାନୀ ଚିକିତ୍ସା ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ। ସମାନ୍ୟ ଅତିଥି ଭାବେ ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଯୋଗଦେଇ ୟୁନାନୀ ଚିକିତ୍ସାର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱରୋପ କରିଥିଲେ। ୟୁନାନୀ ଗବେଷଣା କେନ୍ଦ୍ରର ପ୍ରାକ୍ତନ ଉପନିଷେଦ ଡ. ହକିମୁଦ୍ଦିନ୍ ଖାଁ ଯୋଗଦେଇ ୟୁନାନୀ ଚିକିତ୍ସାର ଶିଶୁ ସ୍ୱାସ୍ଥ୍ୟ ପ୍ରଭାବ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀବିଚାର ମଂଚର ସଭାପତି ସନାତନ ରାଉତ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସିଆନାର ନିର୍ଦ୍ଦେଶକ ଅବ୍‌ଦୁ ସଲାମ ଓ ସଂପାଦିକା ସୋଫିଆ ସେକ୍, ଫେଲୋସିପ୍ର ସଂପାଦକ ଏସ.ଏମ ଫାରୁକ୍, ଆଇନ୍‌ଜୀବୀ ରାଧାରାଣୀ ମହାପାତ୍ର, ପ୍ରଫେସର ସଂଗ୍ରାମ ମହାନ୍ତି, ସମାଜସେବୀ ସୁଧାକର ରାଉତ, ସେକ୍ ଅନ୍‌ୱାର ଅଲ୍ଲି, ସେକ୍ ମୁକତାର ଆଜାର, ଡ. ଦୀପକ ଜେନା, ଡ. ଅନୀଲ କୁମାର ଦାସ, ଡ. ରହେମତ୍ ଅଲ୍ଲି ହବିବ୍, ୟୁନାନୀ ରିର୍ସସ ଅଫିସର ଡା. ମହମ୍ମଦ ତାରିଫ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାର ୟୁନାନୀ ଓ ଆର୍ଯ୍ୟୁର୍ବେଦିକ ଡକ୍ତର, ମହିଳା ଓ କିଶୋରୀ ମାନେ ଯୋଗଦେଇଥିଲେ। ଶେଷରେ ନର୍ସିଂ ଇନ୍‌ଚାର୍ଜ ପ୍ରତିମା ମହାନ୍ତି ଶେଷସ୍ପର୍ଶ ଦେଇଥିବାବେଳେ ନରେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ସୋହେଲେ ଅକ୍‌ତର, ସେଖାବତ ଅଲ୍ଲି ଖାନ, ମିର୍ଜା ଅବଦୁଲ ହସନ୍ ବେଗ ପରିଚାଳନା କରିଥିବାବେଳେ ଅନ୍ୟକର୍ତ୍ତାମାନେ ସହଯୋଗ କରିଥିଲେ।

## ମାଲବୁହା ଗାଡିରେ ଯାତ୍ରୀ ପରିବହନ : ୧ଲକ୍ଷ ୭ହଜାର ଟଙ୍କାର ଚାଲାଣ କାଟିଲା ପରିବହନ ବିଭାଗ

ଜଳେଶ୍ୱର,୦୭/୦୨ (ନି.ପ୍ର): ଉତ୍ତର ବାଲେଶ୍ୱରର ବିଭିନ୍ନ ସ୍ଥାନରେ ମାଲବୁହା ଗାଡି ଗୁଡିକର ଯାତ୍ରୀ ପରିବହନ ହୋଇ ଆସୁଥିବା ବେଳେ ସୋମବାର ପରିବହନ ବିଭାଗ ପକ୍ଷରୁ ଚଢାଉ କରାଯାଇଛି । ଫଳରେ ୪ଟି ଗାଡିରୁ ୭୯ହଜାର୩୮୦ ଟଙ୍କା ଚାଲାଣ କଟାଯାଇଥିବା ଜଣାଯାଇଛି । ପରିବହନ ବିଭାଗ ପକ୍ଷରୁ ଟ୍ରାଫିକ୍ ଇନିସ୍‌ପେକ୍ଟର ସମାରେନ୍ଦ୍ର ମହାପାତ୍ର ଓ ଆସିଷ୍ଟାଣ୍ଟ ଏମ୍‌ଭିଆଇ ଦେବାଶିଷ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ନୂଆବଜାର ରୋଳ ଫାଟକ ନିକଟରେ ଜଗିଥିବା ବେଳେ ଓଡି୦୧କେ-୫୫୬୩, ଓଡି୦୧ଜେ-୫୪୮୬, ଓଡି୧୧ୟୁ-୦୮୩୩, ଡବ୍ଲୁବି୩୩ସି-୬୫୪୧ପିକ୍‌ଅପ୍ ଓ ଟାଟା ଏସିରେ ଯାତ୍ରୀ ପରିବହନ ହେଉଥିବାରୁ ଚଢାଉ କରିଥିଲେ । ସେହିପରି ଶ୍ରୀରାମପୁର ପଂଚାୟତର ମାଳିପାଳ ଠାରେ ଓଡି୦୧ଏଜି-୫୯୦୨ ଏକ ଧାନବୋଝେଇ ଟ୍ରାକ୍ଟରକୁ ସେମାନେ ଜବତ୍ କରିଥିଲେ । ସେମାନଙ୍କ ଠାରୁ ମୋଟରେ ଏକଲକ୍ଷ୬ହଜାର୮୮୦ଟଙ୍କା ଯୋରିମାନା ଆଦାୟ କରିଥିଲେ ।

# ନୃତ୍ୟଗୀତରେ ଝୁମିଲା ସାରୁଗାଁ ହାଇସ୍କୁଲ



ଖଇରା,୦୭/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ଭଗବାନ ସଦାନନ୍ଦ ସରକାରୀ ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସଭା,ନୃତ୍ୟଗୀତ ତଥା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସାହୁ ସଭାପତିତ୍ୱ କରି ନିଜ ଅଭିଭାଷଣରେ ବିଦ୍ୟାଳୟରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ବିଦ୍ୟାଳୟର ସୁରକ୍ଷା ପାଚେରୀ ଓ ଗେଟ ନିର୍ମାଣ କରିବାକୁ ସିମୁଳିଆ ବିଧାୟକ ତଥା ଖଇରା ବିଡିଓଙ୍କ ନିକଟରେ ଦାବୀ ରଖିଥିଲେ । ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଲୟୋଦର ଦାସ,ମୁଖ୍ୟବକ୍ତା ଭାବେ ଉମେଶ ଚନ୍ଦ୍ର ନାୟକ, ସମ୍ମାନୀତ ବକ୍ତା ଭାବେ ଓଷ୍ଟା ସମ୍ପାଦକ ଷଡାନନ ପାଣିଗ୍ରାହୀ, ସଭାପତି ଦିନବନ୍ଧୁ ଦାଶ, ଯୁଗ୍ମ ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ସରପଞ୍ଚ ଦୟାନିଧି ନାୟକ, ଲିପିକାର ଗଜେନ୍ଦ୍ର ପ୍ରସାଦ ଲେଙ୍କା,ସିଆରସିସି ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସଂକଳ୍ପ ଓ ନିଷ୍ଠା ଥିଲେ କୌଣସୀ ପ୍ରତିବନ୍ଧକ ଲକ୍ଷରୁ ବିଚ୍ୟୁତ କରାଇପାରିବ ନାହିଁ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ ।

# ରୋଟାରୀର ଅଭିନବ ପ୍ରୟାସ : ରୋଗମୁକ୍ତ ହେବ ସମଗ୍ର ମୟୂରଭଞ୍ଜ



ଉଦଳା,୦୭/୦୨ (ନି.ପ୍ର): ରୋଟାରୀ କ୍ଲବ ବାରିପଦାର ନେତୃତ୍ୱରେ, ଉଦଳା, ବେତନଟୀ, କରଞ୍ଜିଆ ଓ ରାଇରଙ୍ଗପୁରରେ ଥିବା ରୋଟାରୀ କ୍ଲବର ସହଯୋଗ ସହିତ ଜିଲ୍ଲା ପ୍ରଶାସନ ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଏଣ୍ଡ ହସପିଟାଲ ମିଳିତ ଆନୁକୁଲ୍ୟରେ ଚଳିତ ଫେବୃଆରୀ ୧୩ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ , 'ମଲ୍ଟି ଡ଼ିସିପ୍ଲିନାରି ସର୍ଜିକାଲ କ୍ୟାମ୍ପ' ଅନୁଷ୍ଠିତ ହେବାକୁ ଯାଉଛି । ଉକ୍ତ କ୍ୟାମ୍ପ ଆୟୋଜନରେ ଓଡ଼ିଶା ଆର.ଆଇ.ଡ଼ି. – ୩୨୬୨ଏବଂ ଚଣ୍ଡିଗଡ଼ ଆର.ଆଇ.ଡ଼ି. – ୩୦୮୦ ମୁଖ୍ୟ ଭୂମିକା ଲିଭାଉଛନ୍ତି । ଏହି କ୍ୟାମ୍ପରେ ଚକ୍ଷୁ ଚିକିତ୍ସା, ଅର୍ଥୋପେଡ଼ିକ୍ସ, ପ୍ଲାଷ୍ଟିକ ସର୍ଜରୀ, ସ୍ତ୍ରୀ ଓ ପ୍ରସୂତୀ ରୋଗ, ଜେନେରାଲ ସର୍ଜରୀ, ଚର୍ମ ରୋଗ, ୟୁରୋଲୋଜି, ଦନ୍ତ ଚିକିତ୍ସା, ଇ.ଏନ୍.ଟି. ପ୍ରଭୃତିର ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ କରାଯିବ । ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ତାଙ୍କର ରହିବା, ଖାଇବା, ଔଷଧ ଇତ୍ୟାଦି ମାଗଣାରେ ଯୋଗାଇ ଦିଆଯିବ। ଆମ ଜିଲ୍ଲାରେ ବସବାସ କରୁଥିବା ଗରିବ ଲୋକ ମାନେ ଏଥିରେ ଉପକୃତ ହେଲେ ଆମେ ଖୁସି ହେବୁ ବୋଲି ଉଦଳା ରୋଟାରୀ କ୍ଲବର ସଭାପତି ହରେନ ପଟ୍ଟନାୟକ କହିଛନ୍ତି । ସେହିପରି ଏହାର ବହୁଳ ପ୍ରଚାର ପ୍ରସାର ପାଇଁ ସମସ୍ତେ ନିଜ ନିଜ ସ୍ତରରେ ଉଦ୍ୟମ କରନ୍ତୁ ବୋଲି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ଅଧିକ କିଛି ଜାଣିବା ପାଇଁ ଚାହିଁଲେ ଫୋନ ନମ୍ବର-୯୪୩୭୨୩୮୦୭ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି । ବାରିପଦାସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏ ସମ୍ପର୍କରେ ସବୁ ପ୍ରକାର ପ୍ରସ୍ତୁତି ଆଗେଇ ଚାଲିଛି ।

# କାଠ ଗାଡ଼ି ଜବତ୍ : କାଠ ଗାଡ଼ି ଛାଡ଼ି ମାଫିଆ ଫେରାର



ନୀଳଗିରି,୦୭/୦୨ (ନି.ପ୍ର): ନୀଳଗିରିରି ବନବିଭାଗ ଦ୍ୱାରା ପୁଣି ଏକ କାଠ ଗାଡ଼ି ଜବତ୍ କରାଯାଇଛି । ୧ମାସ ମଧରେ ନୀଳଗିରି ରେଞ୍ଜର ନୂତନ ଭାବେ ଯୋଗଦାନ କରି ରେଞ୍ଜ ଅଧିକାରିଣୀ ଆଇସ ଅଖତାରି ନିଶା କାଠ ମାଫିଆଙ୍କ ଆଖିରୁ ନିଦ ହଜାଇ ଦେଇଛନ୍ତି । ମଙ୍ଗଳବାର ଦିନ ପ୍ରାୟ ୧୨.୩୦ମି. ସମୟରେ ପୋଡ଼ାଶୁଳ ନିକଟରେ ପ୍ରାୟ ୫୬ସିଫ୍ଟ ତୁତୁରା ଏବଂ ସିମୁଳି ଗଣ୍ଡି ଭର୍ତି ଏକ ପିକ୍‌ଅପ କୁ ଜବତ୍ କରିବାରେ ସକ୍ଷମ ହୋଇଛନ୍ତି । ଘଟଣାସ୍ଥଳରେ ପିକ୍‌ଅପ ଭର୍ତି କାଠ ଗାଡ଼ିକୁ ଛାଡ଼ି ଡ୍ରାଇଭର ଫେରାର ହୋଇଯାଇଥିବା ବନବିଭଗ ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ ଏ.ସି.ଏଫ ଦିଗନ୍ତ ଶୋଭନ ଚାନ୍ଦଙ୍କ ସହ ନୀଳଗିରି ରେଞ୍ଜର ଆଇସା : ଏ : ନିଶା , କୁଳଡିହା ରେଞ୍ଜର ଅନନ୍ତ ନାରାୟଣ ଜେନା, ଫରେଷ୍ଟର ରାମଚନ୍ଦ୍ର ଲେଙ୍କା, ଫରେଷ୍ଟ ଗାର୍ଡ ସୁଲୋଚନା ବେହେରାଙ୍କ ସହ ଗଜସାଥୀ ସାମିଲ ଥିଲେ ।

# ଓଡିଶା କ୍ଲବ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଦେବୀ ସିଂ ଓ ପ୍ରଭାତି ସିଂଙ୍କ ସଫଳତା



ବାରିପଦା,୦୭/୦୨ (ନି.ପ୍ର): ଚଳିତ ମାସ ୫ ଏବଂ ୬ ତାରିଖ ଦୁଇ ଦିନ ଧରି ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ଓଡିଶା କ୍ଲବ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ରେ ମୟୁରଭଞ୍ଜ ଜିଲା ବାରିପଦାସ୍ଥିତ ମୟୁରଭଞ୍ଜ ଜିମ୍ନାସିୟମର ଦୁଇ ଜଣ ପ୍ରତିଯୋଗୀ ଦେବୀ ସିଂ ଏବଂ ପ୍ରଭାତୀ ସିଂ ଅଂଶ ଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି । ଦେବୀ ୬୩ କେଜି ବର୍ଗରେ ମୋଟ ଚାରିଶହ (୪୦୦) କେଜି ଏବଂ ପ୍ରଭାତି ୫୩ କେଜି ବର୍ଗରେ ମୋଟ ୩୩୨ କେଜି ଉତ୍ତୋଳନ କରି ଉଭୟ ସିନିଅର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏଥି ସହିତ ଦେବୀ ସିଂ ଷ୍ଟ୍ରଙ୍ଗ ଓମେନ ଅଫ ଓଡିଶା ଆଖ୍ୟା ଅର୍ଜନ କରିଛନ୍ତି। ଓଡିଶା ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ପକ୍ଷରୁ ଉଭୟ ଙ୍କୁ ସ୍ୱର୍ଣ୍ଣ ପଦକ ଏବଂ ନଗଦ ରାଶି ପ୍ରଦାନ କରାଯାଇଅଛି । ଉଭୟ ସଫଳ ପ୍ରତିଯୋଗୀ ଙ୍କୁ ମୟୁରଭଞ୍ଜ ଜିଲା ଶକ୍ତିଉତ୍ତୋଳନ ସଂଘ ଏବଂ ମୟୁରଭଞ୍ଜ ଜିମ୍ନାସିୟମ ର ସଂପାଦକ ନବ କୁମାର ସାହୁ , କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସତ୍ୟବ୍ରତ ବେହେରା, ସୁମିତ କୁମାର ସାହୁ , ରାଜେନ୍ଦ୍ର କୁମାର ପରିଡା , ନିତେଶ ବାରିକ ପ୍ରମୁଖ ଙ୍କ ଅନ୍ୟାନ୍ୟ କର୍ମକର୍ତ୍ତାବୃନ୍ଦ ଅଭିନନ୍ଦନ ଜଣାଇଛନ୍ତି ।

# କଂଗ୍ରେସ ତରଫରୁ ବ୍ୟାଙ୍କ ସମ୍ମୁଖରେ ଧାରଣା



ବାରିପଦା, ୦୭/୦୨ (ନି.ପ୍ର): ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ ବାରିପଦା ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ କେନ୍ଦ୍ରର ମୋଦି ସରକାର ଆଦାନୀ ଗ୍ରୁପକୁ ଅହେତୁକ ଅନୁକମ୍ପା ଦେଖାଇ ଏସ.ବି.ଆଇ. ଭଳି ବ୍ୟାଙ୍କରୁ ହଜାର ହଜାର କୋଟି ଏବଂ ଲାଇଫ ଇନସ୍ୟୁରେନସ ଭଳି ସରକାରୀ ଅନୁଷ୍ଠାନ ପୁଂଜି ନିବେଶ କରାଇ ଦେଶର ଅର୍ଥନୀତିକୁ କ୍ଷତି ପହଂଚାଇ ଥିବାରୁ ଧାରଣା ପ୍ରଦର୍ଶନ କରାଯାଇଛି । ଆଦାନୀ ଭଳି କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ମୋଦି ସରକାର ସହାୟତା ଯୋଗାଇଦେଇ ଗରିବ ଖଟିଖିଆ ଓ ମଧବିତ ପରିବାରକୁ ଗରିବୀ ଆଡ଼କୁ ଠେଲି ଦେଉଥିବା ପ୍ରତିବାଦରେ ଆଜି ଷ୍ଟେଟ ବ୍ୟାଙ୍କ ଓ ଏଲ.ଆଇ.ସି. ଅଫିସ ସମ୍ମୁଖରେ ପ୍ରତିବାଦ ଓ ଧାରଣା ଦିଆଯାଇଥିଲା । ତୁରନ୍ତ ବ୍ୟାଙ୍କ ରୁ ଯେଉଁ ହଜାର ହଜାର କୋଟି ଟଙ୍କା ଋଣ ନେଇ ସାଧାରଣ ଲୋକଙ୍କୁ ଠକୁଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ହେମନ୍ତ ଦାସ, ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ଅଶୋକ ଅଧିକାରୀ, ବାରିପଦା ଟାଉନ ସଭାପତି ଶାନ୍ତନୁ ପାଲ, ମହିଳା ସଭାନେତ୍ରୀ ସୁସ୍ମିତା ଘୋସାଲ, ଉପସଭାପତି ଅରବିନ୍ଦ ଦାସ, ପିସିସି ସଦସ୍ୟ ଯୋଗେଶ ଅଗ୍ରୱାଲ, ଓବିସି ସେଲ ସଭାପତି ଦିଲ୍ଲିପ ନାଏକ, ପୂର୍ବତନ ଉପନଗରପାଳ ପ୍ରଦୀପ ମିଶ୍ର, ରାଇରଙ୍ଗପୁର ଟାଉନ କଂଗ୍ରେସ ନଗରପାଳିକା ପ୍ରାର୍ଥୀ ଭଜହରି ମହାନ୍ତ, ମୋରଡା ବ୍ଲକ ସଭାପତି ସେଖ ମୁସ୍ତଫା, ବାଙ୍ଗିରିପୋଷି ବ୍ଲକ ସଭାପତି ମୁରଲୀ ନାୟକ, ଟାଉନ ମହିଳା ସଭାନେତ୍ରୀ ରଶ୍ମିତା ମିଶ୍ର, ହରିଶଙ୍କର ଦାସ, ଜିଲ୍ଲା କୋଷାଧକ୍ଷ ଦୀପକ ଦାଶ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ଯୁବନେତା ଶିବାନନ୍ଦ ଜାନେନ୍ଦ୍ର ଦାସ, ଛାତ୍ର ଉପ ସଭାପତି ଆରବ ପଣ୍ଡା, ମହିଳା ନେତ୍ରୀ ଇତିଶ୍ରୀ ମିଶ୍ର, କିଶାନ ନେତା ବୁଧୁରାମ ସିଂ, ସୁଭସ୍ମିତା ଦାସ, ଟାଉନ ସଂପାଦକ ସ୍ୱାଗନ ଦାସ, ବେତନଟୀ ବ୍ଲକ ସଭାପତି କୁଶଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo